୬ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଖେଳିବେନି ଜସପ୍ରିତ ବୁମ୍ରା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ଧର୍ମଣେ ବାଧ୍ୟକାରସେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୧୫୦ ● ୨୮ ଜୁନ୍ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-150 ●28th June 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ

# ବଡ଼ଦାଣ୍ଡରେ ଅଟକିଲା ତିନି ରଥ









**ପୁରୀ, ୨୭।୬ : ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଶୁକ୍ରବାର ସନ୍ଧ୍ୟାରେ ରଥଟଣା ସ୍ଥଗିତ ରଖାଯାଇଛି । ବଳଭଦ୍ରଙ୍କ 'ତାଳଧ୍ୱଜ' ବଳଗଣ୍ଡି ଠାରେ ଅଟକି ଥିବା ବେଳେ ମରିଚିକୋଟରେ ସୁଭଦ୍ରାଙ୍କ 'ଦର୍ପଦଳନ' ପହଞ୍ଚିଛି । ବିଶ୍ୱନିୟନ୍ତା କାଳିଆ ଠାକୁରଙ୍କ 'ନନ୍ଦିଘୋଷ' ରଥ ଅଳ୍ପ ଦୂର ଆଗକୁ ବଢି ଅଟକିଛନ୍ତି । ଶନିବାର ପୁଣି ଥରେ ମହାପ୍ରଭୁଙ୍କ ରଥ ଗଡ଼ିବ ।

ଶ୍ରୀ ମନ୍ଦିରର ନୀତିକାନ୍ତି ପରେ ଶ୍ରୀଜୀଉମାନଙ୍କର ପହଣ୍ଡି ଆରମ୍ଭ କରାଯାଇଥିଲା । ପ୍ରଥମେ ପ୍ରଭୁ ସୁଦର୍ଶନ, ତା ପରେ ବଡ଼ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡିରେ ଆସି ରଥ ଉପରେ ବିରାଜମାନ କରିଥିଲେ ।

ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ଶୁକ୍ରବାର ସକାଳ ୬ଟାରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ହୋଇଥିଲା । ୬ଟା ୧୦ରେ ମଇଲମ, ୬ଟା ୩୦ରେ ତଡ଼ପ ଲାଗି, ରୋଷହୋମ ଓ ୭ଟାରେ ଅବକାଶ ପରେ ୭ଟା ୧୦ରେ ସୂର୍ଯ୍ୟପୂଜା, ସାଢ଼େ ୭ଟାରେ ଦ୍ୱାରପାଳ ପୂଜା

■ ଦେଢଗୁଣା ଅଧିକ ଭକ୍ତଙ୍କ ସମାଗମ ଯୋଗୁଁ ରଥଟଣା ବିଳମ୍ବ : ଆଇନ୍ ମନ୍ତ୍ରୀ
■ ସବୁ କିଛି ମହାପ୍ରଭୁଙ୍କ ଇଚ୍ଛାରେ ଚାଲିଛି : ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ଏବଂ ବେଶ ଶେଷ କରାଯାଇଥିଲା । ସେହିପରି ସକାଳ ୮ଟାରୁ ୯ଟା ଯାଏଁ ଗୋପାଳ ବଲ୍ଲଭ ଓ ସକାଳ ଧୂପ (ଖେଚୁଡ଼ି ଭୋଗ) ନୀତି ପରେ ୯ଟା ୧୫ରେ ମଙ୍ଗଳାର୍ପଣ କରାଯାଇଥିଲା ।

ପୂର୍ବାହ୍ନ ପ୍ରାୟ ୧୦ଟାରେ ପ୍ରଭୁ ବଳଭଦ୍ରଙ୍କର ପହଣ୍ଡି ଆରମ୍ଭ କରାଯାଇଥିବା ବେଳେ ଅପରାହ୍ଣ ପ୍ରାୟ ୩ଟାରେ ଶ୍ରୀଜୀଉମାନଙ୍କୁ ରଥାରୂଢ଼ କରାଯାଇଥିଲା । ରଥ ଉପରେ ଆବଶ୍ୟକ ନୀତି ଶେଷ ହେଲା ପରେ ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବ ରଥରେ ସୁନା ଝାଡ଼ୁରେ ଛେରାପହଁରା କରିବା ପରେ ଘୋଡ଼ା ଯୋଚା ଯାଇଥିଲା । ଏହି ନୀତି ସଂପନ୍ନ ହେବା ପରେ ଅପରାହ୍ନରେ ୪ଟା ସୁଦ୍ଧା ତିନି ରଥରୁ ଚରମାଳ ଫିଟା ଯାଇଥିଲା । ଅପରାହ୍ଣ ପ୍ରାୟ ୪ଟା ୧୦ରେ ତାଳଧ୍ୱଜ ରଥ ଶରଧାବାଲି ଅଭିମୁଖେ ବାହାରିଥିଲା । ପ୍ରାୟ ୬ଟାରେ ସୁଭଦ୍ରାଙ୍କ ଦର୍ପଦଳନ ବାହାରିଥିବା ବେଳେ ୭ଟା ୪୫ରେ ନନ୍ଦିଘୋଷରେ ମହାପ୍ରଭୁ ଜଗନ୍ନାଥ ଆଗକୁ ବଢିଥିଲେ । ଶନିବାର ପୂର୍ବାହ୍ଣ ସାଢେ ୯ଟାରେ ପୁଣି ଥରେ ରଥ ଟଣାଯିବ ।

ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ଶେଷରେ ଶରଧାବାଲି ଅଭିମୁଖେ ବାହାରିଥିଲା । କାଳିଆ ଠାକୁରଙ୍କ ନନ୍ଦିଘୋଷକୁ ଭକ୍ତମାନେ ଶ୍ରଦ୍ଧାର ସହିତ ଟାଣିଟାଣି ନେଇଥିଲେ । ବଡ଼ଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ଏହାରି ଭିତରେ ହରିବୋଲ ଓ ହୁଳହୁଳି ସହିତ ଘଣ୍ଟ, ଶଙ୍ଖ ଧ୍ୱନୀ ଏବଂ ସଂକୀର୍ତ୍ତନରେ ସମଗ୍ର ବଡଦାଣ୍ଡ ଅଞ୍ଚଳରେ ଏକ ଭବ୍ୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ନନ୍ଦିଘୋଷ ପୂର୍ବରୁ ଦେବୀ ସୁଭଦ୍ରା ନିଜର ଦର୍ପଦଳନରେ ଆଗକୁ ବଢିଥିଲେ । ପ୍ରଥମେ ପ୍ରଭୁ ବଳଭଦ୍ରଙ୍କର ତାଳଧ୍ୱଜ ସିଂହଦ୍ୱାର ସାମ୍ନାରୁ ବାହାରି ଥିଲା । (ପୃଷ୍ଠା ୭ରେ)

## ୩୦ରେ ଜନସାଧାରଣଙ୍କ ସମସ୍ୟା ଶୁଣିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୭।୬**
**ନ୍ୟୁଜ୍ ବ୍ୟୁରୋ**

ଜନସାଧାରଣଙ୍କ ସମସ୍ୟା ଶୁଣି ଏହାର ତ୍ୱରିତ ସମାଧାନ ଦିଗରେ ଗୁରୁତ୍ୱ ଦିଆଯାଉଛି । ଏହି କ୍ରମରେ ଆସନ୍ତା ୩୦ ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଶୁକ୍ରବାର ଦିନ ୧୨ ଟାରୁ ପଞ୍ଜୀକରଣ ଜାରି ରହିଛି । ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜିକରଣ କରିପାରିବେ ।

## ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶ ଉପରେ ଆଲୋକପାତ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୨୭।୬**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ଉପରେ ଶୁକ୍ରବାର ଆଲୋକପାତ କରିଛନ୍ତି । ସେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଏକ ସ୍ତମ୍ଭ ସମ୍ପର୍କରେ ଉଲ୍ଲେଖ କରି ଭାରତୀୟ ରେଳ ଯାତ୍ରା କିପରି ସହଜ ହୋଇଛି ତାହାର ଅବତାରଣା କରିଛନ୍ତି । ବିଶେଷକରି ପବିତ୍ର ଶ୍ରୀ ଜଗନ୍ନାଥଙ୍କ ଧାମ ପୁରୀକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ପାଇଁ ଯାତ୍ରାକୁ ସହଜ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି "ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ପାଇଁ ଗତ ୧୧ ବର୍ଷ ବାସ୍ତବରେ ଐତିହାସିକ । ଭାରତୀୟ ରେଳ ଯାତ୍ରା କିପରି ସହଜ ହୋଇଛି, ବିଶେଷକରି ରଥଯାତ୍ରା ଦେଖିବା ପାଇଁ ମହାପ୍ରଭୁଙ୍କ ଧାମ ପବିତ୍ର ନଗରୀ ଜଗନ୍ନାଥ ପୁରୀକୁ ଆସୁଥିବା ତୀର୍ଥଯାତ୍ରୀମାନଙ୍କ ଲାଗି ଏହାକୁ କିପରି ସୁଗମ କରାଯାଇଛି ସେ ବିଷୟରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲେଖିଛନ୍ତି ।

## ହସ୍ପିଟାଲ ବେଡ୍‌ରୁ ରଥଯାତ୍ରା ଦେଖିଲେ ନବୀନ

**ଭୁବନେଶ୍ୱର, ୨୭।୬**
**ନ୍ୟୁଜ୍ ବ୍ୟୁରୋ**

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟଜନିତ ସମସ୍ୟା ପାଇଁ ମୁମ୍ବାଇର କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ଗତ ୨୨ ତାରିଖ ଠାରୁ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିବା ବେଳେ ସେ ଏବେ ଧୀରେ ଧୀରେ ସୁସ୍ଥ ହେଉଛନ୍ତି । ପବିତ୍ର ରଥଯାତ୍ରା ଅବସରରେ ସେ ଶୁକ୍ରବାର ମୁମ୍ବାଇର ଘରୋଇ ଡାକ୍ତରଖାନାରେ ଥିବା ମେଡିକାଲ ବେଡରୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦେଖିଛନ୍ତି । ସେ ରଥଯାତ୍ରା ଦେଖୁଥିବାର ଏକ ଭିଡିଓ ଭାଇରାଲ ହୋଇଛି । ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମରେ ଏହି ଭିଡିଓକୁ ଶେୟାର କରାଯାଇଛି ।

ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ



ଭିଡିଓ ଜାରି କରି କହିଥିଲେ, ଜୟ ଜଗନ୍ନାଥ ଏବଂ ସମସ୍ତଙ୍କର ଏହି ପବିତ୍ର ଉତ୍ସବରେ ଆନନ୍ଦ ଓ ସମୃଦ୍ଧି କାମନା କରୁଛି । ନବୀନଙ୍କ ଏହି ଶୁଭେଚ୍ଛା ବାର୍ତ୍ତା ତାଙ୍କ ସୁସ୍ଥତାର ସୂଚନା ଦେବା ସହ ଲୋକଙ୍କ ମନରେ ଉତ୍ସାହ ସୃଷ୍ଟି କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚରିବା ପାଇଁ ଗୁରୁବାର ରାତିରେ ତାଙ୍କ ସହ ଫୋନରେ କଥା ହୋଇଥିଲେ ଏବଂ ଶୀଘ୍ର ଓ ପୂର୍ଣ୍ଣ ଆରୋଗ୍ୟ ପାଇଁ (ପୃଷ୍ଠା ୭ରେ)

## ମୁଖ୍ୟମନ୍ତ୍ରୀଙ୍କ ହାତରୁ ଟଙ୍କ ତୋରାଣି ପିଇଲେ ଶ୍ରଦ୍ଧାଳୁ

**ପୁରୀ, ୨୭।୬ : ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବଡ଼ଦାଣ୍ଡରେ ଶ୍ରଦ୍ଧାଳୁମାନଙ୍କୁ ଟଙ୍କ ତୋରାଣି ବିତରଣ କରିଛନ୍ତି । ବଡ଼ଦାଣ୍ଡ ପାର୍ଶ୍ୱରେ ଖୋଲାଯାଇଥିବା ଏକ ଷ୍ଟଲରେ ମୁଖ୍ୟମନ୍ତ୍ରୀ ଟଙ୍କ ତୋରାଣି ବାଣ୍ଟୁଥିବା ବେଳେ ଶ୍ରଦ୍ଧାଳୁମାନେ ହର୍ଷୋଲ୍ଲାସର ସହିତ ଏହାକୁ ଗ୍ରହଣ କରିବା ସହିତ ଶ୍ରଦ୍ଧାର ଶୋଷ ମେଣ୍ଟାଇଥିଲେ ।

ସୂଚନାଯୋଗ୍ୟ, ଟଙ୍କ ତୋରାଣିକୁ ଅବଢ଼ା ତୋରାଣି ମଧ୍ୟ କୁହାଯାଇଥାଏ । ଏହା ଶ୍ରୀମନ୍ଦିରର ଆନନ୍ଦ ବଜାରରେ ମିଳୁଥିବା ଏକ ପାନୀୟ । ଏହି ତୋରାଣି ରନ୍ଧା ଅବଢ଼ା ଅନ୍ନରେ ଦହି, କଞ୍ଚା ଲଙ୍କା, ଲେମ୍ବୁ, ଅଦା, ଭୃଷୁଙ୍ଗ ପତ୍ର ଓ ଜିରା ଗୁଣ୍ଡ ଆଦି ମିଶାଇ ପ୍ରସ୍ତୁତ କରାଯାଏ । ରଥଯାତ୍ରା ସମୟରେ ବଡ଼ଦେଉଳରୁ ମାଉସୀ ମା' ମନ୍ଦିର ଯାଏ ରଥ



ଟାଣି ନେଲାବେଳେ ଶ୍ରଦ୍ଧାଳୁମାନଙ୍କୁ ସେବନ ପାଇଁ ଏହି ଟଙ୍କ ତୋରାଣି ବଣ୍ଟାଯାଇଥାଏ । ୨୦୧୩ ମସିହାରୁ ଓଡ଼ିଶା ପୁଲିସ ହାବିଲଦାର ପକ୍ଷରୁ ମନ୍ଦିର ଆଗରେ ଏକ ଅବଢ଼ା ତୋରାଣି ବଣ୍ଟନ କେନ୍ଦ୍ର ଖୋଲି ଟଙ୍କ ତୋରାଣି ବିତରଣ (ପୃଷ୍ଠା ୭ରେ)

## ୬ ନକ୍ସଲଙ୍କ ଆତ୍ମସମର୍ପଣ

**ନାରାୟଣପୁର, ୨୭।୬**

ନାରାୟଣପୁର ପୋଲିସ ଦ୍ୱାରା ଆଇଟିବିପି, ବିଏସଏଫ, ଏସଟିଏଫର ମିଳିତ ବାହିନୀ ସହିତ ଚାଲିଥିବା ନକ୍ସଲ ବିରୋଧି ଅପରେସନରେ ସବୁଠାରୁ ସମ୍ବେଦନଶୀଳ ଅଞ୍ଚଳରେ ନିରନ୍ତର ଶିବିର ସ୍ଥାପନ ଯୋଗୁଁ ପୋଲିସ ଉପରେ ଚାପ ବୃଦ୍ଧି ପାଇଛି ।

ଫଳସ୍ୱରୂପ ଶୁକ୍ରବାର ଦିନ ୧୦ ଲକ୍ଷ ଟଙ୍କାର ପୁରସ୍କାର ବହନ କରିଥିବା ୬ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ସମସ୍ତ ନକ୍ସଲଙ୍କୁ ପ୍ରୋତ୍ସାହନ ସ୍ୱରୂପ ୫୦ ହଜାର ଟଙ୍କାର ଚେକ୍ ଦିଆଯାଇଛି ।

ଏହି ଅବସରରେ ୧୩୫ ବାଟାଲିୟନ ସୀମା ସୁରକ୍ଷା ବାହିନୀର କମାଣ୍ଡାଣ୍ଟ ନାଭାଲ ସିଂହ, ୫୩ ବାଟାଲିୟନ ଆଇଟିବିପିର କମାଣ୍ଡାଣ୍ଟ ସଞ୍ଜୟ କୁମାର, ଅତିରିକ୍ତ ପୋଲିସ ଅଧିକ୍ଷକ (ନକ୍ସଲ ଅପରେସନ) ରବିନସନ ଗୁଡ଼ିଆ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । (ପୃଷ୍ଠା ୭ରେ)

## ପୁଣି ଯୁଦ୍ଧ ପ୍ରସ୍ତୁତ କଲାଣି ପାକିସ୍ତାନ !



**ନୂଆଦିଲ୍ଲୀ, ୨୭।୬**

ପହଲଗାମ ଆକ୍ରମଣ ପରେ ପରାଜୟର ସାମ୍ନା କରିବା ପରେ ମଧ୍ୟ ପାକିସ୍ତାନ ତାର ଅଭ୍ୟାସ ଛାଡି ପାରିନାହିଁ । ପାକିସ୍ତାନ ପୁଣି ଥରେ ଭାରତ ବିରୋଧରେ ଏକ ବଡ଼ ଷଡ଼ଯନ୍ତ୍ର ରଚୁଛି । ରିପୋର୍ଟରୁ ସୂଚନା ମିଳିଛି ଯେ ପାକିସ୍ତାନରେ ଅପରେଶନ ସିନ୍ଦୂର ଅଧୀନରେ ଧ୍ୱଂସ ହୋଇଥିବା ଆତଙ୍କବାଦୀ ଲଞ୍ଚିଂ ପ୍ୟାଡ ଏବଂ ତାଲିମ କେନ୍ଦ୍ରଗୁଡ଼ିକୁ ଏବେ ପୁନଃନିର୍ମାଣ କରାଯାଉଛି । ଏହି କାର୍ଯ୍ୟକଳାପ ବିଶେଷକରି ପାକ ଅଧିକୃତ କଶ୍ମୀରର ଘନ ଜଙ୍ଗଲ ଏବଂ ଦୁର୍ଗମ ଅଞ୍ଚଳରେ ଦେଖାଯାଉଛି ।

ରିପୋର୍ଟ ଅନୁଯାୟୀ, ପାକିସ୍ତାନର ଗୁଇନ୍ଦା ସଂସ୍ଥା, ପାକିସ୍ତାନୀ ସେନା ଏବଂ ସରକାର ଏହି ଆତଙ୍କବାଦୀ କାର୍ଯ୍ୟକଳାପକୁ ସିଧାସଳଖ ସମର୍ଥନ କରୁଛନ୍ତି । ବାହାବଲପୁରରେ ଏକ ସମ୍ପ୍ରତି ଏକ ଉଚ୍ଚସ୍ତରୀୟ ବୈଠକରେ, ଏହି ଶିବିରଗୁଡ଼ିକୁ ପୁନଃସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଜୈଶ-ଏ-ମହମ୍ମଦ, ଲସ୍କର-ଏ-ତୋଏବା, ହିଜବୁଲ ମୁଜାହିଦ୍ଦିନ ଏବଂ ଆଇଏସ୍‌ଆଇ ଭଳି ଆତଙ୍କବାଦୀ ସଂଗଠନର ଶୀର୍ଷ କମାଣ୍ଡର ଏବଂ ପାକିସ୍ତାନ ସେନା ଏବଂ ଆଇଏସ୍‌ଆଇର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ । ଗୁଇନ୍ଦା ସଂସ୍ଥାଗୁଡ଼ିକ (ପୃଷ୍ଠା ୭ରେ)

## ପ୍ରବଳ ବର୍ଷା ପାଇଁ ସତର୍କତା ଜାରି

**ଭୁବନେଶ୍ୱର, ୨୭।୬**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ପ୍ରବଳ ବର୍ଷା ଆଶଙ୍କା କରି ଗୃହ ଓ ନଗର ଉନ୍ନୟନ ବିଭାଗ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି)କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଜାରି କରିଛି ।

ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀ ୟୁଏଲବି ଗୁଡ଼ିକୁ ସମ୍ଭାବ୍ୟ ଜଳାବଦ୍ଧ ଅଞ୍ଚଳରେ ଜଳ ନିଷ୍କାସନ ନିମନ୍ତେ ପାଣି ପମ୍ପକୁ ଆଗୁଆ ରଖିବା ସହ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟକ୍ଷମ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଅତ୍ୟଧିକ ବର୍ଷା ଯୋଗୁ ସୃଷ୍ଟି



ହେଉଥିବା ଯେକୌଣସି ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଦ୍ରୁତ ପ୍ରତିକ୍ରିୟା ଦଳ ଗଠନ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ପ୍ରତିକୂଳ ପରିସ୍ଥିତି ସମୟରେ ସହରାଞ୍ଚଳର ପ୍ରଭାବଶାଳୀ ପରିଚାଳନା ସୁନିଶ୍ଚିତ କରିବା ପାଇଁ ୟୁଏଲବି ସହ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ବିଭାଗ ଏହାର ପ୍ରତିବଦ୍ଧତାକୁ (ପୃଷ୍ଠା ୭ରେ)

# ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦୟଭାବନା ସଭାଗୃହ ଠାରେ ଆଞ୍ଚଳିକ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ସଡକ ସୁରକ୍ଷା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ଜ୍ୟୋତି ଶଙ୍କର ରାୟ ଦୁର୍ଘଟଣାର କାରଣ ଗୁଡ଼ିକ ଉପରେ ଗୁରୁତ୍ୱାରୋପ କରି ତାର ନିରାକରଣ ନିମନ୍ତେ ପଦକ୍ଷେପ ନେବା ପାଇଁ କହିଥିଲେ ଏବଂ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ ମଧ୍ୟ କହିଥିଲେ ଯେ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ଲୋକଙ୍କୁ ଯେମିତି ସଠିକ୍ ସମୟରେ ସାହାଯ୍ୟ ଓ ସହାୟତା ପ୍ରଦାନ କରାଯିବ ସେ ପ୍ରତି ଦୃଷ୍ଟି ଦିଆଯାଉ । ଏହି ବୈଠକରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ, ନିରଞ୍ଜନ ବେହେରା କହିଲେ ଯେ ଗତ ୨ ମାସ ମଧ୍ୟରେ ଏନ୍‌ୟଫୋର୍ସମେଣ୍ଟ ଫଳରେ ଦୁର୍ଘଟଣାର ମାତ୍ରା କମିଛି । ତେଣୁ ପୋଲିସ, ପ୍ରଶାସନ, ପରିବହନ ବିଭାଗ ଓ ଜନସାଧାରଣଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟ ସମ୍ଭବ ବୋଲି ସେ କହିଥିଲେ । ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ମଧ୍ୟ ଦୁର୍ଘଟଣାର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ । ଏହି ବୈଠକରେ ଉପସ୍ଥିତ ରହି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜଗତସିଂହପୁର, ସତ୍ୟବ୍ରତ ଦାଶ କହିଲେ ଯେ ଅଧିକ ଦୁର୍ଘଟଣା ଗସ୍ତ ଥାନା ପରିସର ଗୁଡ଼ିକ ଉପରେ ଧ୍ୟାନ ଦିଆଯିବ ଏବଂ ନିରାକରଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ବୈଠକରେ ଜିଲ୍ଲାରେ ସଡକ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ରାସ୍ତାରେ ଲୁହା ପଥର ବୋଝାଇ ଟ୍ରକ୍ ଲାଇନ୍ ହୋଇରହିବା ପ୍ରମୁଖ ଦୁର୍ଘଟଣାର କାରଣ ପାଲଟି ଥିବାରୁ ଏଥିପ୍ରତି ସଜାଗ ରହିବା ପାଇଁ କୁହାଯାଇଥିଲା । ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ସାଇନ୍‌ବୋର୍ଡ ଲଗାଇବାର ସ୍ଥାନ ଚୟନ କରି ନିର୍ବାହୀ ଅଧିକାରୀ, ପୌରପରିଷଦ, ଜଗତସିଂହପୁରଙ୍କୁ ଅବଗତ କରାଇବା ପାଇଁ କୁହାଯାଇଥିଲା । ଅଠର ବର୍ଷରୁ କମ୍ ବୟସ୍କ ପିଲାମାନଙ୍କ ଗାଡ଼ି ଚଳାଇବା ଉପରେ କଟକଣା କରିବା ଦିଗରେ ଆଲୋଚନା ହୋଇଥିଲା । ବୁଲାପ୍ରାଣୀ ସମସ୍ୟା ଆଦି ବିଷୟରେ ଆଲୋଚନା କରାଯାଇଥିଲା ଏବଂ ନିର୍ବାହୀ ଅଧିକାରୀ ପୌରପରିଷଦ, ଜଗତସିଂହପୁର ଓ ପାରାଦୀପଙ୍କୁ ଗୋଶାଳାର ବ୍ୟବସ୍ଥା ପାଇଁ ପରାମର୍ଶ ଦିଆଯାଇଥିଲା । ଆହୁରି ମଧ୍ୟ ଆଇଆରଏଡି ବା ଇଣ୍ଟିଗ୍ରେଟେଡ ରୋଡ ଆକ୍ସିଡେଣ୍ଟ ଡାଟାବେସ୍, ଇଲେକ୍ଟ୍ରୋନିକ ଡିଟେଲ ଆକ୍ସିଡେଣ୍ଟ ରିପୋର୍ଟର କାର୍ଯ୍ୟକାରିତା ବିଷୟରେ ଆଲୋଚନା କରାଯାଇଥିଲା । ଗାଡ଼ି ଚାଳକ ମାନଙ୍କୁ ସତର୍କ କରାଇବା ପାଇଁ ବସ୍ ଓ ଟ୍ରକ୍ ମାଲିକ ସଂଘଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ୨୨ ଜଣ ଗୁଡ ସମାରିଟାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଭିନ୍ନ ବିଭାଗର ଅଧିକାରୀ ଓ ସହରର ବୁଦ୍ଧିଜୀବୀମାନେ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ଏହି ବୈଠକରେ କମିଟିର ସଦସ୍ୟ, ବସ୍ ଓ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା, ସହରର ବରିଷ୍ଠ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ ଓ ଶେଷରେ ଅତିରିକ୍ତ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଜ୍ରପାତ ସମୟରେ ଜନତାଙ୍କୁ ସୁରକ୍ଷା ଦେବା ଆମର ପ୍ରଥମ କର୍ତ୍ତବ୍ୟ: ଜିଲ୍ଲାପାଳ



**କେନ୍ଦୁଝର, ନ୍ୟୁଜ୍**

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ଆନୁକୂଲ୍ୟରେ ବଜ୍ରପାତରୁ ସୁରକ୍ଷା ତଥା ବିଜୁଳି, ଘଡ଼ଘଡ଼ି ସମୟରେ ସଚେତନ ହେବା ନିମନ୍ତେ ଏକ ପ୍ରଚାର ରଥର ଶୁଭାରମ୍ଭ ହୋଇଛି । ଏହାକୁ ଆନୁଷ୍ଠାନିକ ଭାବେ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି ଓ ଏହି ରଥ ଜିଲ୍ଲାର ସମସ୍ତ ବ୍ଲକ, ଗ୍ରାମପଞ୍ଚାୟତ ଓ ପୌରାଞ୍ଚଳ ଗସ୍ତ କରି ଲୋକଙ୍କୁ ସଚେତନ କରିବା ସହ ସାମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ, ଘଡ଼ଘଡ଼ି, ବିଜୁଳି ସମୟରେ ନିଜକୁ ସୁରକ୍ଷିତ ରଖିବା ପାଇଁ ଗଛ ତଳେ ବା ବୁଦା ନିକଟରେ ଆଶ୍ରୟ ନନେବା, ଖୋଲା ପଡ଼ିଆ ବା କ୍ଷେତରେ ନରହିବା, ବିଜୁଳି ମାରିବା ସମୟରେ ବାହାରକୁ ନବାହାରିବା, ଘରେ ଥିବାବେଳେ ଝରକା, କବାଟ ଏବଂ କାନ୍ଥ ଠାରୁ ଛାଡ଼ି କରି ରହିବା ଓ ଅନ୍ୟାନ୍ୟ ସାବଧାନତା ଉପରେ ଲୋକଙ୍କୁ ପ୍ରଚାର ମାଧ୍ୟମରେ ସଚେତନ କରିବା । କେନ୍ଦୁଝର ଜିଲ୍ଲାର ଭୌଗଳିକ ସ୍ଥିତି ଆଧାରରେ ବାରମ୍ବାର ବଜ୍ରପାତ ଘଟୁଥିବା ସମୟରେ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ସୁରକ୍ଷା ଦେବା ଆମର ପ୍ରଥମ କର୍ତ୍ତବ୍ୟ ଏବଂ ସଚେତନତା ଓ ସତର୍କତା ହିଁ ସୁରକ୍ଷା ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ପ୍ରମୁଖ ଉପସ୍ଥିତ ଥିଲେ ଓ ଓଏସ୍‌ଡିଏମ୍‌ଏର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଏସ୍‌କେ ଇଜାଜ୍ ଇକ୍‌ବାଲ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ନିର୍ଯାତନା ଓ ଦୁଷ୍କର୍ମକୁ ବିରୋଧ କରି ଯୁବ ବିଜୁ ଛାତ୍ର ଜନତା ଦଳ ରାସ୍ତାକୁ ଓହ୍ଲାଇଲା

**ତିର୍ତ୍ତୋଲ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବଢ଼ି ଚାଲିଥିବା ନାରୀ ନିର୍ଯାତନା ଓ ଗଣଦୁଷ୍କର୍ମକୁ ବିରୋଧ କରି ସାରା ରାଜ୍ୟରେ ଆନ୍ଦୋଳନକୁ ଓହ୍ଲାଇଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ । ବିଜୁ ଜନତା ଦଳର ସୁପ୍ରିମୋ ତଥା ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ୍ କ୍ରମେ ରାଜ୍ୟରେ ବଢୁଥିବା ଅନ୍ୟାୟ ଅତ୍ୟାଚାର ଓ ନାରୀ ନିର୍ଯାତନା ବିରୋଧରେ ତିର୍ତ୍ତୋଲ ବିଧାୟକ ଡଃ ରମାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ତିର୍ତ୍ତୋଲର ଆଦିକବି ସାରଳା ଦାସ ମହାବିଦ୍ୟାଳୟ ସମ୍ମୁଖ୍ୟରେ ବିଜୁ ଯୁବ ଛାତ୍ର ଜନତା ଦଳର ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା । ତିର୍ତ୍ତୋଲ କଲେଜ ସମ୍ମୁଖରେ ପୁରାତନ ଛାତ୍ର, ବର୍ତ୍ତମାନ ଛାତ୍ରଛାତ୍ରୀ ମାନେ ନାରୀକୁ ସମ୍ମାନ, ନାରୀ ନିର୍ଯାତନା ବିରୋଧରେ ସ୍ଲୋଗାନ ଦେଇ ବିକ୍ଷୋଭ କରି ରାଜ୍ୟ ସରକାଙ୍କ ବିରୋଧରେ ପ୍ଲାକାର୍ଡ ଧରି ନାରାବାଜି କରୁଥିବା ଦେଖିବାକୁ ମିଳିଥିଲା । ସରକାର ତୁରନ୍ତ ଏ ସଂକ୍ରାନ୍ତରେ ଦୃଢ ଆଇନ୍ ନଆଣିଲେ ଆଗକୁ ରାଜ ରାସ୍ତାରେ ଆନ୍ଦୋଳନ ହେବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଥିଲେ । ଏଥିରେ ଦେବୀ ପ୍ରସାଦ ମହାପାତ୍ର, ତନ୍ମୟ ଦାସ, ଦେବାଶିଷ ପାତ୍ର, ଦେବବ୍ରତ ବାରିକ, ଓମ୍‌କାର ମଲ୍ଲିକ, ବିଶ୍ୱରଂଜନ ମଲ୍ଲିକ, ଅଂଶୁମାନ ମହାନ୍ତି, ସତ୍ୟମ୍ ପ୍ରକାଶ ଜେନା, ସୋମେନ୍ ବରାଳ, ଆଶିଷ ଗଛାୟତ, ସେକ୍ ସାମସୁଦ୍ଦିନଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

# ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ଉପରେ ଆଲୋକପାତ

**କେନ୍ଦୁଝର, ନ୍ୟୁଜ୍**

ଧରଣୀଧର ବିଶ୍ୱବିଦ୍ୟାଳୟରେ ସମ୍ବିଧାନ ହତ୍ୟା ଦିବସ ପାଳନ ହୋଇଯାଇଛି । ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେଇଛି । ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରତାପ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲାବେଳେ ମୁଖ୍ୟବକ୍ତା ଭାବେ ପ୍ରଫେସର ସୁଧୀର ଚନ୍ଦ୍ର ଜେନା ସଭାପତି ISGS ଭାରତୀୟ ସାମ୍ବିଧାନିକ ଅଧିକାର ଏବଂ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ । ସେଭଳି ବିଶ୍ୱବିଦ୍ୟାଳୟର ଅଧ୍ୟାପକ ସ୍ନେହଲତା ମିଶ୍ର ସାମ୍ବିଧାନିକ ପ୍ରସ୍ତାବନାକୁ ବ୍ୟାଖ୍ୟା କରିଥିଲେ । ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଅଧକ୍ଷ ଗଣତନ୍ତ୍ରରେ ସଠିକ ସଂଜ୍ଞା ଓ ଏବେର ଗଣତନ୍ତ୍ରର ଅସ୍ତିତ୍ୱ ଉପରେ କହୁଥିଲେ । ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ୧୦୦ ଜଣ ଏଥିରେ ଭାଗ ନେଇଥିଲେ । ଆଲୋଚନା ଚକ୍ରକୁ ଦିନେଶ ମହାରଣା ପରିଚାଳନା କରିଥିଲେ । ରଞ୍ଜନ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ସଲମା କିସ୍କୁ ଏବଂ ଶୁକଦେବ ତାରିଆ ସହଯୋଗ କରିଥିଲେ । ସେହିଭଳି ଏକ ସଚେତନତା ରାଲୀ ମାଧ୍ୟମରେ 'ସମ୍ବିଧାନ ହତ୍ୟା ଦିବସ' ଉପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା । ଏଥିରେ ଅଧ୍ୟାପକ ଅଧ୍ୟାପିକା ଏବଂ ବିଶ୍ୱବିଦ୍ୟାଳୟର କୁଳପତି ଅଂଶ ଗ୍ରହଣ କରିଥିଲେ ।

# ଗୋପାଳପୁର ଗଣଦୁଷ୍କର୍ମ ପ୍ରତିବାଦରେ ବିଶାଳ ରାଲି

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ସଦର ଖପ୍ରାଖୋଲ ବ୍ଲକ ମହକୁମା ଠାରେ ଗୋପାଳପୁର ଗଣଦୁଷ୍କର୍ମ ଘଟଣାକୁ କେନ୍ଦ୍ରକରି ଏକ ବିରାଟ ଶୋଭା ଯାତ୍ରାରେ ଛାତ୍ରଛାତ୍ରୀମାନଙ୍କ ସହିତ ପୂର୍ବତନ ବିଜେଡି ବିଧାୟକ ସରୋଜ କୁମାର ମେହେର ଶତାଧିକ ଲୋକଙ୍କ ଗହଣରେ ଖପ୍ରାଖୋଲ ସହର ପରିକ୍ରମା କରିଥିଲେ । ଏହି ଶୋଭା ଯାତ୍ରା ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ବାହାରି ଖପ୍ରାଖୋଲ ଗ୍ରାମ ପରିକ୍ରମା କରିଥିଲା । ଏହି ଅବସରରେ ମୋହନ ମାଝୀ ସରକାରଙ୍କ ବିଫଳତା, ଅସୁରକ୍ଷିତ ମହିଳା ତଥା ଗୋପାଳପୁର ଗଣଦୁଷ୍କର୍ମ ଘଟଣାକୁ ନେଇ ବିଜେପିର ଡବଲ ଇଞ୍ଜିନ ସରକାରଙ୍କୁ ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରି ଖପ୍ରାଖୋଲ ଥାନା ଛକ ଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ କୁଶପୁତଳିକା ଦାହ କରିଥିଲେ । ସରକାରଙ୍କ ବିଫଳତାକୁ ନେଇ ସରୋଜ ମେହେର ମୋହନ ମାଝୀ ସରକାରଙ୍କୁ ରାଜ୍ୟରେ ହେଉଥିବା ଅନ୍ୟାୟ ତଥା ରାଜ୍ୟରେ ମହିଳାମାନଙ୍କ ସୁରକ୍ଷାକୁ ନେଇ ଭର୍ତ୍ସନା କରିଥିଲେ । ଏହା ସହିତ ପାଟଣାଗଡ଼ ନିର୍ବାଚନୀ ମଣ୍ଡଳୀରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଥିବାବେଳେ ଖପ୍ରାଖୋଲରେ ଜଙ୍ଗଲରାଜ ଚାଲିଥିବା ନେଇ ମଧ୍ୟ ଉପ ମୁଖ୍ୟମନ୍ତ୍ରୀଙ୍କ ଉପରେ ଗର୍ଜନ କରିଥିଲେ । ଏହି ବିକ୍ଷୋଭ ପ୍ରଦର୍ଶନରେ ଖପ୍ରାଖୋଲ ବିଜେଡ଼ି କର୍ମୀ ତଥା ଛାତ୍ରଛାତ୍ରୀମାନଙ୍କ ସହିତ ବିଭିନ୍ନ ସଙ୍ଗଠନ ତରଫରୁ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ସାମିଲ ହୋଇ ଗୋପାଳପୁର ଗଣଦୁଷ୍କର୍ମ ଘଟଣାର ପ୍ରତିବାଦ କରିବା ସହ ପୀଡ଼ିତାଙ୍କ ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କରିଥିଲେ ।



# ଜିଲ୍ଲା ଗ୍ରନ୍ଥାଳୟକୁ ଶତାଧିକ ପୁସ୍ତକ ପ୍ରଦାନ କଲେ ଶିକ୍ଷାବିତ୍

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ଗ୍ରନ୍ଥାଗାରର ପାଠକ ପାଠିକାଙ୍କ ଭିତରେ ଓଡ଼ିଆ ତଥା କୋଶଲି ଭାଷା ପ୍ରତି ଆଗ୍ରହ ବଢ଼ାଇବା ନିମନ୍ତେ ଅଧ୍ୟୟନ ଉଦ୍ଦିଷ୍ଟ ଓଡ଼ିଆ ଓ କୋଶଲି ଭାଷାରେ ଅନୁବାଦିତ ୧୦୦ ଖଣ୍ଡରୁ ଊର୍ଦ୍ଧ୍ୱ ସଂସ୍କୃତ ଭାଷାର ଐତିହ୍ୟ, ଆଧାତ୍ମିକ, ତଥା ପୌରାଣିକ ଗ୍ରନ୍ଥ ପ୍ରଭୃତି ଉପାଦେୟ ପାଠ୍ୟ ପୁସ୍ତକ ପ୍ରଦାନ କରିଛନ୍ତି ସୁବର୍ଣ୍ଣପୁର ଜିଲ୍ଲାର ନାକଡେଇଁ ନିବାସୀ ଅଧ୍ୟାପକ ଡ଼ଃ ସୁରେଶ କୁମାର ପଣ୍ଡା । ସେ ଗ୍ରନ୍ଥାଳୟକୁ ଓଡ଼ିଆ ଭାଷାରେ ସ୍ୱ-ଅନୁବାଦିତ ସଂସ୍କୃତ ଭାଷାର ମୂଳରଚିତ କୁମାରସମ୍ଭବମ, ରଘୁବଂଶମ, ଅଭିଜ୍ଞାନ ଶାକୁନ୍ତଳମ, ସ୍ୱପ୍ନବାସବଦତ୍ତମ ତଥା କୋଶଲି ଅନୁବାଦିତ ଶ୍ରୀମଦଭାଗବତ ଗୀତା, ଶ୍ରୀମଦଭାଗବତ ଗୀତାରେ ଆତ୍ମ ନିୟନ୍ତ୍ରଣ, ସଂଗମମ-କୋଶଲି-ଓଡ଼ିଆ, ସଂସ୍କୃତ ପ୍ରଶ୍ନୋତ୍ତରୀ ପ୍ରଭୃତି ଅନେକ ପୁସ୍ତକ ପ୍ରଦାନ କରିଛନ୍ତି । ଉଚ୍ଚ ଶିକ୍ଷା ପାଇଁ ଏହି ପୁସ୍ତକ ଗୁଡ଼ିକ ପାଠକ ପାଠିକାଙ୍କ ନିମନ୍ତେ ବିଶେଷ ଉପଯୋଗୀ ହୋଇପାରିବ ବୋଲି କହିଛନ୍ତି । ଏହି ଓଡ଼ିଆରେ ଅନୁବାଦିତ ଗ୍ରନ୍ଥ ତଥା ଆଧାତ୍ମିକ ପୁସ୍ତକ ପ୍ରଭୃତି ପାଠକ ପାଠିକାଙ୍କ ପଠନ ରୁଚିକୁ ସମୃଦ୍ଧ କରିବା ସହ ପଠନ ପ୍ରତି ବିଶେଷ ଆଗ୍ରହ ସୃଷ୍ଟି କରିବ ।

# ନାରୀ ନିର୍ଯାତନା ପ୍ରତିବାଦରେ ବିଜେଡ଼ିର ବିକ୍ଷୋଭ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଗୋପାଳପୁର ଗଣଦୁଷ୍କର୍ମ ଓ ରାଜ୍ୟରେ ଦିନକୁ ଦିନ ବଢୁଥିବା ନାରୀ ନିର୍ଯାତନା ବିରୁଦ୍ଧରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପି ଛାତ୍ର ଆନ୍ଦୋଳନ କରାଯାଇଛି । ଏହି ପରିପ୍ରେକ୍ଷିରେ ଚୌଦ୍ୱାର-କଟକ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ଚୌଦ୍ୱାର ମହାବିଦ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଇଛି । ଯୁବ ସଭାପତି ସାରଦା ରଞ୍ଜନ ପରିଜା ଓ ଛାତ୍ର ସଭାପତି ଇଂ. ଭରତ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଯୁବ ଓ ଛାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ନାରାବାଜି କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ କୁଶପୁ□ଳିକା ଦାହ କରିଥିଲେ । ଗୋପାଳପୁର ଗଣଦୁଷ୍କର୍ମରେ ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ଓ ସମାଜରେ ନାରୀମାନଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ ହୋଇଥିବା ଅଭିଯୋଗ କରି ବିକ୍ଷୋଭକାରୀ ମାନେ ସ୍ଲୋଗାନ ଦେଇଥିଲେ । ସୂର୍ଯ୍ୟ ବେହେରା, ଆକାଶ କୁମାର ବାରିକ୍, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଅଶୋକ ମିଶ୍ର, ପ୍ରମୋଦ ସାମଲ, ସଞ୍ଜୟ ରାଉତ, ସୌମ୍ୟ ରଞ୍ଜନ ଜେନା, ମନୋରଞ୍ଜନ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରଚାଳନା କରିଥିଲେ ।

# ଜୟଦେବବିହାର-ନନ୍ଦନକାନନ ବାମପାର୍ଶ୍ୱ ସମାନ୍ତରାଳ ରାସ୍ତା:ଝାମେଲା ଘନେଇଲା

**ଚନ୍ଦ୍ରଶେଖରପୁର, ନ୍ୟୁଜ୍ ବ୍ୟୁରୋ**



ଜୟଦେବବିହାର-ନନ୍ଦନକାନନ ବାମପାର୍ଶ୍ୱ ସମାନ୍ତରାଳ ରାସ୍ତା ଝାମେଲା ଏବେ ଘନେଇଛି । ରାସ୍ତା ସିଧା ନେବାକୁ ସାଲିଆସାହି ବସ୍ତିବାସିନ୍ଦା ଦାବି କରୁଥିବା ବେଳେ ପ୍ରଶାସନ କିନ୍ତୁ ରାସ୍ତାର ନକ୍ସା ନ ବଦଳାଇବାକୁ ନିଷ୍ପତ୍ତି ନେଇଛି । ବରଂ ପୂର୍ବ ସରକାରଙ୍କ ସମୟରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ହିଁ ରାସ୍ତା ନିର୍ମାଣ ହେବ । ଆଉ ମାତ୍ର ୬୫୦ ମିଟର ରାସ୍ତା ପାଇଁ ନକ୍ସାରେ ପରିବର୍ତ୍ତନ କରିବା ସମ୍ଭବପର ନୁହେଁ । ତେଣୁ ଯେଉଁଭଳି ନକ୍ସା ପ୍ରସ୍ତୁତ ହୋଇଛି ସେହି ଅନୁଯାୟୀ କାମ କରିବାକୁ ପୂର୍ତ୍ତ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଛି । ଏଥିସହ ସାଲିଆସାହି ସମେତ ଚୁନୁକୋଲି ଗାଁ ନିକଟରେ ଉପୁଜିଥିବା ସମସ୍ୟାର ତୁରନ୍ତ ସମାଧାନ କରି ଡିସେମ୍ବର ସୁଦ୍ଧା ଏହି ୨୦୦ ଫୁଟିଆ ରାସ୍ତା କାମ ଶେଷ କରିବାକୁ ବୈଠକରେ ସ୍ଥିର ହୋଇଛି । ପୂର୍ତ୍ତ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ସମେତ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଉଭୟ ବିଭାଗର ସଚିବ, ବିଏମ୍‌ସି କମିସନର, ବିଡିଏ ଉପାଧ୍ୟକ୍ଷ, ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ନିର୍ମାଣଧୀନ ୨୦୦ ଫୁଟିଆ ରାସ୍ତାର ସମୀକ୍ଷା କରିଥିଲେ । ବୈଠକରେ ସାଲିଆସାହିରେ ଉପୁଜିଥିବା ସମସ୍ୟା ନେଇ ଟିକିନିଖି ଆଲୋଚନା ହୋଇଥିଲା । ବସ୍ତିବାସିନ୍ଦାଙ୍କ ଦାବି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ୨୦୧୦ରେ ଆଇଆଇଟି ଦ୍ୱାରା ପ୍ରସ୍ତୁତ ହୋଇଥିବା ନକ୍ସା ଅନୁଯାୟୀ ରାସ୍ତା ନେବାକୁ ବସ୍ତିବାସିନ୍ଦା ଚାହୁଁଛନ୍ତି । ଏଭଳି କରିବା ଦ୍ୱାରା ଏକାମ୍ରକାନନ ଭିତରେ ପ୍ରାୟ ୮ ଏକର ଜଙ୍ଗଲ ଜମିର ଆବଶ୍ୟକତା ହେବ । ଏଥିପାଇଁ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅନୁମତି ଲୋଡ଼ିବାକୁ ପଡ଼ିବ । ୫ ଏକର ଭିତରେ ଜଙ୍ଗଲ ଜମି ହୋଇଥିଲେ ରାଜ୍ୟ ସରକାରଙ୍କ ଅନୁମତିରେ ରାସ୍ତା ନିର୍ମାଣ ହୋଇପାରିଥାନ୍ତା । ମାତ୍ର ୮ ଏକର ଜଙ୍ଗଲ ଜମିର ଅନୁମତି ଆଣିବାକୁ ୩ରୁ ୪ ବର୍ଷ ସମୟ ଲାଗିଯିବ । ପୂର୍ବରୁ ଏହି ପ୍ରକଳ୍ପ ପାଇଁ ଜଙ୍ଗଲ ଜମି ଅଣାଯାଇଥିବାରୁ ପୁଣିଥରେ ଅନୁମତି ଲୋଡ଼ିବା ସମ୍ଭବପର ହେବନାହିଁ । ଏମିତି ଚାଲିଲେ ପ୍ରକଳ୍ପ ଆହୁରି ବିଳମ୍ବିତ ହେବ । ତେଣୁ ଯେଉଁ ନକ୍ସା ଅନୁଯାୟୀ ରାସ୍ତା ନିର୍ମାଣ ଚାଲିଛି ତାହାକୁ ବଳବତ୍ତର ରଖିବାକୁ ମତପ୍ରକାଶ ପାଇଥିଲା । ଆହୁରି ମଧ୍ୟ ନିଷ୍ପତ୍ତି ହୋଇଛି ଯେ ପ୍ରଭାବିତ ହେଉଥିବା ବସ୍ତିବାସିନ୍ଦାଙ୍କୁ ବିଏମ୍‌ସି ଓ ବିଡିଏ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯିବ । ସର୍ଭେରେ ଚିହ୍ନଟ ହୋଇଥିବା ପରିବାରଙ୍କୁ ଆବଶ୍ୟକ କ୍ଷତିପୂରଣ ସହ ଉପଯୁକ୍ତ ଥଇଥାନ ଦିଗରେ ପଦକ୍ଷେପ ନେବେ । ନୀଳାଦ୍ରିବିହାର ସ୍ଥିତ ବୁଦ୍ଧବିହାର ଆବାସରେ ସେମାନଙ୍କୁ ଘର ପ୍ରଦାନ କରାଯିବ । ପ୍ରଭାବିତ ବସ୍ତିବାସିନ୍ଦା କିଭଳି ସେଠାକୁ ଯିବେ ସେଦିଗରେ ବିଏମ୍‌ସି ପଦକ୍ଷେପ ନେବ । ବିଡିଏ ପକ୍ଷରୁ ଘରଗୁଡ଼ିକୁ ଭଙ୍ଗାଯିବା ପରେ ପୂର୍ତ୍ତ ବିଭାଗ କାମ ଆରମ୍ଭ କରିବ । କୌଣସି ରାଜନୈତିକ ଚାପର ବଶବର୍ତ୍ତୀ ନହୋଇ ରାସ୍ତା କାମ କରିବାକୁ ପ୍ରଶାସନିକ ମୋହର ବାଜିଛି । ଲୋକସେବା ଭବନରେ ମନ୍ତ୍ରୀ ଓ ସଚିବସ୍ତରୀୟ ବୈଠକ ପରେ ପୂର୍ତ୍ତ ବିଭାଗ, ବିଏମ୍‌ସି ଓ ବିଡିଏ ଅଧିକାରୀମାନେ ନିଜ ନିଜ ସ୍ତରରେ ପଦକ୍ଷେପ ନେଇଛନ୍ତି । ଏକାମ୍ରକାନନରୁ ସାଲିଆସାହି ମଧ୍ୟରେ ଯେଉଁ ୨୭ଟି ଘରୋଇ ଜମି ଅଧିଗ୍ରହଣ ହୋଇଛି ସେଠାରେ କାମ ଆରମ୍ଭ ହୋଇଛି । ଡ୍ରେନ୍ ନିର୍ମାଣ କରିବାକୁ ଜାଗା ଚିହ୍ନଟ, କେଉଁ ଅଞ୍ଚଳରେ ରାସ୍ତା ଯିବ ସେନେଇ ମାପଚୁପ ସରିଛି । ପ୍ରାୟ ୨୬୦ ମିଟରର ଏହି ରାସ୍ତା ନିର୍ମାଣ ଦ୍ୱାରା ୫୮ଟି ଗଛ କଟାଯିବ । ଅଧିକାଂଶ ବଡ଼ ବଡ଼ କଦମ୍ବ ଗଛ ଥିବାରୁ ତାହାକୁ ସ୍ଥାନାନ୍ତର କରିବା ସମ୍ଭବପର ନଥିବାରୁ କାଟିବାକୁ ସ୍ଥିର ହୋଇଛି । କିଛି ପଣସ ଗଛ ମଧ୍ୟ ରହିଛି । ତେଣୁ ବନ ବିଭାଗ ପକ୍ଷରୁ ଅନୁମତି ଅଣାଯିବା ସହ ତାହାକୁ କାଟିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି । ସୂଚନାଯୋଗ୍ୟ ଯେ ଦିନକ ପୂର୍ବରୁ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ବିଧାୟକ ଓ ବିଜେପି ନେତାମାନଙ୍କୁ ନେଇ ହୋଇଥିବା ବୈଠକରେ ରାସ୍ତା ସିଧା ନେବାକୁ ମତପ୍ରକାଶ ପାଇଥିଲା ।

# ଜୁଲାଇ ୧୪ରୁ ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ରାଜସ୍ୱ ଅମଲା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତି ଅନୁସାରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା ସୁବର୍ଣ୍ଣପୁରର ଜିଲ୍ଲା ଅଧ୍ୟକ୍ଷ ନୀଳାମ୍ବର ଶତପଥୀଙ୍କ ନେତୃତ୍ୱରେ ଦଶଦଫା ଦାବି ସମ୍ବଳିତ ଦାବିପତ୍ର ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନଙ୍କୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ । ପ୍ରକାଶଥାଉ କି, ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଜିଲ୍ଲା ସ୍ତରରେ ଅମଲା ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଦାବି ଗୁଡିକ ମଧ୍ୟରେ ମୁଖ୍ୟତଃ, ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ORSP-୨୦୧୭ ନିୟମ ଅନୁଯାଇ ଲେବେଲ-୯କୁ ବୃଦ୍ଧି କରାଯାଉ । ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା- ୮୮୯୮ ତାରିଖ- ୧୫-୦୩-୨୦୨୪ ଅନୁଯାୟୀ ସମସ୍ତ ଜିଲ୍ଲାପାଳ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯାଉ । ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯାଉ । ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯାଉ । ଓଡ଼ିଶା ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲା ମାନଙ୍କୁ ସତ ପ୍ରତିଶତ ପଦୋନ୍ନତି ଦିଆଯାଉ । ନୂତନ ପେନ୍‌ସନ୍ ଯୋଜନାକୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ଏବଂ ବିଭିନ୍ନ ମାଧ୍ୟମରେ ପତ୍ରାଳାପ କରିବା ସହିତ ବିଭିନ୍ନ ସ୍ତରରେ ଆଲୋଚନା ମଧ୍ୟ ହୋଇସାରିଛି କିନ୍ତୁ, ଉପରୋକ୍ତ ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ପରେ ମଧ୍ୟ ବର୍ତ୍ତମାନଯାଏଁ ଫଳ ଶୂନ୍ୟ ହୋଇଛି । ଏହି ପରିପ୍ରେକ୍ଷୀରେ, ଯଦି ରାଜ୍ୟ ସରକାର ଆଗାମୀ ୧୫ ଦିନ ମଧ୍ୟରେ ଉପୋରକ୍ତ ଦାବି ଗୁଡିକ ପୂରଣ ନକରନ୍ତି ତାହେଲେ, ସଂଘ ଆଗାମୀ ଜୁଲାଇ ୭ ତାରିଖ ଠାରୁ ଜୁଲାଇ ୧୧ ତାରିଖ ଯାଏଁ କଳା ବ୍ୟାଜ୍ ପରିଧାନ କରିବ । ତାସତ୍ତ୍ୱେ ଯଦି ରାଜ୍ୟ ସରକାର ଉପୋରକ୍ତ ଦାବି ଗୁଡିକ ପୂରଣ ନକରନ୍ତି ତେବେ, ରାଜ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ହୋଇଥିବା ନିଷ୍ପତି ଅନୁସାରେ ଜୁଲାଇ ୧୪ ତାରିଖ ଠାରୁ ସଂପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ସୁବର୍ଣ୍ଣପୁରର ଜିଲ୍ଲା ଅଧ୍ୟକ୍ଷ ନୀଳାମ୍ବର ଶତପଥୀ, ଉପାଧ୍ୟକ୍ଷ ସହଦେବ ମେହେର, କାର୍ଯ୍ୟକାରୀ ସଭାପତି ଶିତେଶ ପୂଜାହାରୀ, ସମ୍ପାଦକ ବନମାଳୀ ମେହେର ପ୍ରକାଶ କରିଥିଲେ ।

# ଯାଇପାରିଲାନି ଗାଡ଼ି: ୧ କିମି ଖଟିଆରେ ବୁହାହେଲେ ରୋଗୀ



**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ପୁଣି ଥରେ ଖଟିଆରେ ରୋଗୀ ବୁହାଯିବା ଘଟଣା ସାମ୍ନାକୁ ଆସିଛି । ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ କେନ୍ଦୁମୁଣ୍ଡା ପଞ୍ଚାୟତ ଜାମପାଣି ଗ୍ରାମ ମହୁଲପଡ଼ାରେ ଏହି ଘଟଣା ଦେଖିବାକୁ ମିଳିଛି । ଗାଁର ଗଦାଧର ନାଏକଙ୍କ ଗୋଡ଼ ଭାଙ୍ଗି ଯିବାରୁ ଚିକିତ୍ସା ପାଇଁ ପରିବାର ଲୋକେ ହସ୍‌ପିଟାଲ୍ ନେବାକୁ ଚାରି ଚକିଆ ଗାଡ଼ି ଡାକିଥିଲେ । କିନ୍ତୁ ରାସ୍ତା ସମସ୍ୟା ଯୋଗୁ ଗାଡ଼ି ଯାଇନପାରିବାରୁ ପରିବାର ଲୋକେ ୧ କିଲୋମିଟର ଯାଏଁ ରୋଗୀକୁ ଖଟିଆରେ ବୋହିଥିଲେ । ଗଦାଧର ସ୍ଥାନୀୟ ପୋଖରୀକୁ ଗାଧୋଇବା ପାଇଁ ଯାଉଥିବା ସମୟରେ ହଠାତ୍ କାଦୁଅ ପଚପଚ ରାସ୍ତା ଯୋଗୁଁ ତଳେ ଖସିପଡ଼ିଥିଲେ । ଫଳରେ ତାଙ୍କ ଗୋଟିଏ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଉଠି ପାରିନଥିଲେ । ପରିବାର ଲୋକେ ଖବରପାଇ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ହସ୍‌ପିଟାଲ୍ ନେବାକୁ ଏକ ବୋଲେରୋ ଡାକିଥିଲେ । ହେଲେ ଦୁର୍ଭାଗ୍ୟର କଥା ରାସ୍ତା ନଥିବା ଯୋଗୁ ଗାଡ଼ି ପହଞ୍ଚି ପାରିନଥିଲା । ପରିବାର ଲୋକେ ବାଧ୍ୟ ହୋଇ ପଡ଼ାବାସୀଙ୍କ ସହାୟତାରେ ଏକ ଖଟରେ ୪ରୁ୬ ଜଣ ବ୍ୟକ୍ତି ଗଦାଧରଙ୍କୁ ବୋହି ଏକ କିଲୋମିଟର ଦୂର ଗାଡ଼ି ପାଖକୁ ପହଞ୍ଚାଇଥିଲେ । ସେଠୁ ଚିକିତ୍ସା ପାଇଁ ତାଙ୍କୁ ହସ୍‌ପିଟାଲ୍ ନେଇଥିଲେ । ଏହି ପଡ଼ାକୁ ଯାତାୟାତ କରିବାକୁ ଏକ ପୋଖରୀ ହୁଡ଼ା ଦେଇ ଲୋକେ ଯିବା ଆସିବା କରୁଥିବା ବେଳେ ପକ୍କା ରାସ୍ତାଟିଏ ନାହିଁ । କାଦୁଅ ପଚପଚ ଜମି ହିଡ଼ରେ ପୋଖରୀ ହୁଡ଼ାରେ ଜମି ନାଳାରେ ଆଣ୍ଠୁଏ କାଦୁଅରେ ଯାତାୟାତ କରିବାକୁ ପଡାବାସୀ ବାଧ୍ୟ ହେଉଛନ୍ତି । ଛୋଟରୁ ବଡ଼ ସମସ୍ତ କାମ, ସ୍କୁଲ୍ ପାଠପଢ଼ା, ପଞ୍ଚାୟତ ଯିବାଆସିବାକୁ ଏହି ଗୋଟିଏ ରାସ୍ତା ଉପରେ ଲୋକେ ନିର୍ଭର କରୁଥିବା ବେଳେ ଦୀର୍ଘଦିନ ହେଲା ପକ୍କା ରାସ୍ତା ପାଇଁ ପଡାବାସୀ ଦାବି କରି ଆସୁଛନ୍ତି । ହେଲେ ଅନେକ ସମୟରେ ସ୍ଥାନୀୟ ବିଡିଓ ସହ ଅନେକ ଅଧିକାରୀ କର୍ମଚାରୀ ତଦନ୍ତରେ ଯାଇ କୌଣସି ନା କୌଣସି କାରଣ ଯୋଗୁଁ ଆଜିଯାଏ ପକ୍କା ରାସ୍ତାଟିଏ ପ୍ରଶାସନ ନିର୍ମାଣ କରିବାରେ ବିଫଳ ହୋଇଥିବା ପଡାବାସୀ ଅସନ୍ତୁଷ୍ଟ ପ୍ରକାଶ କରୁଛନ୍ତି । ଏନେଇ ଜିଲ୍ଲାପାଳ ତୁରନ୍ତ ଦୃଷ୍ଟିଦେଇ ପକ୍କା ରାସ୍ତା ପାଇଁ ଉଚିତ୍ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି କରୁଛନ୍ତି ।

# କୋରାପୁଟ ଜିଲ୍ଲାରେ ଅବାଧରେ ବିକ୍ରି ଚାଲିଛି ନିମ୍ନମାନର ଖାଦ୍ୟ ପଦାର୍ଥ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ସାରା ରାଜ୍ୟରେ ଜିଲ୍ଲାକୁ ଜିଲ୍ଲା ଡାଇରିଆ ବ୍ୟାପିଛି । ବର୍ତ୍ତମାନ ସୁଦ୍ଧା ଡାଇରିଆରେ ବହୁତ ଜଣଙ୍କର ଜୀବନ ଗଲାଣି । ଡାଇରିଆ ସ୍ଥିତି ଉଦ୍‌ବେଗଜନକ ଥିବାବେଳେ ଝାଡାବାନ୍ତି ଗୋଟିଏରେ ଗୋଟିଏ ଜିଲ୍ଲାକୁ ଡେଇଁବାରେ ଲାଗିଛି । ଡାଇରିଆ ସଂକ୍ରମଣକୁ ନଜରରେ ରଖି ସର୍ତକତା ପଦକ୍ଷେ କୋରାପୁଟ ଜିଲ୍ଲା ପ୍ରଶାସନ ନେବା ଆବଶ୍ୟକ । କୋରାପୁଟ ଜିଲ୍ଲାର ୧୪ଟି ବ୍ଲକ ସମେତ ଜିଲ୍ଲାର ପ୍ରାଣକେନ୍ଦ୍ର ଜୟପୁର ସହରରେ ହୋଟେଲ, ଢାବା, ମିଠା ଦୋକାନ, ଦହିବରା, ଚାଟ, ରାସ୍ତା କଡରେ ଥିବା ଛୋଟବଡ ହୋଟେଲ୍‌ରେ ଦୂଷିତ ଓ ବାସି ଖାଦ୍ୟ ଲୋକଙ୍କୁ ବିକ୍ରୟ କରିବା ଏକ ନୀତିଦିନିଆ ଘଟଣା ହୋଇଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ନଜର ପକାଉନଥିବା ଜଣାଯାଇଛି । ମୁଖ୍ୟ ରାସ୍ତା, ରାସ୍ତାକଡ ଖାଦ୍ୟ ଉପରେ କଟକଣା, ଖାଦ୍ୟ ସୁରକ୍ଷା ଯାଞ୍ଚକୁ କଡାକଡି ପଦକ୍ଷେପ ନେବା ଜରୁରୀ । ଜୟପୁର ସହରକୁ ବ୍ୟବସାୟୀ କାର୍ଯ୍ୟରେ ପ୍ରତ୍ୟେକ ଦିନ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାରେ ଜନସାଧାରଣ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି । ଏହାର ସୁଯୋଗରେ ସହରରେ ବହୁଳ ମାତ୍ରାରେ ନିମ୍ନମାନର ଓ ଅପମିଶ୍ରିତ ଖାଦ୍ୟ ପଦାର୍ଥ ମୁନାଫାଖୋର ବ୍ୟବସାୟୀ ମାନଙ୍କ ଦ୍ୱାରା ଅବାଧରେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି । ହୋଟେଲ ଏବଂ ଫାଷ୍ଟଫୁଡ ଷ୍ଟଲ୍ ଗୁଡିକର ପରିମଳ ବ୍ୟବସ୍ଥା ବଜାୟ ରଖାଯାଉନାହିଁ । ନିମ୍ନମାନର ଖାଦ୍ୟ ଲୋକମାନଙ୍କୁ ପରସାଯାଉଥିବା ଅଭିଯୋଗ ହେଉଛି । ବାସି ମାଛ, ବାସି ଚିଙ୍ଗୁଡି, ବାସି ଚିକେନ୍, ବାସି ମଟନ୍, ବାସି ଚାଓମିନ୍ ଇତ୍ୟାଦି ବିକ୍ରୟ କରାଯାଉଛି । ଏଥିସହ ଜଳଖିଆ ହୋଟେଲ ଗୁଡିକରେ ବାସି ମିଠା ଓ ବାସି ବରା, ପିଆଜି, ଜିଲାପି, ସିଙ୍ଗଡା, ଆଳୁଚପ୍ ବିକ୍ରୟ କରାଯାଉଥିବା ଅଭିଯୋଗ ହେଉଛି । ଏହାକୁ ରୋକିବାକୁ କିମ୍ବା ଯାଞ୍ଚ କରିବାକୁ ପ୍ରଶାସନ ନଜର ଦେଉନାହିଁ । ଫଳରେ ଅତି ନିକୃଷ୍ଟ ଧରଣର ଖାଦ୍ୟ ସାମଗ୍ରୀ ଓ ପୋଡା ତେଲ ବ୍ୟବହାର କରି ବ୍ୟବସାୟୀମାନେ ଖାଦ୍ୟ ପଦାର୍ଥ ତିଆରି କରୁଛନ୍ତି । ଓଡ଼ିଶା ମ୍ୟୁନିସିପାଲ ଆକ୍ଟ ଅନୁଯାୟୀ ଜଳଖିଆ ଦୋକାନ ହୋଟେଲ ଗୁଡିକ ତଦାରଖ କରିବା ପାଇଁ ସ୍ୱାସ୍ଥ୍ୟ ନିରୀକ୍ଷକ ମଧ୍ୟ ତାଙ୍କ କାର୍ଯ୍ୟ ଠିକ୍ ଭାବେ କରୁନାହାଁନ୍ତି । ସୂଚନାଯୋଗ୍ୟ ଯେ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଧୀନରେ ଥିବା ଫୁଡ୍ ଇନ୍ସପେକ୍ଟର ଜୟପୁର ସହରରେ ତାଙ୍କର କାର୍ଯ୍ୟ ନିର୍ବାହ କରୁଥିବା ଲୋକ ଲୋଚନକୁ ଆସୁନଥିବା ପରି ଜଣାପଡୁଛି । ଖାଦ୍ୟ ନିରାପତ୍ତା ଟିମ୍ ଡାଇରିଆର ନିରୋଧ ଓ ପ୍ରତିଷେଧମୂଳକ ପଦକ୍ଷେ ଗୁଡିକୁ ବ୍ୟାପକ କରିବା ଜରୁରୀ । କୋରାପୁଟ ଜିଲ୍ଲା ସହ ଜୟପୁର ସହର ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଜଳଖିଆ, ଢାବା, ହୋଟେଲ୍ ଠାରୁ ଆରମ୍ଭକରି ରାସ୍ତା କଡରେ ଠେଲାଗାଡି, ଗୁପଚୁପ୍, ବେନାମୀ କମ୍ପାନୀର ଆଇସ୍‌କ୍ରିମ୍, ସାଇକେଲରେ ଜଳଖିଆ, ଦହିବରା, ହୋଟେଲ ମାନଙ୍କରେ ଦୂଷିତ ପରିବେଶରେ ଅପମିଶ୍ରିତ ଖାଦ୍ୟପଦାର୍ଥ ଏବଂ ବାସି ଖାଦ୍ୟ ବିନା ଦ୍ୱିଧାରେ ବ୍ୟବସାୟୀମାନେ ବିକ୍ରି କରୁଛନ୍ତି । ଗ୍ରାହକମାନଙ୍କୁ ଖାଇବାରେ ଯେଉଁ ପାଣି ଦିଆଯାଉଛି ତାହା ମଧ୍ୟ ସଫାସୁତୁରା ରହୁନଥିବାରୁ ବିଭିନ୍ନ ପେଟଜନିତ ରୋଗ ହେଉଛି । ପାଟିକୁ ସୁଆଦ ଲାଗୁଥିବା ଏହି ଖାଦ୍ୟ ପଦାର୍ଥ ଖାଇ ଲୋକମାନେ ଦୂରାରୋଗ୍ୟ ରୋଗକୁ ଆମନ୍ତ୍ରଣ କରିବା ଛଡା ଅନ୍ୟ ଉପାୟ ନଥିବା କୁହାଯାଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହି ଯେ ଖାଦ୍ୟ ନିରୀକ୍ଷକଙ୍କୁ ଏହି ଦୂଷିତ ଓ ଅପମିଶ୍ରିତ ଖାଦ୍ୟର ସାମ୍ପୁଲ ସଂଗ୍ରହ କରି ଏହାର ମାନ ନିର୍ଦ୍ଧାରଣ କରିବା ପାଇଁ ମତ ପ୍ରକାଶ ପାଇଛି । ଜନସ୍ୱାସ୍ଥ୍ୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେଉନଥିବା ଯୋଗୁଁ ରାସ୍ତାକଡରେ ଦୂଷିତ ପରିବେଶ ମଧ୍ୟରେ ଠେଲା ଗାଡିରେ ଖାଦ୍ୟଦାର୍ଥ ବିକ୍ରି ବହୁଳ ଭାବରେ ହେଉଛି । ହୋଟେଲ ମାନଙ୍କରେ ସେହିଭଳି ବାସି ପଚାସଢା ପନିପରିବା, ନିମ୍ନମାନର ତେଲ ମସଲା ଦ୍ୱାରା ପ୍ରସ୍ତୁତ ଖାଦ୍ୟଦାର୍ଥ ଖୁଲମ୍‌ଖୁଲା ବିକ୍ରି ଚାଲିଛି । ବିଶେଷ କରି ବର୍ଷାଦିନେ ଏଭଳି ଖାଦ୍ୟ ପଦାର୍ଥକୁ ଖାଇ ବହୁ ଲୋକ ଝାଡାବାନ୍ତି ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି । ଅପରପକ୍ଷରେ ଖାଦ୍ୟ ପଦାର୍ଥରେ ଭଣଭଣ ମାଛି ବସି ଖାଦ୍ୟକୁ ଆହୁରି ଦୂଷିତ କରିପକାଉଛି । ସେହି ପ୍ରସ୍ତୁତ ଖାଦ୍ୟକୁ ଦୋକାନୀମାନେ ଲୋକମାନେ ନିର୍ଭୟରେ ବିକ୍ରିକରି ବେଶ୍ ଦୁଇ ପଇସା ରୋଜଗାରରେ ମାତିଛନ୍ତି । କେତେକ ଜାଗାରେ ରାସ୍ତାର ଧୂଳି ଓ ବର୍ଷା ପାଣି ଜଳଖିଆ ଦୋକାନୀମାନଙ୍କ ପ୍ରସ୍ତୁତ ଖାଦ୍ୟଦାର୍ଥ ଉପରେ ପଡୁଥିବା ବେଳେ ଗୋଟିଏ ଗୋଟିଏ ପାଣି କୁଣ୍ଡ ରଖି ସେହି ପାଣିକୁଣ୍ଡରେ ବାରମ୍ବାର ଅଇଁଠା ବାସନ ଧୂଆ ଯାଉଥିବା ଦେଖିବାକୁ ମିଳୁଛି । ବଜାରରେ ଦୂଷିତ ଓ ପଚାସଢା ଖାଦ୍ୟ ବିକ୍ରୟ ଉପରେ ଲଗାମ୍ ଲଗାଇବା ପାଇଁ ସୂରକାରୀ କଳ ଅଛି ସିନା ତାହା କିନ୍ତୁ କାମକୁ ନାହିଁ । କୋରାପୁଟ ଜିଲ୍ଲା ଜୟପୁର, କୋରାପୁଟ, କୋଟପାଡ଼, ସେମିଳିଗୁଡା, ବୋରିଗୁମ୍ମା, ଲକ୍ଷ୍ମୀପୁର ସମେତ ଆଖପାଖର ଶହ ଶହ ଜଳଖିଆ ଦୋକାନ ରେଜେଷ୍ଟ୍ରିଭୁକ୍ତ ଅଛି କି ନାହିଁ ତାହାର ଯାଞ୍ଚ ସଠିକ୍ ଭାବେ ହେଉନଥିବାରୁ ଅବାଧରେ ପଚାସଢା ଖାଦ୍ୟ ବିକ୍ରି ଚାଲିଥିବା ଅଭିଯୋଗ ହେଉଛି । କୋରାପୁଟ ଜିଲ୍ଲା ପ୍ରଶାସନ ଏଥିପ୍ରତି ସଜାଗ ନହେଲେ ଆଗକୁ ବର୍ଷା ଦିନ ଚାଲିଥିବା ବେଳେ ପରିସ୍ଥିତ ବି ଅଣାୟତ ହେବ ବୋଲି ମତପ୍ରକାଶ ପାଉଛି ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିଙ୍ଗ

# ଜଳବାୟୁ ପରିବର୍ତ୍ତନ ଜନିତ କ୍ଷତି

ପରିବେଶ ପ୍ରଦୂଷଣ ଏବଂ ବିଶ୍ୱ ତାପନ ଯୋଗୁ ଜଳବାୟୁରେ ବ୍ୟାପକ ଅନିୟମିତା ଦେଖିବାକୁ ମିଳୁଛି। ଯଦି ଏବେଠାରୁ ଏହାକୁ ନିୟନ୍ତ୍ରଣ କରା ନଯାଏ ଆଗକୁ ସ୍ଥିତି ଆହୁରି ଭୟଙ୍କର ହେବ। ଏପରିକି ୨୦୪୯ ସୁଦ୍ଧା ବିଶ୍ୱ ଅର୍ଥନୀତିକୁ ଏଥିପାଇଁ ବାର୍ଷିକ ୩୮ ଲକ୍ଷ କୋଟି ଡଲାରର କ୍ଷତି ସହିବାକୁ ପଡ଼ିବ। ଜଳବାୟୁ ପରିବର୍ତ୍ତନ ଅତ୍ୟଧିକ ମାତ୍ରାରେ ହେଉଥିବାରୁ ଫସଲ ଅମଳ ପ୍ରଭାବିତ ହେଉଛି। ଶ୍ରମିକମାନଙ୍କ ଉତ୍ପାଦକତା କମୁଛି ଏବଂ ଭିତ୍ତିଭୂମି ମଧ୍ୟ ନଷ୍ଟ ହେଉଛି ବୋଲି ଜର୍ମାନୀର ପଟ୍ସଡ୍ୟାମ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ (ପିଆଇକେ)ପକ୍ଷରୁ କୁହାଯାଇଛି। ବିଶ୍ୱର ୧୬୦୦ରୁ ଅଧିକ ଅଞ୍ଚଳରୁ ଗତ ୪୦ ବର୍ଷର ତଥ୍ୟ ସଂଗ୍ରହ କରି ଭବିଷ୍ୟତ ସଂପର୍କରେ ଉକ୍ତ ସଂସ୍ଥାର ବୈଜ୍ଞାନିକମାନେ ଏଭଳି ଭୟଙ୍କର ପୂର୍ବାନୁମାନ କରିଛନ୍ତି। ଜଳବାୟୁ ପରିବର୍ତ୍ତନ କାରଣରୁ ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ବିଶ୍ୱରେ ଲୋକମାନଙ୍କ ହାରାହାରି ଆୟ ୧୯ ପ୍ରତିଶତ କମିଯିବ ବୋଲି ନେଚର ପତ୍ରିକାରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ପ୍ରାୟ ସବୁ ଦେଶରେ ଆସନ୍ତା ୨୫ ବର୍ଷରେ ବଡ଼ଧରଣର ଅର୍ଥନୈତିକ କ୍ଷତି ପହଞ୍ଚାଇବ ବୋଲି ଉକ୍ତ ଅନୁଧ୍ୟାନର ନେତୃତ୍ୱ ନେଇଥିବା ବୈଜ୍ଞାନିକ ଲିଓନି ୱେଞ୍ଜ୍ ଏକ ବିବୃତିରେ କହିଛନ୍ତି। ନିର୍ଗମନକୁ ବହୁମାତ୍ରାରେ ତୁରନ୍ତ ଆମକୁ ହ୍ରାସ କରିବାକୁ ପଡ଼ିବ। ଯଦି ଏହା କରା ନଯାଏ ଚଳିତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଅର୍ଥନୈତିକ କ୍ଷତି ଆହୁରି ଅଧିକ ହେବ। ୨୧୦୦ ମସିହା ସୁଦ୍ଧା ଅର୍ଥନୈତିକ କ୍ଷତି ବିଶ୍ୱ ହାରାହାରିର ୬୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ଯାଇପାରେ। ମାନବକୃତ ସବୁଜଗୃହ ଗ୍ୟାସ ନିର୍ଗମନ ବିଶ୍ୱକୁ ପ୍ରାକ୍ ଶିଳ୍ପାୟନ ଯୁଗ ତୁଳନାରେ ପ୍ରାୟ ୧.୧ ଡିଗ୍ରି ଉତ୍ତପ୍ତ କରିଦେଇଛି। ଏଥିଯୋଗୁ ଗତ ୩୦ ବର୍ଷ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷତି ୭ ଲକ୍ଷ କୋଟି ଡଲାରରେ ପହଞ୍ଚିଛି। ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ବଢୁଛି। ଏଥିଯୋଗୁ ୨୦୧୬ ମସିହାରୁ ବାର୍ଷିକ ହାରାହାରି ୫୦,୦୦୦ କୋଟି ଡଲାରର କ୍ଷତି (ଆମେରିକା ଜିଡିପିର ୨ ପ୍ରତିଶତ) ହେଉଛି। ବିଶ୍ୱତାପନ ପ୍ରତି ବିକାଶଶୀଳ ଦେଶଗୁଡ଼ିକର ଯୋଗଦାନ ଅପେକ୍ଷାକୃତ କମ୍ ରହିଥିଲେ ମଧ୍ୟ ସେମାନେ ଅଧିକ କ୍ଷତି ସହୁଛନ୍ତି। ଗବେଷକମାନେ ମତ ରଖିଛନ୍ତି ଯେ ନିର୍ଗମନକୁ ହ୍ରାସ କରିବା ଏବଂ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ବିଶ୍ୱ ତାପନକୁ ୨ ଡିଗ୍ରି ମଧ୍ୟରେ ସୀମିତ ରଖିବା ଦ୍ୱାରା ଜଳବାୟୁ ପରିବର୍ତ୍ତିତଜନିତ କ୍ଷୟକ୍ଷତିକୁ ସବୁଠୁ ଅଳ୍ପ ମୂଲ୍ୟରେ ରୋକାଯାଇ ପାରିବ। ଜଳବାୟୁ ପରିବର୍ତ୍ତନ ପାଇଁ ସର୍ବନିମ୍ନ ଦାୟୀ ଦେଶଗୁଡ଼ିକ ଉଚ୍ଚ ଆୟକାରୀ ଦେଶମାନଙ୍କ ତୁଳନାରେ ୬୦% ଅଧିକ କ୍ଷତି ସହିବେ ବୋଲି ଆକଳନ କରାଯାଇଛି। ଅନୁଧ୍ୟାନରେ ଦକ୍ଷିଣ ଏସିଆ ଏବଂ ଆଫ୍ରିକା ସଂପର୍କରେ କୁହାଯାଇଛି ଯେ ଏସବୁ ଅଞ୍ଚଳରେ ୨୦୫୦ ବେଳକୁ ହାରାହାରି ଆୟରେ ପ୍ରାୟ ୨୨ ପ୍ରତିଶତ କ୍ଷତି ସହିବାକୁ ହେବ। ପିଆଇକେର ବୈଜ୍ଞାନିକ ମାକ୍ସିମିଲିଆନ କହିଛନ୍ତି, ଅତୀତର ନିର୍ଗମନ କାରଣରୁ ୨୦୨୯ ସୁଦ୍ଧା ବିଶ୍ୱରେ ହାରାହାରି ଆୟ ୧୯ ପ୍ରତିଶତ ହ୍ରାସ ପାଇବ, ଯାହାକି ବିଶ୍ୱ ଜିଡିପି ତୁଳନାରେ ଦେଖିଲେ ୧୭ ପ୍ରତିଶତ। ଜଳବାୟୁ ପରିବର୍ତ୍ତନ ଜନିତ ଅର୍ଥନୈତିକ କ୍ଷତି ପ୍ରଭାବରୁ ଜର୍ମାନୀ, ଫ୍ରାନ୍ସ ଓ ଆମେରିକା ଭଳି ବିକଶିତ ଦେଶ ମଧ୍ୟ ବାଦ ପଡ଼ିବେ ନାହିଁ ବୋଲି ଲିଓନି ୱେଞ୍ଜ୍ କହିଛନ୍ତି।

ଶ୍ରମିକମାନଙ୍କ ଉତ୍ପାଦକତା କମୁଛି ଏବଂ ଭିତ୍ତିଭୂମି ମଧ୍ୟ ନଷ୍ଟ ହେଉଛି ବୋଲି ଜର୍ମାନୀର ପଟ୍ସଡ୍ୟାମ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ (ପିଆଇକେ)ପକ୍ଷରୁ କୁହାଯାଇଛି। ବିଶ୍ୱର ୧୬୦୦ରୁ ଅଧିକ ଅଞ୍ଚଳରୁ ଗତ ୪୦ ବର୍ଷର ତଥ୍ୟ ସଂଗ୍ରହ କରି ଭବିଷ୍ୟତ ସଂପର୍କରେ ଉକ୍ତ ସଂସ୍ଥାର ବୈଜ୍ଞାନିକମାନେ ଏଭଳି ଭୟଙ୍କର ପୂର୍ବାନୁମାନ କରିଛନ୍ତି। ଜଳବାୟୁ ପରିବର୍ତ୍ତନ କାରଣରୁ ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ବିଶ୍ୱରେ ଲୋକମାନଙ୍କ ହାରାହାରି ଆୟ ୧୯ ପ୍ରତିଶତ କମିଯିବ ବୋଲି ନେଚର ପତ୍ରିକାରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ତୃତୀୟ ଅଧ୍ୟାୟ



ଶ୍ରୀ ଅଭିରାମ ସରସ୍ୱତୀ

ମଜାରେ ମଜାରେ କାମ କର ନାହିଁ
ଭବିଷ୍ୟତ ଭାଗ୍ୟ ଡୋରି
ମଜାରେ ମଜାରେ କାମ କର ନାହିଁ
ଅତୀତର ଭାବତରୀ। (୧)

ମନ୍ଦ ଉଦ୍ଦେଶ୍ୟରେ କର୍ମ କର ନାହିଁ
ମହତ ଯିବ ଫୁସୁରି
ମହାକାଳ ପରି ମନ୍ଦ ଯେ ସୁନ୍ଦରୀ
ମୁହୂର୍ତ୍ତେ ଯାଏ ପାସୋରି। (୨)

ମନ ଟଳମଳ ହୋଇବ ସବୁରି
ଲୋଭ ମୋହ ମାୟା ଧରି
ମମତା ଫାସରେ କାଳ ହସ୍ତେ ଡୋରି
ଏହିତ କାଳିର ତରୀ। (୩)

ମହାପାପ କରି ହୃଦୟରେ ଭରି
ଦେଖାଉଥିବେ ଚତୁରୀ
ମହାକାଳ କିନ୍ତୁ ନେବରେ ଘୋଷାରି
ବଡପଣ ଯିବ ସରି। (୪)

ମନ ସଫାକର ବସିବେରେ ହରି
ମନ ତ ଗୁରୁ ତୁମ୍ଭରି
ମନ ଆସନ ତ ଶ୍ରୀ ଅନନ୍ତ ହରି
ମନକୁ ରଖ ବିଚାରି। (୫)

ମନ ଥୟ ଯାର ଜୟ ତ ତାହାରି
କାଳ ଫାସ ଥାଏ ଡରି
ମନକୁ ଅମନେ ଯିଏ ଦିଏ ଭରି
ମାୟା ତାକୁ ଥାଏ ଡରି। (୬)

ମନଟି ମ କାର ମହେଶ୍ୱର ଧରି
ଓଁ କାର ଲୟ ତାଙ୍କରି
ମରଣକୁ ଜିଣି ଭବ ଭୟ ହାରି
ଶ୍ମଶାନ ନେଲେ ଆଦରି। (୭)

ମଦ, ମାଂସ, ନାରୀ ତ୍ରିଶୂଳକୁ ଧରି
କଳି ବୁଲେ ଘିରି ଘିରି
ମମତା ଲଗାଇ ମୋହ ଫାସେ ଭରି
କରି ଦିଏ ହତଶିରୀ। (୮)

# ଶ୍ରୀଜଗନ୍ନାଥ ସଂସ୍କୃତିରେ ରଥ ଓ ପଥର କିମ୍ବଦନ୍ତୀ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଭଗବତୀ ସାହିତ୍ୟ ସଂସଦ
ଅରଙ୍ଗାବାଦ, ବରୀ, ଯାଜପୁର
ମୋ-୮୨୪୯୫୦୨୭୭୬



ଶ୍ରୀଜଗନ୍ନାଥ ସଂସ୍କୃତିର ଶିଳ୍ପସାର ସଂଗ୍ରହ ପୋଥିରେ ୨ୟ ଖଣ୍ଡରେ ରଥର ମୂଳରୁ ଚୂଳ ପର୍ଯ୍ୟନ୍ତ ମୋଟ ୨୭ ଭାଗ କରାଯାଇଛି। ପ୍ରତ୍ୟେକ ଭାଗକୁ ଚଉଠା ଓ ଚଉଠା ଦେଢ଼ ଭାଗକୁ ଅଙ୍ଗୁଳ ବା କଳା କୁହାଯାଏ। ରଥର ତଳ ଚକଡାର ଦୈର୍ଘ୍ୟ ୨୭ ଚଉଠା। ଏହି ଚକଡାକୁ ୯ ଭାଗ କରି ୧୦ ଧାରଣା ପକାଯାଏ। ପ୍ରଥମ ୬ ଧାରଣାର ଲମ୍ବ ୨୭ ଚଉଠା, ୨ୟ ଧାରଣାର ଲମ୍ବ ୨୧ ଚଉଠା ଓ ୩ୟ ଧାରଣାର ଲମ୍ବ ୧୫ ଚଉଠା। ମୁହାଣର ଲମ୍ବ ୧୫ ଚଉଠା, କୁଡୁକାର ଲମ୍ବ ଧାରଣ ମହଲାକୁ ୩ ଚଉଠା, ଏପରି ଚାରି କୋଣରେ ୮ କୁଡୁକା ଦେବ। ବଡ଼ ଦୁଇ ଅଖ ଲମ୍ବ ୩୦ ଚଉଠା, ଛୋଟ ଦୁଇ ଅଖ ଲମ୍ବ ୨୪ ଚଉଠା। ଏହି ଏକ ଚଉଠାକୁ ୧୨ ଭାଗ କରାଯାଏ। ୧୭ ଚଉଠ ୮ ଅଙ୍ଗୁଳରେ ବଡ଼ ଅଖ ଦୁଇ ଗୋଟି ପୁଡା ଡାଇ ହାଣିବ। ଗୁଳିର ଉଚ୍ଚ ୫ ଚଉଠ ୮ ଅଙ୍ଗୁଳ ଗୁଳି ବହଳ ଛାଡି ଛାଡି ଅଖରେ କାନ କିଳା ବିନ୍ଧ କରିବ। ମୁହାଣକୁ ଗୁଳି ନିଶ୍ୱାସ ୮ ଅଙ୍ଗୁଳ ଛାଡି ଧାରଣାରେ ଅଖର କାବିଳା କଣ୍ଟା ବିନ୍ଧ କରିବ। ମୁହାଣ ମଝାଲକୁ ୮ ଚଉଠ ୪ ଅଙ୍ଗୁଳ ଛାଡି ବଡ଼ ଅଖ କାବିଳା ବିନ୍ଧ ଧାରଣାରେ କରିବେ। ୧୦ ବାହି ପ୍ରକାରେ ଗୋଜଫୁଲି କରି ଜଳନ୍ତରିଆ ଖୋଜ ବିନ୍ଧ କରିବ। ଧାରଣା ବାହି ଉପରେ ଜିଆ ୮ ଚଉଠରେ ନାଇକା ବିନ୍ଧ କରିବ। ନାଇକା ପାଖ ଜଳନ୍ତରିଆ ଖିଜ ୪ ଚଉଠ ୧୨ଅଙ୍ଗୁଳ ଉଚ୍ଚ ଖୁସି କରିବ। ଏଥି ଉପରେ ଛନ୍ଦା ପକାଇବ। ଚକଡା ଚାରିପାଖ ଧାରଣାକୁ ଛନ୍ଦାକୁ ଟୀକା କରିବ। ଧାରଣା ଉପରଠାରୁ ଜିଆ ମିଶି ନାଇକା ୧୪ ଚଉଠ ରଖି ଖୁସି କରିବ। ସିଂହାସନର ଉଚ୍ଚ ୧୨ ଅଙ୍ଗୁଳ କରିବ। ଜିଆ ବହଳ ୧୨ ଆଙ୍ଗୁଳ କରିବ। ଓସାର ୧ ଚଉଠା ନାଇକା ଉପରେ ୮ଚଉଠାଇ ଚଉତାଳ କରିବ। ପ୍ରଥମେ ଭୂଇଁ ଲଦିବ। ଭୂଇଁ ବହଳ ୫ ଅଙ୍ଗୁଳ ଫୁଲିଠାରୁ ଭୂଇଁ ଅଁଳା, ୨ ଚଉଠ ୪ ଅଙ୍ଗୁଳ। ଭୂଇଁ ମଝାଲ ସୂତାଠାରୁ ୨ ଅଙ୍ଗୁଳ ରଖି ଗୈ ହାଣିବ। ପାଖୁଡା ୩ ଚଉଠ ୪ ଅଙ୍ଗୁଳ, କୋଣ ପାଖୁଡା ୧ ଚଉଠ ୪ ଅଙ୍ଗୁଳ, ଫୁଲିଠାରୁ ୧ ଚଉଠ ଲେଖା ଛାଡି ଦୁଇ ପାଖୁଡା ବସାଇବ। ଏହି ପରି ଚାରିପାଖେ ୧୬ ଗୋଟି ପାଖୁଡା ମାରିବ। ଫୁଲିଠାରୁ ୧ ଚଉଠ ୨ ଅଙ୍ଗୁଳ ଲେଖାରେ ହଂସପାଦି ପକାଇ ୧ ଚଉଠ ଉଚ୍ଚରେ ଚଢ଼େଇ ଖୋଜ ବସାଇବ। ଏଥି ଉପରେ ପାଖୁଡା ହଂସ ପାଦି ମାରିବ। ଚାରି ପାଖେ ହାରାମାଳି ମାରିବ। ଏଥି ଉପରେ ୬ ଚଉଠରେ ବିନ୍ଧ କରି ୮ ଅଙ୍ଗୁଳ ଛାଡି ଓରା ପକାଇବ। ଏହ ପରେ ୨ୟ ଭୂଇଁ, ୨ୟ ପାଖୁଡା ମାରିବ। ଏପରି ଚାରିଦିଗେ ୧୨ ପାଖୁଡା ମାରିବ। ତୃତୀୟ ପୁର ଭୂଇଁ ଚଉତାଳ ୬ ଚଉଠରେ ବସିବ। ପ୍ରଥମେ ପଟଳ ଲମ୍ବ ୮ ଚଉଠ,ରାହା କାଟଣ ଶେଷଠାରୁ ୧୪ ଅଙ୍ଗୁଳ ଉଚ୍ଚ, ୨ୟ ରାହା ମଧ୍ୟ ୧୨ ଅଙ୍ଗୁଳ ଉଚ୍ଚରେ କାଟଣ ହେବ। ଏହି ପରି ଚାରିପାଖ ପଟଳ କରିବ। ପ୍ରଥମ ସାତପୁର ପଟଳ ଉଚ୍ଚ ୨ ଚଉଠ, ସାତପୁରରେ କୋଣ ଓରା ପକାଇ ପଟଳ ଲଦିବ। ପଟଳ ଭୂଇଁ ଉପରଠାରୁ ବଡ଼ ଖୋଜ ମଧ୍ୟ ଚୌତାଳରେ ୨ ଚଉଠ ୧୨ ଅଙ୍ଗୁଳ ରଖି ବସାଇବ। ଏଥି ଉପରେ ପାରାଭାଡି ଭୂଇଁ ୩ ଚଉଠ ୮ଅଙ୍ଗୁଳରେ ଚଉତାଳ କରି ବସାଇବ। ପ୍ରଥମ ସାତପୁର ପଟଳ ଉପରେ ପଟଳ ଭୂଇଁ ଲଦା ହେବ। ୨ୟ ରାହା ୨ ଅଙ୍ଗୁଳ ଲେଖାରେ ପୁରକୁ ପୁର ସାତପୁର କାଟିବ। ୨ୟ ସାତପୁର ପଟଳ ୨ ଚଉଠ କରିବ। ଏଥି ଉପରେ ୧ ଚଉଠ ଉପରେ ମାଙ୍କଡ଼/ଛନ୍ଦା ଦୁଇଗୋଟି ଚଉତାଳ କରି ପକାଇବ। ଦଧିନଉତି ୨ ଚଉଠ ଉଚ୍ଚରେ ମାଙ୍କଡ଼ ଛନ୍ଦା ଉପରେ କଳସ ଚକ୍ର ପତାକା ହେବ। କଳଶା ଶିଖାଠାରୁ ପାରାଭାଡି ଭୂଇଁ ତଳ ପର୍ଯ୍ୟନ୍ତ ଦଖିନଉତି ଖୋଜ ହେବ।

ରଥପାଦ ଦେଶରୁ ଶୀର୍ଷଦେଶ ପର୍ଯ୍ୟନ୍ତ ଥିବା ଅଂଶଗୁଡ଼ିକ ମଧ୍ୟରେ ଚକ, ଦଣ୍ଡିଆ, ଅର, ବାଙ୍କି ହଂସପଟା, କଣି, ଶଙ୍ଖଦ୍ୱାର, ଜାଲି, ଗାଇପଟା, ସିଂହାସନ, କନକ ମୁଣ୍ଡେଇ, ଭୂମି, ଷୋଳ ନାହକ, ମଗରଦଣ୍ଡା, ବସନ୍ତ, ଦୁଆରଘୋଡ଼ା, ସାରଥୀ ପୀଢ଼, କୁମ୍ଭପଟି, ରାହୁପଟି, ଆଠ ନାହାକା, ପୀଢ଼, ରଷିପଟା, ଦଣ୍ଡା, ପାରାଭାଡି, ଖପୁରୀ, ପାଦ, ଓଲଟ, ଶୁଆ,ଦଧିନଉତି, କଣ୍ଠି, ଦଣ୍ଡ, ଚକ୍ର ଓ କେତନ। ଶିଳ୍ପ ଶାସ୍ତ୍ରାନୁଯାୟୀ ରଥର ଅଙ୍ଗ ଗୁଡିକୁ ସାଧାରଣତଃ ୧୩ଟି ମୁଖ୍ୟ ଅଙ୍ଗରେ ବିଭକ୍ତ କରାଯାଇଛି। ଯଥା- (୧) ଚକ୍ର ପୀଠ, (୨) ଅରଦଣ୍ଡା,(୩)ଗଗରା,(୪) ମୂଳନାଭ,(୫) ବରାଣ୍ଡି,(୬) ହଂସପଟା, (୭) ରଥଗର୍ଭ,(୮) ପାରାଭାଡି,(୯) କଳସ ପୀଠ, (୧୦) ଦଧିନଉତି, (୧୧) କର୍ଣ୍ଣଅଳା,(୧୨) ଧାତୁ କଳସ ଓ (୧୩) ଆୟୁଧ ଧ୍ୱଜା। ତେବେ ଆସନ୍ତୁ ଜାଣିବା ଏହି ରଥର ପୁଙ୍ଖାନୁପୁଙ୍ଖ ବିଷୟରେ।

ନନ୍ଦିଘୋଷ ରଥ - 'ନନ୍ଦିଘୋଷ' ବା ଗରୁଡ଼ଧ୍ୱଜ' ବା 'କପିଳଧ୍ୱଜ' ରଥରେ ଜଗନ୍ନାଥଙ୍କ ସହ ମଦନମୋହନ ବିଜେ କରନ୍ତି। ମୋଟ ୭୪୨ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୫ଫୁଟ ୬ ଇଞ୍ଚ ଅଟେ। ଏହି ରଥରେ ୧୬ଟି ଚକ (ବିଷ୍ଣୁସିଦ୍ଧ, ବିଭୂତି, ଅଣିମା, ପ୍ରଜ୍ଞା, ଧୀ, ଜ୍ଞାନ, ପ୍ରେମ, ଆଶକ୍ତ, ରତି, କେଳି, ସତ୍ୟ, ସୁସ୍ୱସ୍ତି, ଜାଗୃତି, ତୁରୀୟ, ଆମ, ନିର୍ବାଣ) ସଂଯୁକ୍ତ ହୋଇଥାଏ। ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ। ସାରଥି: ଦାରୁକ। ରଥର ଦଉଡ଼ି: ଶଙ୍ଖଚୂଡ଼। ପରମ୍ପରା ମୁତାବକ ଧଳାରଙ୍ଗର ଚାରୋଟି ଘୋଡ଼ା। (ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦ୍ୱାଶ) ସ୍ଥାପନ କରାଯାଏ। ଏହାର ପତାକା ଗରୁଡ଼ ଚିହ୍ନାଙ୍କିତ। ଧ୍ୱଜପମୂର୍ତ୍ତି: ପଞ୍ଚମୁଖୀ ହନୁମାନ। ନାଲି ଓ ହଳଦିଆ ରଙ୍ଗର କପଡ଼ାରେ ରଥାବରଣ କରାଯାଏ। ନନ୍ଦିଘୋଷରେ ହରିହର, ପଣ୍ଡୁ ନୃସିଂହ, ଗିରିଧର, ଷଡ୍‌ଭୁଜ ଚିନ୍ତାମଣି କୃଷ୍ଣ, ଚତୁର୍ଭୁଜ ନାରାୟଣ, ସପ୍ତଫେଣ ସର୍ପରେ ଆସୀନ ମଧୁସୂଦନ ବା ବିଷ୍ଣୁ, ଲକ୍ଷ୍ମଣ, ପଞ୍ଚମୁଖୀ ମହାବୀର ପାର୍ଶ୍ୱଦେବ/ଦେବୀ ଭାବେ ଅବସ୍ଥାନ କରିଥାନ୍ତି।

ଦର୍ପଦଳନ ରଥ - 'ଦର୍ପଦଳନ' ବା 'ପଦ୍ମଧ୍ୱଜ' ବା 'ଦେବଦଳନ' ରଥରେ ସୁଭଦ୍ରାଙ୍କ ସହ ଶ୍ରୀସୁଦର୍ଶନ ବିଜେ କରନ୍ତି। ମୋଟ ୭୧୧ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୪ଫୁଟ ୬ ଇଞ୍ଚ ଅଟେ। ଏହି ରଥରେ ୧୨ଟି ଚକ ସଂଯୁକ୍ତ ହୋଇଥାଏ। ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ ୮ ଇଞ୍ଚ। ସାରଥି: ଅର୍ଜୁନ। ରଥର ଦଉଡ଼ି: ସ୍ୱର୍ଣ୍ଣଚୂଡ଼। ଧ୍ୱଜପମୂର୍ତ୍ତି: ଜୟଦୁର୍ଗା। ପରମ୍ପରା ମୁତାବକ ନାଲି ଚାରୋଟି ଘୋଡ଼ା (ରୋଚିକା, ମୋଚିକା, ଜିତା, ଅପରାଜିତା) ସ୍ଥାପନ କରାଯାଏ। ନାଲି ଓ କଳା ରଙ୍ଗର କପଡ଼ାରେ ରଥାବରଣ କରାଯାଏ। ଦର୍ପଦଳନରେ ବିମଳା, ମଙ୍ଗଳା, ବାରାହୀ, ଭଦ୍ରକାଳୀ(ଶବରୂଢ଼ା ଚତୁର୍ଭୁଜା), ବନଦୁର୍ଗା ବା କଣ୍ଟକାର୍ଡ଼ି, କାତ୍ୟାୟନୀ (ଅଷ୍ଟଭୁଜା ଦୁର୍ଗା), ହରଚଣ୍ଡୀ, ରାମଚଣ୍ଡୀ (ଅଷ୍ଟଭୁଜା ଓ ବାମହାତ କାଣି ଆଙ୍ଗୁଠିକୁ ପାଟିରେ ଚୁଚୁମିଛନ୍ତି), ଅଘୋରା ପାର୍ଶ୍ୱଦେବ/ଦେବୀ ଭାବେ ଅବସ୍ଥାନ କରିଥାନ୍ତି। ଶ୍ରୀଜଗନ୍ନାଥଙ୍କ ରଥର ୧୬ ଚକ ଷୋଳକଳାର, ବଳଭଦ୍ରଙ୍କର ୧୪ ଚକ ଚତୁର୍ଦ୍ଦଶ ମନ୍ୱନ୍ତରର ଓ ସୁଭଦ୍ରାଙ୍କ ୧୨ ଚକ ବାରମାସର ଦୃଷ୍ଟି ଆକର୍ଷଣ କରିଥାଏ। ତିନି ରଥର ଦଧିନଉତି : ହିରଣ୍ୟଗର୍ଭ, ହିରଣ୍ମୟୀ, ଭୁବନକୋଷ। ଏହି ତିନି ଦଧିନଉତି ଉପରେ ମୋଟ ୯ଟି ପିତଳ କଳସ (ନଭ, ଆକାଶ, ବ୍ୟୋମ, ପରା, ଅପରା, ବୈଖାରୀ, ଚନ୍ଦ୍ର, ସୂର୍ଯ୍ୟ, ବିଦ୍ୟୁତ) ସ୍ଥାପନ କରାଯାଏ।

ତାଳଧ୍ୱଜ ରଥ - ତାଳଧ୍ୱଜ' ବା 'ଲଙ୍ଗଳ ଧ୍ୱଜ' ରଥରେ ବଳଭଦ୍ରଙ୍କ ସହ ରାମକୃଷ୍ଣ ବିଜେ କରନ୍ତି। ମୋଟ ୭୩୧ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୫ଫୁଟ ଅଟେ। ଏହି ରଥରେ ୧୪ଟି ଚକ ସଂଯୁକ୍ତ ହୋଇଥାଏ। ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ ୬ ଇଞ୍ଚ। ଦଧିନଉତି: ହିରଣ୍ମୟୀ। ସାରଥି: ମାତଳୀ। ରଥର ଦଉଡ଼ି: ବାସୁକୀ। ପରମ୍ପରା ମୁତାବକ କଳା ରଙ୍ଗର ଚାରୋଟି ଘୋଡ଼ା ଘୋଡ଼ା (ତୀବ୍ର, ଘୋର, ଦୀର୍ଘଶ୍ରମ ଏବଂ ସ୍ୱର୍ଣ୍ଣନାଭ) ବା (ସ୍ଥିରା, ଧୃତି, ସ୍ତୁତି ଏବଂ ପ୍ରଜ୍ଞା) ବା (ଶଙ୍ଖ,ସୁଚିତ୍ର, ଅଙ୍ଗଦ ଏବଂ ମେଘନାଦ) ସ୍ଥାପନ କରାଯାଏ। ଧ୍ୱଜପମୂର୍ତ୍ତି: ଲକ୍ଷ୍ମୀନୃସିଂହ। ନାଲି ଓ ସବୁଜ ରଙ୍ଗର କପଡ଼ାରେ ରଥାବରଣ କରାଯାଏ। ତାଳଧ୍ୱଜ ରଥରେ ମହାଦେବ, ବାଇଶିଭୁଜ ନୃସିଂହ, ବଳରାମ, ନୃତ୍ୟ ଗଣପତି, ଲକ୍ଷ୍ମଣଙ୍କୁ ବହନ କରିଥିବା ଅଙ୍ଗଦ, ନାଟାମ୍ବର (ବୃଷଭ ଉପରେ ନୃତ୍ୟରତ ଶିବ), କାର୍ତ୍ତିକେଶ୍ୱର, ମଧୁକୈଟବଙ୍କ ସହ ବିଷ୍ଣୁଙ୍କ ଯୁଦ୍ଧ, ଅନନ୍ତବାସୁଦେବ ପାର୍ଶ୍ୱବଦେବ/ଦେବୀ ଭାବେ ଅବସ୍ଥାନ କରିଥାନ୍ତି।

# କ୍ଷୟ ହୋଇଯିବ ଖଣିଜସଂପଦ



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩
E-mail:mayadharnayak2014@gmail.com

ଏସିଆ ମହାଦେଶରେ କେବଳ ଓଡିଶାର ସୁକିନ୍ଦାରେ ହିଁ ୯୬% କ୍ରୋମପଥର ଅଛି। ପୃଥିବୀରେ ଭାରତ ବ୍ୟତୀତ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ, କାଜାକ୍‌ସ୍ଥାନରେ ଗଚ୍ଛିତ କ୍ରୋମ ପଥର ଉପରେ ସମଗ୍ର ବିଶ୍ୱ ନିର୍ଭରଶୀଳ। କ୍ରୋମର ବ୍ୟବହାର ସଂପର୍କରେ କେବଳ ଓଡ଼ିଶାବାସୀ ନୁହଁନ୍ତି ସାରା ପୃଥିବୀର ସାଧାରଣ ମଣିଷଙ୍କର ବିଶେଷ ଜ୍ଞାନ ନାହିଁ। କ୍ରୋମ ପଥର ବିଶେଷଭାବରେ ଯୁଦ୍ଧାସ୍ତ୍ର ନିର୍ମାଣ କରିବାରେ ସବୁଠୁ ବେଶି ସହାୟକ, ଇସ୍ପାତ ସହିତ ମିଶ୍ରଣ କରାଯାଇ ଶକ୍ତିଶାଳୀ, କ୍ଷୟରୋଧକ ମିଶ୍ରଧାତୁ ପ୍ରସ୍ତୁତ ହୁଏ। ବିଶ୍ୱରେ ଯେତେ ଯନ୍ତ୍ରପାତି ବ୍ୟବହାର ହେଉଛି - ସେଥିରେ କ୍ରୋମାଇଟ ହିଁ ମୁଖ୍ୟ ଅଂଶ ଗ୍ରହଣ କରେ। ବଲବ୍ ବେରିଙ୍ଗଠାରୁ ଆରମ୍ଭ କରି କ୍ରୋମ ମିଶ୍ରିତ ଇସ୍ପାତ ସବୁଠୁ ଶକ୍ତିଶାଳୀ ଯନ୍ତ୍ରାଂଶ ପ୍ରସ୍ତୁତ ହୋଇଥାଏ। ଦଧୀଚିର ଅସ୍ଥି - ଯାହାକୁ ନେଇ ବଜ୍ର। ଏ କ୍ରୋମାଇଟ ହେଉଛି - କଳିକାଳର ଦଧୀଚି ହାଡ଼ - ଯାହାକୁ ନେଇ ଆଧୁନିକ ମାରଣାସ୍ତ୍ରର ପ୍ରସ୍ତୁତି। ୟୁରୋପରୁ ଆମେରିକା ସବୁ ଧନକୁବେର ରାଷ୍ଟ୍ରର ନଖଦର୍ପଣରେ ଏବେ ସୁକିନ୍ଦା। ଏସୀୟ ରାଷ୍ଟ୍ର ଚୀନ ଓ ଜାପାନ ଚାଟିନେଇ ସାରିଲେଣି ସୁକିନ୍ଦା କ୍ରୋମାଇଟର ବହୁଳାଂଶ। ଯେଉଁ ଦେଶର ଖଣିଜ କଞ୍ଚାମାଲ ରପ୍ତାନି ହୁଏ, ସେ ଦେଶର ଲୋକେ ହତଭାଗା। ଆମେ ସେହି ହତଭାଗା ଭାରତୀୟ - ଲକ୍ଷ ଲକ୍ଷ ବର୍ଷ ଧରି ଆମ ମାଟି ତଳେ ଗଚ୍ଛିତ ଥିବା ମୂଲ୍ୟବାନ ଖଣିଜ ପଦାର୍ଥକୁ ବିଦେଶକୁ ଶାଗମାଛ ମୂଲରେ ବିକ୍ରି କରିଦେଉଛେ।

ତେବେ ସୁକିନ୍ଦା ଉପତ୍ୟକାରେ ଯେତେ କ୍ରୋମାଇଟ ଅଛି - ତାହା ବେପରୁଆ ଭାବେ ଉତୋଳନ କରି ବିକ୍ରି କରୁଥିଲେ - କି ଚୋରି କରୁଥିଲେ - ତାହା ଦିନେ ଶେଷ ହୋଇଯିବ। ସେତେବେଳେ ସୁକିନ୍ଦା ଖଣି ଅଂଚଳ 'ଭୂତଳ ଅଂଚଳ'ରେ ପରିଣତ ହେବ। ବର୍ମାରେ ଗଚ୍ଛିତ ଡିଜେଲ, ପେଟ୍ରୋଲ ଶେଷ ହୋଇଗଲା ପରେ ଯାହା ଅବସ୍ଥା ହେଲା, ସୁକିନ୍ଦା କ୍ରୋମାଇଟ ସରିଗଲେ - କ'ଣ ହେବ ଏବଠୁ କହିହେବନି।

କ୍ରୋମାଇଟ ଯଦି ମାଟି ଉପରେ ବାଲିଗୋଡ଼ି ଭଳି ଥୁଆ ହୋଇଥାନ୍ତା - ତା'ହେଲେ ସେ କେବେଠୁଁ ଶେଷ ହୋଇସାରନ୍ତାଣି। କ୍ରୋମାଇଟ ଅଛି ସାତତଳ ପଙ୍କ ଭିତରେ ମାଟିତଳ ଗୋଦାମରେ। ଉପରେ ଜଂଗଲ, ଗଛମାଳମାଳ, ଝରଣା, ତଳେ ୧୦୦ ମିଟରରୁ ୫ ହଜାର ମିଟର ଗଭୀରରେ ଅଛି କ୍ରୋମପଥର। କ୍ରୋମାଇଟ ବାହାର କରିବାକୁ ହେଲେ ଜଂଗଲ ଧ୍ୱଂସ କରିବାକୁ ହେବ - ଝରଣାର ଗତିପଥ ବଦଳାଇ ଦେବାକୁ ହେବ - ମାଟି କାଦୁଅ ଖୋଳିବାକୁ ହେବ - ଖଣିରେ ପାଣି ଭର୍ତ୍ତି ହେଲେ -ପାଣି କାଢ଼ି ନଈନାଳକୁ ଛାଡ଼ିବାକୁ ହେବ- ଆଉ ଅନେକ ଅନେକ କାର୍ଯ୍ୟ ଅକାର୍ଯ୍ୟ କରିବାକୁ ହେବ - ଏସବୁ ହେଲେ କ୍ରୋମାଇଟ 'ମହାପ୍ରଭୁ' ପଦାକୁ ଆସିବେ। ସେହି କ୍ରୋମାଇଟ ମହାପ୍ରଭୁଙ୍କୁ ଧଳା କାଗଜ କଲମରେ ବିକିବେ, କଳାରେ ଦଶଗୁଣ ବିକିବେ। ଯାହା ଖର୍ଚ୍ଚ ହୋଇଥିବ ଲାଭ ହେବ ଶହେଗୁଣ। ସେଇ ଲାଭ ଟଙ୍କାରୁ ପାଞ୍ଚଦଶ ଭାଗ 'ଭୋଗ' ବଣ୍ଟାରେ ଯିବ।

ଆମ ଓଡ଼ିଶାରେ ମାତ୍ର ସାତଆଠଟି ଲୁହାପଥର ଖଣିଚୋରି ଖୋଳତାଡ଼ ହେବାରୁ ୩ ଲକ୍ଷ କୋଟି ଟଙ୍କା କେହିକେହି ୫ ଲକ୍ଷ କୋଟି ଟଙ୍କା ଦୁର୍ନୀତିକୁ ଶତାବ୍ଦୀର ମହାଦୁର୍ନୀତି ବୋଲି କହୁଛନ୍ତି। ୩୨ ପ୍ରକାର ଖଣିଜ ସଂପଦରୁ ମାତ୍ର ୧ ପ୍ରକାର ଲୁହାପଥର ଖଣି ପୁଣି ମାତ୍ର ୭/୮ଟି ଖଣିରେ ଯଦି ଏତେ ବିପୁଳ ପରିମାଣରେ ଚୋରି ହୋଇଥାଏ, ତା'ହେଲେ ଅତ୍ୟନ୍ତ ମୂଲ୍ୟବାନ ଖଣିଜ ସଂପଦ କ୍ରୋମାଇଟ, କୋଇଲା, ହୀରାମୋତି, ମାଣିକ, ସୁନା, ବକ୍ସାଇଟ, ମାଙ୍ଗାନିଜ ପ୍ରମୁଖ ୩୧ ପ୍ରକାର ଖଣିଜ ପଦାର୍ଥର ପ୍ରାୟ ଏକହଜାର ଖଣିରୁ କେତେ ଚୋରିହୋଇଥିବ ଅନୁମାନ କରନ୍ତୁ।

ଏଇ ବିଶ୍ୱରେ ଜାଣିଥିଲି - ୩୨ ପ୍ରକାର ଖଣିଜସମ୍ପଦ। ଏବେ ଜାଣିଲି ଆଉ ୩୦ ପ୍ରକାର ଅତି ପ୍ରୟୋଜନ ଦୁର୍ମୂଲ୍ୟ, ଜଟିଳ ଖଣିଜର ସନ୍ଧାନ ବାବଦୀୟ ବ୍ୟାପାର। ପାଖାପାଖି ୫୦ପ୍ରକାର ଖଣିଜସଂପଦ ମଣିଷ ସଭ୍ୟତାର ବିକାଶରେ ଅତ୍ୟନ୍ତ ପ୍ରୟୋଜନ। ଏହି ଖଣି ପାଇଁ ସବୁ ଦେଶର ଧନଦାନବମାନେ ପାଗଳ। ପୃଥିବୀଗ୍ରହରୁ ଚନ୍ଦ୍ର ଉପଗ୍ରହକୁ ଯାଇ ଖଣିଜସଂପଦ ଖୋଜୁଛନ୍ତି। ଅର୍ଥନୈତିକ ବିକାଶ ଓ ଜାତୀୟ ସୁରକ୍ଷାପାଇଁ ଖଣିଜପଦାର୍ଥ ଅତ୍ୟନ୍ତ ଦରକାରୀ ଓ ଅମୂଲ୍ୟ। କେବଳ ଭାରତ ନୁହେଁ, ସାରାବିଶ୍ୱ ପାଇଁ ଆବଶ୍ୟକ। ଲୁହାପଥର, କ୍ରୋମାଇଟ୍, କୋଇଲା, ମାଙ୍ଗାନିଜ୍, ବକ୍‌ସାଇଟ୍, ହୀରା, ସୁନା, ମଣି, ମାଣିକ୍ୟ ପ୍ରମୁଖ ୩୨ ପ୍ରକାର ଏବଂ ଅତ୍ୟନ୍ତ ଜଟିଳ ଖଣିଜସଂପଦ ଲିଥିୟମ, କୋବାଲ୍ଟ, ନିକେଲ୍, ଭାଣ୍ଡାଡିଅମ୍, ନିଓବିଓମ୍, ସେରାମନିୟମ, ଫେନିୟମ, ବେରିଲିୟମ, ଟାଂଟାଲିଓମ୍, ଷ୍ଟ୍ରୋଟିଲଅମ୍, ଆଂଟିମନି, ବିସ୍‌ମୁଥ, କୋପର, ଗାଲିୟମ, ଗ୍ରାଫାଇଟ୍, ହାଫନିୟମ୍, ଇଣ୍ଡୁଏମ୍. ମୋଲିବେଡନିୟମ୍, ପ୍ଲାଟିନମ୍ ଗ୍ରୁପ୍, ଫସପରସ୍ ୟିଙ୍ଗସ୍, ପଟାସ୍, ରେଆର ଇରଥି ଏଲିମେଣ୍ଟସ୍, ସିଲିକନ୍, ଟେଲିଟୁରିୟମ୍, ଟିନ୍, ଟାଟାନିୟମ, ଟୁଙ୍ଗଷ୍ଟେନ୍ ଜିରାକୋନିୟମ, ସିଲେନିୟମ୍, କାଡମିୟମ୍ ପ୍ରଭୃତି ୩୦ ପ୍ରକାର ପାତାଳରେ, ପାହାଡ଼ପର୍ବତରେ ମା ମେଦିନୀ ଏହି ପ୍ରାକୃତିକ ପ୍ରାଚୁର୍ଯ୍ୟପୁଂଜକୁ ନିଜ ଗର୍ଭଗୃହ ଅଭ୍ୟନ୍ତରରେ ସଯତ୍ନେ ସାଇତି ରଖିଛି।

ଏ ସମସ୍ତ ଖଣିଜସଂପଦ ସକଳ ଭୂଭାଗରେ ବିଛୁରିତ। ପୃଥିବୀପୃଷ୍ଠରେ ଯିଏ ଯେଉଁଠି ଦେଶ ଗଢ଼ି ବସବାସ କରୁଛନ୍ତି - ସେ ଭୂଖଣ୍ଡଗତ ଖଣିଜ ସଂପଦାବଳୀର ତ ସେଇ ସେଇ ଦେଶ ହିଁ ମାଲିକ। କିନ୍ତୁ ଖଣିଜସଂପଦ ସମସ୍ତଙ୍କର ବିକାଶର ଅଗ୍ରଗତି ପାଇଁ ଜରୁରୀ। ତେଣୁ ଖଣିଜସଂପଦ ଆମଦାନୀ-ରପ୍ତାନୀ କରାଯାଏ। ଏଇସବୁ ଖଣିଜସଂପଦରୁ ଯେଉଁସବୁ ପଦାର୍ଥ ପ୍ରସ୍ତୁତ ହୁଏ, ତା'ର ଅମୂଲ୍ୟ ମୂଲ୍ୟ। ଯାହା ପାଖରେ ଅର୍ଥ - ସେ ହାତେଇନେଇ 'ଫିନସ୍‌ଡ୍ ପ୍ରଡକ୍ଟ' ପ୍ରସ୍ତୁତ କରି ପୁଣି ଆମଦାନୀ କରିଆଣିଥିବା ଦେଶକୁ ବି ବେଶ୍ ଚଢ଼ାଦରରେ ରପ୍ତାନୀ କରିବା ଦ୍ୱାରା ଆଖିବୁଜା ମୁନାଫା ଅର୍ଜିପାରେ। ସୁତରାଂ ଯିଏ ଯେତେ ବେଶି ମୁଣ୍ଡ ଖଟାଇଲା - ସେଇ ଦେଶ ସେତେ ବେଶି ଲାଭ ହାତେଇପାରିଲା। ଯେଉଁମାନେ ମୁଣ୍ଡ ଖଟେଇ ପାରନ୍ତିନାହିଁ, ସେମାନେ ଆମର ଏ ପ୍ରତାରିତ ଦେଶ ଭାରତ ଭଳି ଖଣିଜ କଞ୍ଚାମାଲକୁ ବିକାବିକି କରନ୍ତି - ସେ ଦେଶର ଲୋକେ ହତଭାଗା।

ଲିଥିୟମ୍ ହେଉଛି ନୂଆ ଚେହେରାର ଚାନ୍ଦିସୁନା। ଏହି କଅଁଳ ସିଲର୍ଭ ଧଳାମେଟାଲ୍‌ରେ ବିଦ୍ୟୁତ୍‌ଚାଳିତ ଗାଡ଼ିର ବ୍ୟାଟେରୀ, ମୋବାଇଲ୍ ଫୋନ୍ ରିଚାର୍ଜ ବ୍ୟାଟେରୀ, ହାଇଡ୍ରୋଜେନ୍ ଫୁଏଲ୍ ଷ୍ଟୋରେଜ୍, ମିଲିଟାରୀ ବାଲିଷ୍ଟିକ୍ ଆରମୋର୍ଭ, ଏୟାରକ୍ରାଫ୍ଟ, ଟ୍ରେନ୍ କମ୍ପାଟ୍‌ମେଂଟ୍‌ସ୍, ଟ୍ରେନ୍ କମ୍ପୋନେଂଟ୍‌ସ୍ କାର୍ଯ୍ୟରେ ଲାଗେ। ଏଇ ଲିଥିୟମ ଭାରତରେ ଏକ କିଲୋଗ୍ରାମ୍ ମଧ୍ୟ ନାହିଁ। ଆମେ ହଂକଂ, ଚୀନ୍, ଇଣ୍ଡୋନେସିଆ, ସିଙ୍ଗାପୁର, ଦକ୍ଷିଣକୋରିଆରୁ କିଣୁଛେ। କୋବାଲ୍ଟ ବ୍ୟବହାର ହୁଏ - ଇଲେକ୍ଟ୍ରି କମ୍ପୋନେଂଟ୍‌ସ୍, ର୍ଟବାଇନ୍ ଇଂଜିନ୍ କମ୍ପୋନେଂଟ୍‌ସ୍, ଅଟୋମୋବାଇଲ ଏୟାରବ୍ୟାଗସ, ଡ୍ରାଇଙ୍ଗ୍ ଏଜେଂଟସ୍ ଅଫ୍ ପେଂଟ୍ସ। ଏହି ସଂପଦ ଆମେ ଚୀନ୍, ବେଲଜିୟମ୍, ନେଦରଲ୍ୟାଣ୍ଡ, ଆମେରିକା, ଜାପାନରୁ ଆମଦାନି କରୁଛେ।

ନିକେଲ ଖଣିଜସଂପଦ ଜେଟ୍ ଆଣ୍ଡ କମ୍ବିନେସନ୍ ଇଂଜିନ୍ କମ୍ପୋନେଣ୍ଟସ୍ ରିଚାର୍ଜ ବେଲ୍ ବ୍ୟାଟେରୀ ଟୋନସ୍, କମ୍ପ୍ୟୁଟରସ୍, ଇଣ୍ଡଷ୍ଟ୍ରିଆଲ୍ ମାନ୍ୟୁଫାକ୍‌ଚରିଙ୍ଗ୍ ମେସିନସ୍ କାର୍ଯ୍ୟରେ ଲାଗେ। ଚୀନ୍, ସ୍ୱିଡେନ୍, ଇଣ୍ଡୋନେସିଆ, ଜାପାନ, ଫିଲିପାଇନସକୁ ରପ୍ତାନୀ କରୁଛେ। ଆମ ଭାରତର ଓଡ଼ିଶା ଅନ୍ତର୍ଗତ ସୁକିନ୍ଦାରେ ନିକେଲ ଅଛି। ମାଟି ଖୋଳି କ୍ରୋମାଇଟ୍‌ସ୍ତର ଡେଇଁଲେ ନିକେଲ ମିଳିବ। କ୍ରୋମାଇଟ୍ ମାଲିକଙ୍କ ଚକ୍ରାନ୍ତରେ ଏହି ନିକେଲ ବାହାରିପାରୁନାହିଁ। ଭାନାଡିୟମ୍ ବ୍ୟବହାର ହୁଏ ମିଲିଟାରୀ ଆରମୋର୍ଭ ପ୍ଲେଟିଙ୍ଗ୍, ଭେହିକିଲ୍ ଆର୍କ୍ସିସ୍, ନ୍ୟୁକ୍ଲିଅର ରିଆକ୍ଟର କମ୍ପୋନେଣ୍ଟସ୍। ଏହା ଜର୍ମାନୀ, ସାଉଥଆଫ୍ରିକା, ବ୍ରାଜିଲ୍, କୁଏତ୍, ଥାଇଲାଣ୍ଡରେ ମିଳେ। ନିଓବିୟମ୍ ଖଣିଜଧାତୁରେ ଜେଟ୍ ଇଂଜିନ୍, ରକେଟସ୍, ଏମ୍.ଆର.ଆଇ. ସ୍କାନର୍ସ, ଅଏଲ୍ ରିଗସ୍, ପାଇପ୍ ଲାଇନସ୍‌ରେ ବ୍ୟବହୃତ। ଏହାକୁ ବ୍ରାଜିଲ୍, ଅଷ୍ଟ୍ରେଲିଆ, କାନାଡା, ସାଉଥଆଫ୍ରିକା, ଇଣ୍ଡୋନେସିଆରୁ ରପ୍ତାନୀ କରୁ। ଜେରାନିୟମ ଫାଇବ୍ରାଅପଟିକ୍ କମ୍ୟୁନିକେସନ୍ ନେଟ୍ ୱାର୍କସ୍, କ୍ୟାମେରା ଓ ମାଇକ୍ରୋସ୍କୋପ୍ ଲେନସ୍, ଇନ୍‌ଫ୍ରାରେଡ଼ ନାଇଟ୍ ଭିଜନ୍ ସିଷ୍ଟମସ୍‌ରେ ବ୍ୟବହାର ହୁଏ। ଫେଲିଅମ୍‌ରେ ଏରିଓସ୍ପେସ୍ ପ୍ରଡକ୍ଟ, ରିଫାଇନ୍ ପେଟ୍ରୋଲିୟମ୍ ପ୍ରଡକ୍ଟ ପ୍ରସ୍ତୁତ ହୁଏ। ଏହା ରୁଷ, ଚୀନ, ଇଂଲଣ୍ଡ, ନେଦରଲ୍ୟାଣ୍ଡ, ସାଉଥଆଫ୍ରିକାରୁ ଆମଦାନି ହୁଏ। ବେରିଲିୟମ୍ ବ୍ୟବହାର ହୁଏ କମ୍ପ୍ୟୁଟର ଇଲେକ୍ଟ୍ରୋନିକ୍ସ ଏବଂ ଅପ୍ଟିକାଲ ପ୍ରଡକ୍ଟସ୍‌ରେ। ଟାଣ୍ଟାନିୟମରେ କାପାସିଟର, ଗ୍ୟାସ ଟରବିନ୍ କମ୍ପୋନେଣ୍ଟସ୍, ମିଶାଇଲ ଏବଂ ରେଡିଓ କମ୍ୟୁନିକେସନ୍ ସିଷ୍ଟମସ୍ ପ୍ରସ୍ତୁତ ହୁଏ। ଏହା ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ସାଉଥଆଫ୍ରିକା, ମାଲେସିଆ, ଆମେରିକାରୁ ଆମଦାନି ହୁଏ। ଷ୍ଟ୍ରୋଟିୟମ୍‌ରେ ବାଇକ୍ ଆସେସୋରିଜ୍, କାଷ୍ଟିଙ୍ଗ୍ ଆଏ ନନ୍‌ଫେରିଏସ୍‌ରେ ବ୍ୟବହୃତ ହୁଏ। ଏହା ଚୀନ୍, ଆମେରିକା, ରୁଷିଆ, ଇଷ୍ଟୋନିଆ, ଷ୍ଟୋଭେନିଆରୁ ଆମଦାନି ହୁଏ। ବାକି ୨୦ପ୍ରକାର ଜଟିଳ ଖଣିଜପଦାର୍ଥରୁ ନୂଆନୂଆ ପରୀକ୍ଷାନିରୀକ୍ଷା କରି ଦୁର୍ମୂଲ୍ୟ ପଦାର୍ଥ ପ୍ରସ୍ତୁତ ହେଉଛି।

ଆମ ସରକାର ନିଜର ଅପହୃତ ଇଚ୍ଛାଶକ୍ତି ଓ ଦୂରଦୃଷ୍ଟିହୀନତା ପାଇଁ ଦୁର୍ମୂଲ୍ୟ ଖଣିଜସଂପଦକୁ ଖଣିରୁ ବାହାରକରି କଳକାରଖାନାରେ ବ୍ୟବହାର କରିବା ପର୍ଯ୍ୟନ୍ତ ଯେଉଁସବୁ କାର୍ଯ୍ୟ କରିବା ଆବଶ୍ୟକ - ସେଥିପ୍ରତି ଆଦୌ ଦୃଷ୍ଟି ଦେଉନାହାଁନ୍ତି। ସବୁ ଖାମଖିଆଲ ଖାଲି ଖଣିଜସଂପଦ ଯେନତେନ ପ୍ରକାରେଣ କାଢ଼ି ବସ୍ତାବସ୍ତା ଅର୍ଥ ସାଇତିବା ହେଲା ମୂଳଲକ୍ଷ୍ୟ।

ଭାରତର ଏନର୍ଜି ସେକ୍ଟର ଅତ୍ୟନ୍ତ ଦୁର୍ବଳ। ବର୍ତମାନ ସାରାବିଶ୍ୱରେ ବିଜୁଳି, ତେଲର ଆବଶ୍ୟକତା ଅଛି। ଏହି ବିଜୁଳିଶକ୍ତି, ଡିଜେଲ, ପେଟ୍ରୋଲ୍, କୋଇଲା ଏବଂ ପ୍ରାକୃତିକ ଗ୍ୟାସରୁ ଆସେ। ଭାରତ ପୃଥିବୀର ଜନସଂଖ୍ୟାରେ ଏକନମ୍ବର କିନ୍ତୁ ଆମ ବୁଦ୍ଧିଆ ଲୋକମାନଙ୍କୁ ବିଦେଶୀମାନେ କିଣିନେଇଛନ୍ତି। ମୋଟା ଦରମା, ସବୁ ସୁବିଧା ଯୋଗାଇଦେଇ ଆଧୁନିକ ଗୋଲାମକରି ରଖିଛନ୍ତି। ସେମାନଙ୍କୁ ବୁଦ୍ଧିକୁ ତାଙ୍କ ଦେଶର ସଂପତ୍ତି ବଢାଇବାରେ ଲଗେଇଛନ୍ତି। ଆଉ ଯେଉଁ ଦ୍ୱିତୀୟ ବୁଦ୍ଧିଆମାନେ ରହିଲେ - ସରକାର ସେମାନଙ୍କ ମୁଣ୍ଡ ଖରାପ କରିଦେଇ ସୁବିଧାବାଦୀଗୋଲାମ କରିଦେଇଛନ୍ତି। ବାକି ତୃତୀୟ, ଚତୁର୍ଥ ଅଧାପାଠୁଆ ଯୁବଶକ୍ତି ନିଶାଗ୍ରସ୍ତ - ମାଗଣାଖିଆ - ବାକି ପଂଚମ ବୁଦ୍ଧିଆମାନେ ସରଳ, ଶାନ୍ତ, ଚାଷୀମୂଲିଆଶ୍ରମିକ ପେଟକୁ ପୁରା ଦାନା ପାଉଛନ୍ତି। ଆମ ଭାତହାଣ୍ଡି ଖଣିରୁ ଦେଶୀବିଦେଶୀ ଧନଦାନବମାନେ ସବୁ ଭାତ ନେଇ ହାଣ୍ଡି ଭାଙ୍ଗି ଦେଇଛନ୍ତି। ଏବେ ଭଙ୍ଗାହାଣ୍ଡିର ଭାରତବର୍ଷର ଜନ୍ତାରେ ପଡ଼ି ଜନତା ଜୀଅନ୍ତା ଜଳୁଛନ୍ତି।

କ୍ଷୟ ହୋଇଯିବ ଖଣିଜସଂପଦ - ଏଡ଼ାଇ ହେଉନାହିଁ ଏ ଭୟାନକ ଭବିଷ୍ୟତ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଜଗନ୍ନାଥ ତୁମେ ପରମବ୍ରହ୍ମ

*ବେବୀଲତା ଶତପଥି*



ଜଗନ୍ନାଥ ତୁମେ ପରଂବ୍ରହ୍ମ
ତୁମେ ଅନାଦି ଅନନ୍ତ
ଦାରୁବ୍ରହ୍ମ ।
ଜଗନ୍ନାଥ ।
ସୂର୍ଯ୍ୟୋଦୟ ତମେ ସୂର୍ଯ୍ୟାସ୍ତ ତମେ
ତୁମେ ରାତି ତୁମେ ଦିନ
ଜଗନ୍ନାଥ ।
ସଂଗୀତ ତୁମେ ମୂର୍ଚ୍ଛନା ତୁମେ
ତୁମେ ସତ୍ୟ ତୁମେ ସନାତନ
ଜଗନ୍ନାଥ।
ଲୀଳାମୟ ତୁମେ କୃପାମୟ ତୁମେ
ତୁମେ ନିତ୍ୟ ଶାଶ୍ୱତ ଜନାର୍ଦ୍ଦନ।
ଜଗନ୍ନାଥ।
ନିରାକାର ତୁମେ ଓଁକାର ତୁମେ
ତୁମେ ତ ଅଲେଖ ନିରଞ୍ଜନ
ଜଗନ୍ନାଥ ତୁମେ ।
ଆରମ୍ଭ ତୁମେ ଶେଷ ବି ତୁମେ
ତୁମେ ଅତୀତ, ଭବିଷ୍ୟ ବର୍ତ୍ତମାନ
ଜଗନ୍ନାଥ ତୁମେ ପରଂବ୍ରହ୍ମ।

*'ପଦ୍ମାଲୋକ' କେ-୪, କଳିଙ୍ଗ ବିହାର, ଭୁବନେଶ୍ୱର*

## ରଥଯାତ୍ରା...

*ସାଇପ୍ରସାଦ ସାହୁ*



କର୍ପୁର ଚନ୍ଦନ ସାଇତି ରଖିଛି କାଳିଆ
ଲଗେଇବି ମୁଁ ତୋ ଶ୍ରୀଅଙ୍ଗେ,
କେବେ ଯେ ଆସିବ ରଙ୍ଗହୋରି ପର୍ବ
ଖେଳିବୁ ତୁ ଅବିର ରଙ୍ଗେ।

ବରଷକେ ଥରେ ଆସେ ତୋ ରଥଯାତରା
ଦେଖିବାକୁ ତରସେ ମୋ ନେତ୍ର,
ଜୀବନ ଜଞ୍ଜାଳ ଏକ ଜଟିଳ ଗଣିତ
ନାମ ତୋର ସମାଧାନର ସରଳସୂତ୍ର।

ନାହିଁ ତୋ ଯଶୋଦା ମାଆ ଯେ ଏଠାରେ
କରିବ ସେ ତତେ ଆକଟ,
ମନବୋଧ କରି ଗାଧୋଇଲୁ ତୁ ଯେ
ତୋ ଜରଜ୍ୱାଳା କଲା ପରିସ୍ଥିତି ଉକ୍ଟ।

ତୋ ପାଇଁ କାଳିଆ ଜୀବନେ ମୋହର
ଗ୍ରାସକରେ ନାହିଁ ସତେ ଦୁଶ୍ଚିନ୍ତା,
ତୁ ଯେବେ ଅଛୁ ସାଥିରେ ମୋହର
ମନେ ନାହିଁ ଆଉ କିଛି ବେଦନାବ୍ୟଥା।

*ସିନ୍ଧେକେଲା , ବଲାଙ୍ଗୀର*
*ଭ୍ରାମ୍ୟଭାଷ- ୯୯୩୭୦୩୪୭୪୨*

## ଯଦି ନଦେଖିଛ କିଏ

*ରାଜ କିଶୋର ସ୍ୱାଇଁ*



ଓଡ଼ିଆ ଜାତିର ଇଷ୍ଟ ଦେବତା
ସୁଖ ଶାନ୍ତି ଦାତା ବିଶ୍ୱ ନିୟନ୍ତା
ଖ୍ୟାତ ଜଗନ୍ନାଥ ନାମେ
ମହୋଦଧିତୀରେ ଶିରୀ ମନ୍ଦିରରେ
ବିଜେ ନୀଳାଚଳ ଧାମେ ।।୧।।

ଏମିତିକା ଦିଅଁ ଦେଖିଛ କିଏ
ପାଦ ପାଣି ନାହିଁ ମୂରତି ଟିଏ
ଚକା ଚକା ଦୁଇ ଆଖି
ଦେଖିଦେଲେ ଥରେ ସେବେନି ନେତ୍ରକୁ
ମନ ରହିଯାଏ ଲାଖି ।।୨।।

ଭକତର ସିଏ ଜୀବନ ଧନ
ଭକ୍ତ ପାଶେ ରହି ଥାଏ ତା ମନ
ପତିତ ଉଦ୍ଧାର ପାଇଁ
ବାରମାସେ ତେର ଯାତେରା କରଇ
ଶ୍ରୀକ୍ଷେତ୍ରେ ଜଗତ ସାଇଁ ।।୩।।

ଆଷାଢ ମାସରେ ଗୁଣ୍ଡିଚା ଜାତ
ଯାତରାଟି ଦେଶ ବିଦେଶେ ଖ୍ୟାତ
ଭାଇ ଭଉଣୀଙ୍କ ସାଥେ
ଗୁଣ୍ଡିଚା ମନ୍ଦିର ବୁଲି ବାହାରନ୍ତି
ଚଢି ତିନିଗୋଟି ରଥେ ।।୪।।

ପହଣ୍ଡିରେ ଆସି କଳା ଗୋସାଇଁ
ନନ୍ଦିଘୋଷେ ବିଜେ କରେ ସେ ଯାଇଁ
ବାମନ ବେଶରେ ସିଏ
ଭକତଙ୍କୁ ବଡଦାଣ୍ଡେ ଗୁଣ୍ଡିଚାରେ
ରଥେ ଦରଶନ ଦିଏ ।।୫।।

ଆଡପ ମଣ୍ଡପେ ଚକା ନୟନ
ଭକତଙ୍କୁ ଦିଏ ଦିବ୍ୟ ଦର୍ଶନ
ବାହୁଡ଼ା ଦଶମୀ ଯାଏ
ଜନମ ବେଦିରେ ଦେଖେ ଯିଏ ତାଙ୍କୁ
କୋଟି ପୁଣ୍ୟ ଫଳ ପାଏ ।।୬।।

ଏକାଦଶୀ ଦିନ ରଥଉପରେ
ବଡଦାଣ୍ଡେ ସିଂହ ଦ୍ୱାର ଆଗରେ
ହୁଅଇ ତା ସୁନାବେଶ
ସେବେଶ ଦେଖିବା ପାଇଁ ହୁଏ ସେଠି
ଭକତଙ୍କ ସମାବେଶ ।।୭।।

ତା ମହିମା କିଏ ପାରିବ କଳି
ପାପତାପ ତାର ନିଏ ସେ ହରି
ଭକତିରେ ତୋଷେ ଯିଏ
ଆସ ଦେଖିଯିବା ତା ରଥ ଯାତରା
ଯଦି ନ ଦେଖିଛ କିଏ ।।୮।।

*ଅବସର ପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ, ଶାନ୍ତିନଗର, ନୂଆପଡା, ନୂଆବଜ଼ାର, କଟକ-୭୫୩୦୦୪*
*ମୋ-୯୪୩୭୪୪୨୦୪୧*

## ରଥରେ ଦେବାକୁ ଦରଶନ

*ମହେନ୍ଦ୍ର କୁମାର ଘଡ଼େଇ*



କଳା ବଉଦ ନେଇ ଆସିଛି
ଆକାଶେ ମେଘମାଳା
ଝୁଲାଇ ଦେଇ ଅଛି ଯେମିତି
ସାମିଆନାର ଦୋଳା ।

ସୁନା ଖଡ଼ିରେ ଛେରା ପହଁରା
ଠାକୁରରାଜା ହାତେ
ବିଧି ବିଧାନେ ଗୁଣ୍ଡିଚା ଘର
ଲଗାଏ ଯାତ ସତେ।

ରହି ରହିକା ଝିପିରି ଝିପି
ଟିପିରି ବୁନ୍ଦା ବୁଣେ
ଶୀରିକ୍ଷେତର ବୁଲାଇ ନେଇ
ସରସେ ମନ କିଣେ ।

ନଅ ଦିନର ଏଇ ଯାତରେ
ମାଉସୀ ଘର ଖିଆ
ଖାଇ କରନ୍ତି ବାହୁଡ଼ା ବିଜେ
ଦେଖେ ଦୁନିଆ ଯାହା।

ତିନି ରଥରେ ଚତୁର୍ଦ୍ଧା ଦିଅଁ
ଦେବାକୁ ଦରଶନ
ଡୋରି ଲଗାଇ ଡାକି ଆଣିଛି
ଦୁନିଆ ଜନମନ ।

ତରଳ ପ୍ରାଣ ଖୋଲା ମନରେ
କୋଳେଇ ନେବା କହେ
ଛୁଆଁ ଅଛୁଆଁ ଭାବନା ତଡ଼ି
ଏ ଯାତ ମନ ମୋହେ ।

କେଉଁ ରାଇଜୁ କିଏ ସେ ଆସି
ଶରଧାବାଲି ଛୁଏଁ
ହାତରେ ଧରି ରଥ ଦଉଡ଼ି
ଆଗକୁ ଭିଡ଼ି ନିଏ ।

ଉଚ୍ଚ ନୀଚର ଗରବ ଛାଡ଼ି
ମେଳିରେ ଚାଲ ଦେଖି
ଆପଣା ଭଲ ଗୁଣରେ ଜାତି
ଉଠିବ ମଥା ଟେକି ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*



## ରଥଯାତରା ସୁନ୍ଦର

*ଧ୍ରୁବ ଚରଣ ଘିବେଲା*

ଝରିଲାଣି ଝର ଝର
ଆଷାଢ଼ରେ ବର୍ଷା ଧାର
ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟାକୁ
ରଥଯାତରା ସୁନ୍ଦର ।
ବଡ଼ଦାଣ୍ଡେ ତିନି ରଥ
ହେଲାଣି ରଥ ପ୍ରସ୍ତୁତ
ରଥ ଦ୍ୱିତୀୟାକୁ ପହଣ୍ଡିରେ ଆସି
ଦିଅଁ ହୁଅନ୍ତି ରଥାରୂଢ ।
ଶୁଭେ ଶୁଭ ଘଣ୍ଟ ଶଙ୍ଖ
ତା' ସାଥେ ଶଙ୍ଖର ନାଦ
ହୁଳହୁଳି ହରିବୋଲ ଶବଦରେ
ଉଚ୍ଛୁଳେଟି ବଡ଼ଦାଣ୍ଡ ।
ଭକତ ଟାଣନ୍ତି ରଥ
ମନରେ ଭରି ଉଷତ
ଡାହୁକ ଡାକରେ ଭିଡ଼ି ନେଇ ଖରେ
ଦୁଲୁକାଇ ବଡ଼ ପଥ ।
ରଥରେ ବାମନ ଦେଖି
ଧନ୍ୟ ହୁଏ ଭକ୍ତ ଆଖି
କିଏ କେଉଁ ମତେ ନାଚି କି ଉଷତେ
ଦେଖୁଥାନ୍ତି ଚକା ଆଖି ।
ଗୁଣ୍ଡିଚାବାଡ଼ି ଆଗରେ
ତିନି ରଥ ପହଞ୍ଚିଲେ
ପହଣ୍ଡିରେ ଦିଅଁ ଗୁଣ୍ଡିଚାବାଡ଼ିକୁ
ଯାଆନ୍ତି ଆଗ ପଛରେ ।
ବାହୁଡ଼ାକୁ ବାହୁଡ଼ନ୍ତି
ମାଉସୀ ମା' ଘରେ ରହନ୍ତି
ଖୁସିରେ ଖାଇକି ଦିଅଁ ପୋଡ଼ପିଠା
ପୁଣି ରଥରେ ଫେରନ୍ତି ।
ନଅ ଦିନ ଯାତ୍ରା ସାରି
ଭ୍ରାତା ଭଗ୍ନୀ ସଙ୍ଗେ ଧରି
ନୀଳାଦ୍ରି ବିଜେରେ ରଥଯାତ୍ରା ସରେ
ଦିଅଁ ଦେଉଳକୁ ଫେରି ।

*ବୌଦ୍ଧ, ବଉଦରାଜ-୭୬୨୦୧୪*
*ମୋ-୯୪୩୭୪୭୮୪୬୬*

## ଶୁଭେଚ୍ଛା ଘୋଷ ଯାତ୍ରାର

*ଦୀପକ କୁମାର ନାୟକ*



ଯିବ ବୋଲି ଜଗା ମାଉସୀ ମା' ଘର
ହୋଇ କେତେ ସଜବାଜ
ବରଷକ ପରେ ବାହାରି ପଡିଛି
କରିବ ବୋଲିକି ମଉଜ ।।
ଭାଇ ବଳଭଦ୍ର ଭଉଣୀ ସୁଭଦ୍ରାଙ୍କୁ
ସାଙ୍ଗରେ କାଳିଆ ଧରି
ଗହଳି ଲଗାଇ ଚହଳ ପକାଇ
ଯିବ ଘୋଷ ଯାତ୍ରା କରି ।।
ରତ୍ନ ସିଂହାସନ ଛାଡି ଆଜି ସିଏ
ଯାଉଛି ମାଉସୀ ଘର
ନଅ ଦିନ ପରେ ବାହୁଡି ଆସିବ
ପୁଣି ସେ ଶିରୀ ମନ୍ଦିର ।।
ବରଷକ ପରେ ଦେଖିବାକୁ ତୋତେ
ଭକତ ହେଲେଣି ଉଚ୍ଛନ
କାହିଁ କେତେ ଦୂରୁ ଧାଇଁ ଆସିଛନ୍ତି
କରିବା ପାଇଁ ତୋ ଦର୍ଶନ ।।
ବରଷକ ପରେ ବାହାରିଲେ ପ୍ରଭୁ
କରିବାକୁ ଲୀଳା ଖେଳା
ଭକ୍ତ ଭଗବାନ ମିଳନ ପାଇଁକି
ଏଇତ ଏ ପର୍ବ ଲୀଳା ।।
ସ୍ନେହୀ ମାଉସୀ ତୋ ଅଛି ଅପେକ୍ଷାରେ
ପୋଡ଼ ପିଠା କରି କେତେ
ତିନି ଭାଇଭଉଣୀ ମହା ଆନନ୍ଦରେ
ଖାଇପାରିବ ଯେ ଯେତେ ।।
ତୋ ରଥ ଦଉଡି ପାରିଲିନି ଭିଡ଼ି
ଭାଗ୍ୟରେ ନାହିଁରେ ମୋର
ଦୂରେ ଥାଇ ତୋତେ ଜଣାଉଛି ପ୍ରଭୁ
ଶୁଭେଚ୍ଛା ରଥଯାତ୍ରାର ।।
ଭିଡି ପାରିଲିନି ବୋଲି ରଥ ତୋର
କରିବୁନି ଅଭିମାନ
ଆର ବରଷକୁ ଭିଡିବି ତୋ ରଥ
ଥିବ ଯଦି ଏ ଜୀବନ
ଥିବ ଯଦି ଏ ଜୀବନ ।।

*ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ-୭୫୯୦୨୧*
*ମୋ-୮୬୩୭୨୬୧୮୨୮*

## ରଥ ଯାତରାରେ

*ଜୟନ୍ତ କୁମାର ମଲ୍ଲିକ୍*

ରଥ ଯାତରାରେ ଶିରୀକ୍ଷେତ୍ର ଧାମେ
ଭକତ ହୋଇବେ ମେଳ
ଭାଇ ଭଉଣୀଙ୍କ ସାଥିରେ କାଳିଆ
ଖେଳିବ ଖୁସିରେ ଖେଳ।
ନଅ ଦିନ ପାଇଁ ରତନବେଦୀରୁ
ବାହାର ହୋଇବା ପରେ
ଜନମବେଦୀରେ ଭ୍ରାତା ଭଗ୍ନୀ ସାଥେ
ରହିବ ମାଉସୀ ଘରେ।
ଶିରୀମନ୍ଦିରର ଶିରୀ ତୁଟିଯିବ
ଲାଗିବ ଯେ ଖାଆଁ ଖାଆଁ –
ଏକାଳରେ ମନ ଦୁଃଖରେ ରହିବେ
ଲକ୍ଷ୍ମୀ ସାଆନ୍ତାଣୀ ମାଆ।
ବାହୁଡ଼ା ଯାତରା ଦିନ ବାହୁଡିବ
କାଳିଆ ସାଆନ୍ତ ମୋର –
ଦେଖିବାକୁ ତାକୁ ମନ ମୋ ଉଚ୍ଛନ୍ନ
ଲାଗିଯାଆନ୍ତା କି ଡୋର।
ରଥଯାତରାର ଶାଶ୍ୱତ ଆନନ୍ଦେ
ମାତନ୍ତୁ ଜଗତ ଜନ –
ସଭିଙ୍କ ନୟନ ସାରଥକ ଲଭୁ
ଆଲୋକିତ ହେଉ ମନ ।

*ଶୁଣ୍ଠିହ, ନନ୍ଦିପୁର, ଦଶରଥପୁର, ଯାଜପୁର*
*ମୋ-୯୪୩୭୮୬୫୭୨୭*

## ରଥଯାତ୍ରା

*ପ୍ରଦୀପ୍ତ କୁମାର ଦାସ*



ରଥଯାତ୍ରା ଅଟେ ମହାନ ପରବ
ମନପ୍ରାଣ ଗାଏ ଗୀତି-
ଭକତି ବିଶ୍ୱାସ ମିଳନ ଲଗନେ
ଝରଇ ଶାଶ୍ୱତ ପ୍ରୀତି,
ମହାଭାବ ସ୍ନାତ ସରବ ଅନ୍ତରେ
ଆଶା ହୁଏ ଆତ ଯାତ
ବିଶ୍ୱ ହସେ ଆଜି ପ୍ରେମ ରଙ୍ଗେ ସାଜି
ଶାନ୍ତି ହୁଏ ପ୍ରତିଭାତ,
ଭାଇ ଭଉଣୀଙ୍କୁ ସଂଗତରେ ଘେନି
ବିଜେ ତ ଜଗତ ସାଇଁ-
ଏ ଦୁନିଆ ବକ୍ଷୁ ଦୁଃଖ ଅମାରାତି
ସାଥେ ଘେନିଯିବା ପାଇଁ,
ବଡ଼ଦାଣ୍ଡ ପରେ ତିନିରଥ ଉଭା
ଏକତାର ଯାତ୍ରା ଲାଗି-
ବିଶ୍ୱମୈତ୍ରୀ ଭାବ ପ୍ରତିଷ୍ଠା ନିମନ୍ତେ
ଉଠରେ ସରବେ ଜାଗି,
ରଥଯାତ୍ରା ହେଉ ଜୀବନର ଯାତ୍ରା
ଜଗତବାସୀଙ୍କ ପାଇଁ-
ପରାଣର ପକ୍ଷୀ ପିଣ୍ଡ ବ୍ରହ୍ମାଣ୍ଡରେ
ଉଡୁଥାଉ ଘାଇଁ ଘାଇଁ,
ଏତିକି ମିନତି ନୀଳାଚଳିଆଙ୍କୁ
ମଧୁମୟ ହେଉ ସୃଷ୍ଟି-
ଦିବ୍ୟାୟିତ ହେଉ ସକଳ ପରାଣ
ଲଭି ବିଭୁକୃପା ଦୃଷ୍ଟି।

*ଅଧ୍ୟାପକ, କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର-୭୫୫୦୧୩*
*ମୋ-୮୫୯୪୮୮୫୮୯୮*

## କାହ୍ନୁର ବଂଶୀ ସ୍ୱର

*ଉମାଶଙ୍କର ପ୍ରସାଦ*



କାହ୍ନୁର ବଂଶୀ ସ୍ୱର
ମନ୍ତ୍ର ମୁଗ୍ଧକରେ, ସମଗ୍ର ଗୋପପୁର
କଦମ୍ବର ବନ, ଯମୁନାର ଢେଉ
ମଦମତ୍ତ ବୃଷଭ ହୁଙ୍କାର
କାହ୍ନୁର ବଂଶୀ ସ୍ୱର, ମୋହ ଆଣେ
ସଭିଙ୍କ ମନରେ- ସମସ୍ତେ ହୁଅନ୍ତି ସ୍ଥିର ଅଚଞ୍ଚଳ
କାହ୍ନୁର ବଂଶୀ ସ୍ୱର
ଆନମନା କରେ ରାଧିକାକୁ
ଖୋଲିଯାଏ, ଲଜ୍ୟାର ସବୁ ଆବରଣ
ବିବସ୍ତ୍ର ହୁଏ, ଇଚ୍ଛା- ମୁକୁଳା ମନ ଡେଇଁଯାଏ
ଗୃହସ୍ଥିର ଏରୁଣ୍ଡି ବନ୍ଧକୁ।
ଅପସରି ଯାଏ, ଲାଞ୍ଛନାର ସବୁ ସମ୍ଭାବନା
ଅପବାଦର କଡା ପରୁୱାନା।
ବଡ ବିଚିତ୍ର ତା ବଂଶୀର ସ୍ୱର
ସବୁଠି ଥାଏ, ସବୁଠି ନଥାଏ
ସ୍ୱଚ୍ଛ ଆନ୍ତରିକତାରେ
ଖୋଜୁଥିଲେ, ତା ବଂଶୀର ସ୍ୱର
ଅହରହ ଶୁଭୁଥାଏ।

*ଖୋର୍ଦ୍ଧା*
*ମୋ-୬୩୭୦୬୭୫୫୬୨*

## ଅସ୍ତରାଗ



ପ୍ରକାଶ କୁମାର ସାହୁ

ହେଇଟି ଶୁଭୁଛି, କ'ଣ ଶୋଇପଡ଼ିଲ ନା କ'ଣ? ତମେ ପା ମୋତେ ଜଗିବାକୁ ଆସିଛ। ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ତମେ ମୋତେ ଜଗିରହିବ ବୋଲି ମୋ ବାପା, ମା'ଙ୍କୁ କଥା ଦେଇଥିଲ। ଏବେ ଠାରୁ କ'ଣ ଶୋଇପଡିଲଣି? ଶୁଭୁଛି, ଏ ସୋନୁ ବାପା। ମୁଁ ଟିକେ ବାଥ୍ରୁମ୍ ଯିବି।

ସରୋଜ ବାବୁ ଧଡ଼ପଡ଼ ହୋଇ ଉଠିପଡିଲେ। ଆଟେଣ୍ଡାଣ୍ଟ୍ ସିଟ୍‌ରେ ବସି ବସି କେତେବେଳେ ଘୁମେଇ ପଡିଥିଲେ ସିଏ ନିଜେ ମଧ୍ୟ ଜାଣିପାରିନଥିଲେ। ଧର୍ମପତ୍ନୀ ସୁରେଖାଙ୍କର ଡାକରେ ନିଦ ଚାଉଁକିନା ଭାଙ୍ଗିଗଲା।

ଏତେ ବଡ ହସ୍‌ପିଟାଲ୍ ଭିତରେ ଥିବା ଗୋଟିଏ ଏ.ସି. କ୍ୟାବିନ୍‌ରେ ବସି ବସି ଶୋଇପଡି ନିଜର କର୍ତ୍ତବ୍ୟ ପ୍ରତି ଅବହେଳା ହେତୁ ବହୁତ ଲଜ୍ଜିତ ଅନୁଭବ କଲେ ଏବଂ ନିଜ ଧର୍ମପତ୍ନୀଙ୍କ ପାଖକୁ ଯାଇ ପଚାରିଲେ, କ'ଣ ପାଇଁ ଡାକୁଥିଲ? ସୁରେଖା ଦେବୀ ଥର ଥର ଗଳାରେ କହିଲେ, ନାଇଁ କିଛି ନାହିଁ, ମୁଁ ଟିକେ ବାଥ୍ରୁମ୍ ଯିବି।

ସରୋଜ ବାବୁଙ୍କର ବୟସ ପାଖାପାଖି ୭୬ ହେବ। ଡାଇବେଟିକ୍ ରୋଗ ଥିଲେ ମଧ୍ୟ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନତା ପାଇଁ ତାଙ୍କର ବୟସକୁ କେହି କଳି ପାରିବେନାହିଁ। ନିଜର ଦୁଇ ବାହୁରେ ଧର୍ମପତ୍ନୀଙ୍କୁ ବେଡ୍‌ରୁ ଉଠାଇ ନେଇ ତଳେ ଠିଆ କରାଇଦେଲେ।

ସୁରେଖା ଦେବୀ ସ୍ୱାମୀଙ୍କର ଏ ଆଚରଣରେ ଲଜ୍ଜିତ ହୋଇଗଲେ ଏବଂ କହିଲେ, ତୁମର ବୟସ ଏତେ ହେଲାଣି ମୋତେ ବେଡ୍‌ରୁ ଟେକି ଆଣି ଦେଇ ଠିଆ କରାଇବା କ'ଣ ଦରକାର ଥିଲା? ତୁମ ଦେହର ଯଦି କିଛି ଅସୁବିଧା ହୋଇଥାଆନ୍ତା, ମୋ କଥା କିଏ ବୁଝିବ? ନର୍ସମାନଙ୍କୁ ଡାକିଲନି! ସେମାନେ ପରା ସେଥିପାଇଁ ପାରିଶ୍ରମିକ ନେଉଛନ୍ତି।

ସରୋଜ ବାବୁ ସ୍ମିତ ହସି କହିଲେ, ତୁ କ'ଣ ଭାବିଲୁ ମୁଁ ଶୋଇପଡିଥିଲି। ମୋର ଛାଇ ନିଦ ଲାଗିଯାଇଥିଲା। ତୁ ଯାହା କହୁଥିଲୁ ମୁଁ ସବୁ ଶୁଣୁଛି। ଆମର ବିଭାଘର ବେଳେ ମୁଁ ତମ ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଥିଲି, ତୋ ସ୍ୱାସ୍ଥ୍ୟ ଏବଂ ସବୁ କିଛିର ଦାୟିତ୍ୱ ମୁଁ ବହନ କରିପାରିବି ବୋଲି। ଯେତେବେଳେ ମୁଁ କୌଣସି ବନ୍ଧୁବାନ୍ଧବ କିମ୍ବା ମୋ ସନ୍ତାନମାନଙ୍କ ଉପରେ ଆଶା ରଖିନାହିଁ, ଏ ମାମୁଲି ନର୍ସମାନଙ୍କ କଥାକୁ କିଏ ପଚାରେ! ଆରେ ତୋର ମନେ ଅଛି ଆମ ଗାଁର ନରିଆ ଦାଦି ଢଗ?

'ଆମ୍ବ ଗଛର ସିଆ/ବୁଢି ସକାଉଛି/ ବୁଢା ପାଖରେ/ମୋ ଖଡୁ ବଦଳିଦିଅ।'

ମୋର ଭଲ ଭାବରେ ମନେ ଅଛି। ସେହି ଅନୁସାରେ ତୋର ଖଡୁ କ'ଣ ତୋ ନିଜ ଦେହର ଯଦି କୌଣସି ଅଙ୍ଗ ପ୍ରତ୍ୟଙ୍ଗ ଦରକାର ହୁଏ, ମୁଁ ଖୁସି ମନରେ ତୋତେ ଦେଇଦେବି।

ହଉ ତୁ ଯା, ବାଥ୍ରୁମ୍‌ରୁ ଆସେ। ମୁଁ ଆଉ ଶୋଇବି ନାହିଁ। ମୁଁ ନିଜେ ଥିଲା ବେଳେ ତୋର ଯଦି କିଛି ହୋଇଯିବ, ମୁଁ କାହାକୁ ମୁହଁ ଦେଖାଇପାରିବି ନାହିଁ।

ସୁରେଖା ଦେବୀ ଆଖିକୁ ଅଳ୍ପ ଟିକେ ଓଦା କରିଦେଇ ଧିରେ ଧିରେ ବାଥ୍ରୁମ୍ ଆଡେ ଚାଲିଗଲେ। ଏହାପରେ ସରୋଜ ବାବୁ ଝରକା ପାଖକୁ ଆସି ଧଳା ପରଦାକୁ ଆଡେଇ ଅନ୍ୟମନସ୍କ ଭାବରେ ବାହାରକୁ ଅନାଇ ରହିଲେ। ଆକାଶ ଧିରେ ଧିରେ ଫର୍ଚ୍ଚା ହୋଇ ଆସୁଥାଏ। ଏତେ ରାତି ଥାଇ ସୁଦ୍ଧା ଆକାଶ ଫର୍ଚ୍ଚା ହୋଇ ଆସୁଥିବାରୁ ସରୋଜ ବାବୁ ପକେଟ୍‌ରୁ ମୋବାଇଲ୍ କାଢି ସମୟ ଦେଖିଲେ। ଭୋର୍ ୪.୩୦ ହୋଇଛି। ମଇ ମାସର ପ୍ରଭାବ ଆରମ୍ଭ ହୋଇଗଲାଣି।

ଉଷା ଏବଂ ଗୋଧୂଳି ସମୟ ପ୍ରତ୍ୟେକ ମନୁଷ୍ୟ ପାଇଁ ଆଶା ଏବଂ ଭରସାର ଉତ୍ସ। ସରୋଜ ବାବୁ ମଧ୍ୟ ସେହି ଆଶା ଏବଂ ଭରସାରେ ବଡ ପୁଅକୁ ଅପେକ୍ଷା କରି ରହିଛନ୍ତି। ଆଜି ତା ସହିତ କଥା ହୋଇ ନିର୍ଣ୍ଣୟାକ ନିଷ୍ପତ୍ତିରେ ପହଞ୍ଚିପାରିବେ। ସୁରେଖାକୁ ଏହିଠାରେ ଆରୋଗ୍ୟ କରିବେ କିମ୍ବା ଓଡ଼ିଶା ବାହାରକୁ ନେଇ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବେ। ଏସବୁ ଚିନ୍ତା କରି ଅବସନ୍ନ ଦେହଟାକୁ ବେଡ୍ ପାଖରେ ପଡିଥିବା ଆରାମ ଚେୟାରରେ ଲୋଟାଇ ଦେଇ ସମୟକୁ ଅପେକ୍ଷା କରିରହିଲେ।

ରାତି ଅନିଦ୍ରା ପ୍ରଭାବରୁ ନିଜ ଅଜାଣତରେ ଧିରେ ଧିରେ ଆଖିର ପଲକ ପଡିଯାଉଛି। ସେଥିପାଇଁ ଏ ଅମାନିଆ ଆଖିଟାକୁ ଜାଗ୍ରତ କରିବା ପାଇଁ ନିଜର ଯୁବାବେଳର କଥା ଭାବିବାକୁ ଲାଗିଲେ ସରୋଜ ବାବୁ। ତତ୍‌କ୍ଷଣାତ୍ ତାଙ୍କର ସ୍ମୃତି କୋଷରୁ ତ୍ୱରିତ୍ ବେଗରେ ଏକ ବିସ୍ଫୋରଣ ସଙ୍ଗଠିତ ହୋଇଗଲା, ବିଗତ ଦିନର ହଜିଯାଇଥିବା ଚିତ୍ରର ସମାହାର ଚାହୁଁ ଚାହୁଁ କଥା କହିବା ଆରମ୍ଭ କରିଦେଲା।

ମାଟ୍ରିକ୍ ପରୀକ୍ଷା ପରେ ପରେ ବୋଷ ଇଞ୍ଜିନିୟରିଂ କଲେଜ୍‌ରେ ନାମ ଲେଖାଇବାକୁ ବାପାଙ୍କୁ ବାଧ୍ୟ କରିଥିଲା ସରୋଜ। ଆର୍ଥିକ ଅନାଟନ ଥିଲେ ସୁଦ୍ଧା ପୁଅର ଜିଦ୍ ଆଗରେ ହାର୍ ମାନି ଯାଇଥିଲେ ସରୋଜର ବାପା।

ନିଜ ଜନ୍ମ ଠାରୁ ଗୋପାଳପୁର ସ୍ମୃତି ବିଦ୍ୟାପୀଠରେ ଅଧ୍ୟୟନ କରୁଥିବା ପର୍ଯ୍ୟନ୍ତର ସ୍ମୃତିକୁ ସାଉଁଟି ସରୋଜ ବଡ ସହର କଟକକୁ ଅଧ୍ୟୟନ କରିବା ପାଇଁ ବାହାରି ପଡିଥିଲା। ଆଉ ପଛକୁ ଫେରି ଚାହିଁନଥିଲା। ଏହାପରେ ଦୀର୍ଘ ୫ ବର୍ଷର ପରିଶ୍ରମର ଫଳ ସ୍ୱରୂପ ନିଜର ପାଠପଢା ସରୁ ସରୁ ଓଡ଼ିଶା ସ୍ପଞ୍ଜ ଆଇରନ୍‌ରେ ଚାକିରି ପାଇଗଲା।

ବିଧିର ବିଧାନ କେ କରିବ ଆନ। ଏତେବଡ ସୁଖ ସହିତ ଦୁଃଖର ପାହାଡ ମଧ୍ୟ ତା ସାମ୍ନାରେ ଉଭା ହୋଇଗଲା। ଗାଁରୁ ତାଙ୍କ ବାପାଙ୍କର ଦେହାନ୍ତ ଖବର ଆସି ପହଞ୍ଚିଗଲା। ତା ଆଖି ସାମ୍ନାରେ ଭାସି ଆସିଲା ଅସରନ୍ତି ଦୁଶ୍ଚିନ୍ତା ଏବଂ ଭେଳାଭେଳା ଭୟ । ସଂସାରର ଏତେ ବଡ ଦାୟିତ୍ୱ ରୂପକ ବୋଝକୁ ବହନ କରି ମୁହଁରେ ଦୁଃଖର ପ୍ରଲେପ ନେଇ ଗାଁ ଅଭିମୁଖେ ବାହାରି ଆସିଲା।

ଯୌଥ ପରିବାର ପାଇଁ ସରୋଜକୁ କୌଣସି ଅସୁବିଧା ହେଲାନାହିଁ। ଭାଇବନ୍ଧୁ କୁଟୁମ୍ବଙ୍କର ସହାୟତାରେ ନିଜ ବାପାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସାରି ମା'ଙ୍କୁ ଧରି ଚାକିରି ଉଦ୍ଦେଶ୍ୟରେ କେନ୍ଦୁଝରଗଡ ବାହାରିପଡିଲା। ଯୁବ ବୟସର ଉଦ୍ଦାମତା ତାଠାରୁ ଚାଲିଗଲା। ବାପାଙ୍କର ଅନୁପସ୍ଥିତି ବହୁତ ଯାତନା ଦେଇଥିଲା। ସେଥିପାଇଁ ନିଜର ଜନ୍ମମାଟିକୁ ସବୁଦିନ ପାଇଁ ଭୁଲିଯିବାକୁ ଚେଷ୍ଟା କରିଥିଲା।

ସମୟର ଚକ ଗଡିବାକୁ ଲାଗିଲା। ସେଠାକାର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀଙ୍କ କୃପାରୁ ନିଜର ଚାକିରି ଜୀବନ ଆରମ୍ଭ କରିଦେଲା ଏବଂ ସେହି ମା'ଙ୍କ ଆଶୀର୍ବାଦରୁ ନିଜର ଜୀବନର ଦ୍ୱିତୀୟ ଅଧ୍ୟାୟ ଆରମ୍ଭ କରିଦେଲା। କେନ୍ଦୁଝର ଗଡ଼ ସରୋଜକୁ ନିଜ ଗାଁର ପରିବେଶ ଭଳି ଲାଗୁଥିଲା।

ଏହାପରେ ସରୋଜର ପରିବାର ସଂଖ୍ୟା ବଢିବାକୁ ଲାଗିଲା। ଦୁଇଟି ପୁଅ ଏବଂ ୩ଟି ଝିଅର ଜନକ ହେବାର ସୌଭାଗ୍ୟ ଅର୍ଜନ କରିଥିଲା। ପରିବାରର ଅଭିବୃଦ୍ଧି ଦେଖି ଗୋଟିଏ ସୁନ୍ଦର ଘର ତିଆରି କରିବାକୁ ପଛାଇ ନଥିଲା।

ନିଜର ଅଫିସ୍‌ର ବ୍ୟସ୍ତତା ଏବଂ ସଂସାର ଜଞ୍ଜାଳ ଭିତରେ କେତେବେଳେ ତାର ବୟସ ଅତିକ୍ରମ କରି ଅନ୍ତିମ ପାହାଚରେ ପହଞ୍ଚିଗଲା ସିଏ ନିଜେ ମଧ୍ୟ ଅନୁଭବ କରିପାରିନଥିଲା। ବୟସର ଋତୁ ପରିବର୍ତ୍ତନ ସହିତ ତା' ଶରୀରର ପ୍ରାକୃତିକ ପରିବର୍ତ୍ତନ ହୋଇଥିଲା। ଯେପରିକି ସୂର୍ଯ୍ୟକିରଣ ଯୋଗୁଁ ଚର୍ମକ୍ଷତି, ମାଂସପେଶି ଏବଂ ଶାରିରୀକ ଦୃଷ୍ଟି ଶକ୍ତି ହ୍ରାସ ଏବଂ ଶ୍ରବଣ ଶକ୍ତି ହ୍ରାସ ହେବାକୁ ଲାଗିଲା।

ନିଜ ଜୀବନର ତୃତୀୟ ଅଧ୍ୟାୟ ଆରମ୍ଭ ହୋଇଗଲା ବୋଲି ସିଏ ଅନୁଭବ କଲା। ପିଲାମାନଙ୍କୁ ଉପଯୁକ୍ତ କରି ସେମାନଙ୍କର ବିବାହ ସମ୍ପନ୍ନ କରିଦେଲା। ପିଲାମାନଙ୍କ ସହିତ ଆଲୋଚନା କରି ସୁଦୂର ବଡସହର ଭୁବନେଶ୍ୱରରେ ଖଣ୍ଡିଏ ଘର କିଣି ଆଗାମୀ ଭବିଷ୍ୟତ ପାଇଁ ସଂରକ୍ଷିତ କରି ରଖିଦେଲା।

କିଛି ବର୍ଷ ପରେ ସରୋଜର ସମୟ ଆସିଯାଇଥିଲା ମା' ତାରିଣୀଙ୍କରୁ ବିଦାୟ ନେବା ପାଇଁ। କେନ୍ଦୁଝରରେ ନିଜ ହାତରେ ବନାଇଥିବା ଘରକୁ ବିକ୍ରି କରି ଭୁବନେଶ୍ୱର ବାହାରି ପଡିଲା।

କିଛି ପାଇବାକୁ ହେଲେ କିଛି ହରାଇବାକୁ ପଡେ। ବଡ ସହର ଆସିବା ଆଶାରେ ସରୋଜ ତାର ସ୍ନେହମୟୀ ମା' ଏବଂ ଚାକିରି ସମୟରେ ଥିବା ନିଜର ବନ୍ଧୁମାନଙ୍କ ହରାଇଥିଲା। ସେହିଠାରେ ମା'ର ଶେଷ କର୍ମ କରିଦେଇଥିଲା।

ମାୟା ନଗରୀ ଭୁବନେଶ୍ୱରକୁ ଆସିବା ପାଇଁ ନିଜ ପତ୍ନୀଙ୍କର ଇଚ୍ଛା ନଥିଲା। ପିଲାମାନଙ୍କର ଇଚ୍ଛା ଏବଂ ବୃଦ୍ଧ ବୟସରେ ନିଜର ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ସରୋଜ କେନ୍ଦୁଝରଗଡ ଏବଂ ମା' ତାରିଣୀଙ୍କ ମାୟା ଛାଡିଥିଲା।

'ସାର୍, ସାର୍' ଡାକରେ ସରୋଜ ବାବୁଙ୍କର ହାଲ୍‌କା ନିଦ ଭାଙ୍ଗିଗଲା। ଆରାମ ଚେୟାର୍‌ରୁ ଉଠି ପଡ଼ି ନର୍ସଙ୍କୁ କହିଲେ, ଦେଖନ୍ତୁ ମୋ ଧର୍ମପତ୍ନୀ ଓ୍ୱାସ୍‌ରୁମ୍‌କୁ ଯାଇଛନ୍ତି। ତାଙ୍କୁ ଟିକେ ସାହାଯ୍ୟ କରନ୍ତୁ। ନର୍ସ ବ୍ୟସ୍ତ ଏବଂ ବିବ୍ରତ ହୋଇ କହିଲେ, କ'ଣ ମଉସା ଆପଣ କହୁଛନ୍ତି? ଆପଣଙ୍କ ମ୍ୟାଡାମ୍ ବେଡରେ ଶୋଇଛନ୍ତି। ତାଙ୍କର ଦେହ ବହୁତ ଥଣ୍ଡା ଲାଗୁଛି। ତାଙ୍କର ହାର୍ଟବିଟ୍ ଚାଲୁନି। ଇମର୍‌ଜେନ୍‌ସିରେ ଡକ୍ଟର ସାର୍ ଆସୁଛନ୍ତି। ମୋତେ ଲାଗୁଛି, ସି ଇଜ ନୋ ମୋର

ଭାଗ୍ୟର କି ବିଡ଼ମ୍ବନା, ବୃଦ୍ଧ ବୟସରେ ଶତ ଚେଷ୍ଟା କରିବା ସତ୍ତ୍ୱେ ନିଜ ପତ୍ନୀଙ୍କର ପୂର୍ଣ୍ଣ ଦାୟିତ୍ୱ ନେଇପାରିଲେ ନାହିଁ। ତାଙ୍କୁ ଆରୋଗ୍ୟ କରିପାରିଲେ ନାହିଁ।

ସରୋଜ ବାବୁଙ୍କର ଛାତି ତଳର କୋହ ଚିରି ଆଖିରୁ ଧାର ଧାର ହୋଇ ଲୁହ ବୋହି ପଡିଲା। ଏତେ ବଡ ଦୁନିଆରେ ପୁରା ଏକୁଟିଆ ହୋଇଗଲେ।

ଉଦିତ ହେଇଆସୁଥିବା ସୂର୍ଯ୍ୟଙ୍କର କିରଣ ତାଙ୍କୁ ଅସ୍ତଗାମି ସୂର୍ଯ୍ୟଙ୍କର କିରଣ ଭଳି ଲାଗୁଥିଲା। ଚାରିଆଡେ ତାଙ୍କୁ ଅନ୍ଧକାର ଦେଖାଯାଉଥିଲା। ତାଙ୍କର ଆଶା ଏବଂ ଭରସାର ଅନ୍ତ ହୋଇଗଲା। ଆଗକୁ ଆସୁଥିବା ନିଜ ଜୀବନର ଅସ୍ତଗାମୀ ସୂର୍ଯ୍ୟଙ୍କର ପ୍ରତିଫଳନକୁ ଅନୁଭବ କରିପାରୁଥିଲେ ସେ।

*ମୋ-୯୪୩୯୩୦୨୭୨୯*

# ବଦଳିବେ ଟିମ୍ ଇଣ୍ଡିଆର କ୍ୟାପ୍ଟେନ



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଟିମ୍ ବର୍ତ୍ତମାନ ଇଂଲଣ୍ଡରେ ଏକ ଟେଷ୍ଟ ସିରିଜ ଖେଳୁଛି, ଯାହାର ଅଧିନାୟକତ୍ୱ ଶୁବମନ ଗିଲଙ୍କ ହାତରେ ଅଛି। ଏହି ଗସ୍ତ ପରେ ଟିମ୍ ଇଣ୍ଡିଆ ଧଳା ବଲ କ୍ରିକେଟ ଖେଳିବ, ଯାହା ପାଇଁ ଦଳରେ ଏକ ବଡ଼ ପରିବର୍ତ୍ତନ ହୋଇପାରେ। ଟିମ୍ ଇଣ୍ଡିଆ ଅଗଷ୍ଟରେ ବାଂଲାଦେଶ ଗସ୍ତ କରିବ, ସେଠାରେ ୩ ଟି ଦିନିକିଆ ଏବଂ ସମାନ ଟି-୨୦ମ୍ୟାଚ ର ସିରିଜ ହେବ। ଏହି ଗସ୍ତ ପାଇଁ ଭାରତୀୟ ଦଳର ଅଧିନାୟକ ପରିବର୍ତ୍ତନ ହୋଇପାରେ।

ଟିମ୍ ଇଣ୍ଡିଆ ବାଂଲାଦେଶ ଗସ୍ତରେ ଅଗଷ୍ଟ ୧୭ରୁ ଦିନିକିଆ ସିରିଜ ଖେଳିବ। ଟି-୨୦ ଏବଂ ଟେଷ୍ଟରୁ ଅବସର ନେଇଥିବା ରୋହିତ ଶର୍ମା ବର୍ତ୍ତମାନ ଦିନିକିଆ ଫର୍ମାଟରେ ଖେଳୁଛନ୍ତି, ତେଣୁ ସେ ଏହି ସିରିଜରେ ଅଧିନାୟକ ହୋଇ ପାରନ୍ତି। ଏହା ପରେ ଅଗଷ୍ଟ ୨୬ ରୁ ଟି-୨୦ ସିରିଜ ଆରମ୍ଭ ହେବ, ଯେଉଁଥିରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବାହାରେ ରହିପାରନ୍ତି।

ଭାରତୀୟ କ୍ରିକେଟ ଦଳରେ ବର୍ତ୍ତମାନ ତିନୋଟି ଫର୍ମାଟରେ ଭିନ୍ନ ଭିନ୍ନ ଅଧିନାୟକ ଅଛନ୍ତି। ଟି-୨୦ର ଅଧିନାୟକ ସୂର୍ଯ୍ୟକୁମାର ଯାଦବ, କିନ୍ତୁ ବାଂଲାଦେଶ ବିପକ୍ଷରେ ତାଙ୍କର ଖେଳିବା ନେଇ ସନ୍ଦେହ ରହିଛି। ପ୍ରକୃତରେ, ସମ୍ପ୍ରତି ତାଙ୍କର ସ୍ପୋର୍ଟସ ହାର୍ନିଆ ପାଇଁ ଏକ ଅସ୍ତ୍ରୋପଚାର କରାଯାଇଛି। ଯାହା ପରେ ସେ ବିଶ୍ରାମ ନେଇଛନ୍ତି। ତାଙ୍କର ଅସ୍ତ୍ରୋପଚାର ଜର୍ମାନୀରେ କରାଯାଇଥିଲା। ଏହି ସୂଚନା ଦେଇ ସେ କହିଛନ୍ତି ଯେ ସେ ଏବେ ସୁସ୍ଥ ହୋଇଯିବେ ଏବଂ ଶୀଘ୍ର ପଡ଼ିଆକୁ ଫେରିବାକୁ ଆଗ୍ରହୀ। ହାର୍ନିଆ ଅସ୍ତ୍ରୋପଚାର ପରେ ସୁସ୍ଥ ହେବା ସମୟ ପ୍ରାୟ ୮ ରୁ ୧୨ ସପ୍ତାହ, ତେଣୁ ତାଙ୍କ ପାଇଁ ବାଂଲାଦେଶ ଗସ୍ତରେ ଯିବା କଷ୍ଟକର। କିଛି ସମୟ ପୂର୍ବରୁ ଦୁଇ ଦେଶ ମଧ୍ୟରେ ଖରାପ ସମ୍ପର୍କ ଯୋଗୁ ଏହି ସିରିଜ୍ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା, କିନ୍ତୁ ରିପୋର୍ଟ ଅନୁସାରେ, ବିସିସିଆଇ ଅଧିକାରୀ କହିଛନ୍ତି ଯେ ଏହି ଗସ୍ତ ବର୍ତ୍ତମାନ ହୋଇପାରେ।

ଟେଷ୍ଟ ଅଧିନାୟକ ଶୁବମନ ଗିଲଙ୍କୁ ଏହି ଗସ୍ତରେ ବିଶ୍ରାମ ଦିଆଯାଇପାରିବ, ଯେପରି ପୂର୍ବରୁ ସେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଶେଷ କରି ଘରକୁ ଫେରିବେ। ଏପରି ପରିସ୍ଥିତିରେ, ଅକ୍ଷର ପଟେଲ କିମ୍ବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦାୟିତ୍ୱ ଦିଆଯାଇପାରେ।

# ସ୍ଥଗିତ ହେଲା ଭାରତର ୨୦୩୬ ଅଲିମ୍ପିକ୍ସ ଆଶା

**ନୂଆଦିଲ୍ଲୀ**

ଭାରତର ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାର ସ୍ୱପ୍ନକୁ ଏକ ବଡ଼ ଝଟକା ଲାଗିଛି। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି)ର ନୂତନ ଅଧ୍ୟକ୍ଷ କିର୍ଷ୍ଟି କୋଭେଣ୍ଟ୍ରି ଅଲିମ୍ପିକ୍ସ ଆୟୋଜକ ସହର ଚୟନ ପ୍ରକ୍ରିୟାକୁ ସ୍ଥଗିତ ରଖିବା ଏବଂ ଏହାର ସମୀକ୍ଷା କରିବାର ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଭାରତର ଅହମ୍ମଦାବାଦକୁ ୨୦୩୬ ଅଲିମ୍ପିକ୍ସ ଆୟୋଜନର ସମ୍ଭାବ୍ୟ ପ୍ରାର୍ଥୀ ଭାବେ ଦାବି କରିବାର ଯୋଜନାକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇଛି।



ଆଇଓସିର ନୂତନ ଅଧ୍ୟକ୍ଷ କିର୍ଷ୍ଟି କୋଭେଣ୍ଟ୍ରି, ଯିଏ ଜିମ୍ବାୱେର ପୂର୍ବତନ ଅଲିମ୍ପିଆନ ଏବଂ ଅଲିମ୍ପିକ୍ ଇତିହାସରେ ପ୍ରଥମ ଆଫ୍ରିକୀୟ ଅଧ୍ୟକ୍ଷ, ଘୋଷଣା କରିଛନ୍ତି ଯେ ଆୟୋଜକ ସହର ଚୟନ ପ୍ରକ୍ରିୟାରେ ଏକ ସମୀକ୍ଷା ଆବଶ୍ୟକ। ତାଙ୍କ ମତରେ, ବର୍ତ୍ତମାନର ଚୟନ ପ୍ରଣାଳୀକୁ ଅଧିକ ସ୍ୱଚ୍ଛ ଏବଂ ନ୍ୟାୟପୂର୍ଣ୍ଣ କରିବା ପାଇଁ ଏକ କାର୍ଯ୍ୟଗୋଷ୍ଠୀ ଗଠନ କରାଯିବ। ଏହି ସମୀକ୍ଷା କେବେ ଏବଂ କିପରି ଭବିଷ୍ୟତ ଅଲିମ୍ପିକ୍ସ ଆୟୋଜକମାନଙ୍କୁ ଚୟନ କରାଯିବ ତାହା ନିର୍ଦ୍ଧାରଣ କରିବ।

ଏହି ଘୋଷଣା ଭାରତୀୟ ପ୍ରତିନିଧିମଣ୍ଡଳୀଙ୍କ ଲୋଜାନେ (ଆଇଓସି ମୁଖ୍ୟାଳୟ) ପ୍ରସ୍ତାବିତ ଗସ୍ତ କିଛି ଦିନ ପୂର୍ବରୁ ଆସିଛି, ଯେଉଁଠାରେ ଭାରତ ନିଜର ପ୍ରାର୍ଥୀତା ଉପସ୍ଥାପନ କରିବାକୁ ଯାଉଥିଲା। ତେବେ, ଆଇଓସିର ଏହି ନିଷ୍ପତ୍ତି ସତ୍ତ୍ୱେ ଭାରତୀୟ ପ୍ରତିନିଧିମଣ୍ଡଳୀଙ୍କ ସହ ଆଲୋଚନା ଆଗାମୀ ସପ୍ତାହରେ ଜାରି ରହିବ।

ଭାରତ ଦୀର୍ଘ ଦିନ ଧରି ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ପ୍ରସ୍ତୁତି ଚଳାଇଛି, ଯେଉଁଥିରେ ଗୁଜରାଟର ଅହମ୍ମଦାବାଦକୁ ପ୍ରମୁଖ ଆୟୋଜକ ସହର ଭାବେ ପ୍ରସ୍ତୁତ କରାଯାଉଛି। ଅହମ୍ମଦାବାଦରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି, ଯେପରିକି ନରେନ୍ଦ୍ର ମୋଦି ଷ୍ଟାଡିୟମ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ପୋର୍ଟସ ଏନକ୍ଲେଭ, ଏହାର ଦାବିକୁ ମଜବୁତ କରୁଛି। ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ) ଏବଂ କେନ୍ଦ୍ର ସରକାର ଏହି ପ୍ରସ୍ତୁତିରେ ସକ୍ରିୟ ଭାବେ ଜଡ଼ିତ ଅଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏହି ଲକ୍ଷ୍ୟକୁ ନେଇ ଅନେକ ଥର ଉତ୍ସାହଜନକ ବୟାନ ଦେଇଛନ୍ତି।

ତେବେ ଆଇଓସିର ଏହି ନୂତନ ନିଷ୍ପତ୍ତି ଭାରତର ଯୋଜନାକୁ ଅସ୍ଥାୟୀ ଭାବେ ବାଧା ସୃଷ୍ଟି କରିଛି। ଅନ୍ୟ ପ୍ରାର୍ଥୀ ଦେଶ ଯେପରିକି ସାଉଦି ଆରବ, ଇଣ୍ଡୋନେସିଆ, ଏବଂ ମେକ୍ସିକୋ ମଧ୍ୟ ୨୦୩୬ ଅଲିମ୍ପିକ୍ସ ପାଇଁ ଦାବିଦାର ଥିବାରୁ, ଚୟନ ପ୍ରକ୍ରିୟା ସ୍ଥଗିତ ହେବା ଏକ ଅଧିକ ପ୍ରତିଯୋଗିତାମୂଳକ ପରିସ୍ଥିତି ସୃଷ୍ଟି କରିପାରେ।

ଆଇଓସିର ଏହି ନିଷ୍ପତ୍ତି ଭାରତର ଅଲିମ୍ପିକ୍ସ ଆୟୋଜନ ଯୋଜନାକୁ ବିଳମ୍ବ କରିପାରେ, କିନ୍ତୁ ଏହା ସମ୍ପୂର୍ଣ୍ଣ ରୂପେ ଅସମ୍ଭବ ହୋଇନାହିଁ। ବିଶେଷଜ୍ଞମାନଙ୍କ ମତରେ, ଏହା ଭାରତକୁ ନିଜର ପ୍ରସ୍ତୁତିକୁ ଆହୁରି ମଜବୁତ କରିବା ଏବଂ ଆଇଓସିର ନୂତନ ଚୟନ ମାନଦଣ୍ଡ ଅନୁଯାୟୀ ନିଜକୁ ପ୍ରସ୍ତୁତି ସୁଯୋଗ ଦେଇପାରେ। ଅହମ୍ମଦାବାଦରେ ଥିବା ଭିତ୍ତିଭୂମି ଏବଂ ଭାରତର ଅର୍ଥନୈତିକ ଓ ରାଜନୈତିକ ସ୍ଥିରତା ଏହାର ଦାବିକୁ ଏକ ଶକ୍ତିଶାଳୀ ଆଧାର ଯୋଗାଇ ଦେଉଛି।

# ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଖେଳିବେନି ଜସପ୍ରିତ୍ ବୁମ୍ରା



**ନୂଆଦିଲ୍ଲୀ**

ଇଂଲଣ୍ଡ ବିପକ୍ଷ ଚାଲିଥିବା ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଭାରତୀୟ କ୍ରିକେଟ ଦଳକୁ ଏକ ବଡ଼ ଝଟ୍‌କା ଲାଗିଛି। ଭାରତର ଷ୍ଟାର ଦ୍ରୁତ ବୋଲର ଜସପ୍ରିତ ବୁମ୍‌ରା ଏଡଜବାଷ୍ଟନରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ବିସିସିଆଇ ସୂତ୍ରରୁ ଜଣାପଡ଼ିଛି ଯେ ବୁମ୍‌ରାଙ୍କୁ କାର୍ଯ୍ୟଭାର ପରିଚାଳନା କାରଣରୁ ଏହି ମ୍ୟାଚ୍‌ରେ ବିଶ୍ରାମ ଦିଆଯାଇଛି। ହେଡିଂଲିରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ବୁମ୍‌ରା ଭାରତର ଶ୍ରେଷ୍ଠ ବୋଲର ଥିଲେ। ସେ ପ୍ରଥମ ଇନିଂସରେ ୮୩ ରନ୍ ଦେଇ ୫ଟି ଉଇକେଟ ନେଇଥିଲେ, ଯାହା ଇଂଲଣ୍ଡ ବ୍ୟାଟିଂ ଲାଇନଅପକୁ ଦୋହଲାଇ ଦେଇଥିଲା। ତାଙ୍କ ଏହି ପ୍ରଦର୍ଶନ ଭାରତକୁ ମ୍ୟାଚ୍‌ରେ ପ୍ରତିଯୋଗିତାମୂଳକ ସ୍ଥିତିରେ ରଖିଥିଲା। ଏପରି ସ୍ଥିତିରେ ତାଙ୍କ ଅନୁପସ୍ଥିତି ଭାରତୀୟ ଦଳର ବୋଲିଂ ଲାଇନଅପକୁ ଦୁର୍ବଳ କରିପାରେ ବୋଲି କ୍ରିକେଟ ବିଶେଷଜ୍ଞମାନେ ମତ ଦେଇଛନ୍ତି। ବୁମ୍‌ରାଙ୍କ ସ୍ଥାନରେ ଯୁବ ଦ୍ରୁତ ବୋଲର ଅର୍ଶଦୀପ ସିଂଙ୍କୁ ଦଳରେ ସାମିଲ କରାଯିବାର ସମ୍ଭାବନା ରହିଛି। ଅର୍ଶଦୀପ ଘରୋଇ କ୍ରିକେଟ ଏବଂ ସୀମିତ ଓଭର ଫର୍ମାଟରେ ନିଜର ପ୍ରତିଭା ଦେଖାଇଛନ୍ତି, କିନ୍ତୁ ଟେଷ୍ଟ କ୍ରିକେଟରେ ତାଙ୍କ ଅଭିଜ୍ଞତା ସୀମିତ। ତେଣୁ ବୁମ୍‌ରାଙ୍କ ଅନୁପସ୍ଥିତିରେ ଅର୍ଶଦୀପଙ୍କ ଉପରେ ବଡ଼ ଦାୟିତ୍ୱ ରହିବ। ଅନ୍ୟ ବୋଲରମାନେ ଯେପରି ମହମ୍ମଦ ସିରାଜ ଏବଂ ଆକାଶ ଦୀପଙ୍କୁ ମଧ୍ୟ ନିଜର ପ୍ରଦର୍ଶନକୁ ଉନ୍ନତ କରିବାକୁ ପଡ଼ିବ। ଜସପ୍ରିତ ବୁମ୍‌ରା ଚଳିତ ବର୍ଷ ଟେଷ୍ଟ କ୍ରିକେଟରେ ଅତ୍ୟନ୍ତ ସଫଳ ରହିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିରେ ସେ ୪ ମ୍ୟାଚରେ ୩୦ରୁ ଅଧିକ ଉଇକେଟ ନେଇଛନ୍ତି, ଯାହା ତାଙ୍କୁ ସିରିଜର ସଫଳତମ ବୋଲର କରିଛି। ଏହା ବ୍ୟତୀତ, ଚଳିତ ବର୍ଷ ସେ ୭୧ ଉଇକେଟ ନେଇ ବିଶ୍ୱର ଶ୍ରେଷ୍ଠ ଟେଷ୍ଟ ବୋଲରମାନଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ତାଙ୍କ ନେତୃତ୍ୱରେ ଭାରତ ପର୍ଥ ଟେଷ୍ଟରେ ଅଷ୍ଟ୍ରେଲିଆକୁ ହରାଇଥିଲା, ଯେଉଁଠି ସେ ୯ ଉଇକେଟ ନେଇଥିଲେ।

# ଫସିଗଲେ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରା, ରାଜସ୍ଥାନ ରୟାଲ୍ସର ମାଲିକ ଆଣିଲେ ସଙ୍ଗିନ ଅଭିଯୋଗ

**ନୂଆଦିଲ୍ଲୀ**

ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ଏବଂ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ) ଦଳ ରାଜସ୍ଥାନ ରୟାଲ୍ସ (ଆରଆର)ର ପୂର୍ବତନ ସହ-ମାଲିକ ରାଜ କୁନ୍ଦ୍ରା ସମସ୍ୟାରେ ପଡ଼ିଛନ୍ତି। ରାଜସ୍ଥାନ ରୟାଲ୍ସର ବର୍ତ୍ତମାନର ମାଲିକ ମନୋଜ ବଡାଲେ ତାଙ୍କ ଉପରେ 'ବ୍ଲାକମେଲିଂ' ଅଭିଯୋଗ ଆଣିଛନ୍ତି। ମନୋଜ ୟୁକେର ଏକ କୋର୍ଟରେ କୁନ୍ଦ୍ରାଙ୍କ ବିରୋଧରେ ଆଇନଗତ ଲଢ଼େଇ ଆରମ୍ଭ କରିଛନ୍ତି। ପ୍ରକୃତରେ, ୨୦୦୯ ମସିହାରେ ରାଜ କୁନ୍ଦ୍ରା ଏବଂ ଶିଳ୍ପା ସେଟ୍ଟୀ ଏକ ମରିସସ କମ୍ପାନୀର ସହାୟତାରେ ରାଜସ୍ଥାନ ରୟାଲ୍ସର ମାଲିକ ହୋଇଥିଲେ। ତାଙ୍କ ଦଳ (ରାଜସ୍ଥାନ ରୟାଲ୍ସ) ମଧ୍ୟ ପ୍ରଥମ ଆଇପିଏଲ ଟାଇଟଲ ଜିତିଥିଲା, କିନ୍ତୁ ୨୦୧୩ ଜୁନ ମାସରେ ଏହି ଦଳ ସମସ୍ୟାରେ ପଡ଼ିଥିଲା। ସେହି ସମୟରେ ରାଜ କୁନ୍ଦ୍ରାଙ୍କୁ ଦିଲ୍ଲୀ ପୋଲିସ ବେଟିଂ ଅଭିଯୋଗରେ ଗିରଫ କରିଥିଲା। ଏଥିପାଇଁ ସେ ବହୁତ ସମାଲୋଚନାର ସମ୍ମୁଖୀନ ହୋଇଥିଲେ।

# ପୃଥ୍ୱୀ ଶ'ଙ୍କୁ ସଚିନ ତେନ୍ଦୁଲକରଙ୍କ ପରାମର୍ଶ ଭାରତୀୟ ଦଳକୁ ଫେରିବାକୁ ଦେଲେ ଗୁରୁମନ୍ତ୍ର

**ମୁମ୍ବାଇ**

ଭାରତୀୟ କ୍ରିକେଟରେ ପ୍ରତିଭାବାନ ଓପନର ପୃଥ୍ୱୀ ଶ'ଙ୍କ କ୍ୟାରିଅର ବିଗତ କିଛି ବର୍ଷରେ ନାଟକୀୟ ଭାବେ ହ୍ରାସ ପାଇଛି। ୨୦୨୪-୨୫ ସିଜନରେ ତାଙ୍କୁ ମୁମ୍ବାଇର ଘରୋଇ ଦଳରୁ ବାଦ ଦିଆଯାଇଥିଲା ଏବଂ ଆଇପିଏଲ ୨୦୨୫ର ମେଗା ନିଲାମରେ ମଧ୍ୟ ସେ ବିକ୍ରି ହୋଇ ନଥିଲେ। ତଥାପି, ଏହି ସମସ୍ତ ପ୍ରତିକୂଳତା ମଧ୍ୟରେ ପୃଥ୍ୱୀ ଖୁଲାସା କରିଛନ୍ତି ଯେ ଭାରତୀୟ କ୍ରିକେଟର ମହାନାୟକ ସଚିନ ତେନ୍ଦୁଲକର ତାଙ୍କ ପ୍ରତି ବିଶ୍ୱାସ ରଖିଛନ୍ତି ଏବଂ ତାଙ୍କୁ ପୁନରାଗମନ କରିବାରେ ପ୍ରେରଣା ଦେଉଛନ୍ତି।



ଏକ ସାକ୍ଷାତକାରରେ ପୃଥ୍ୱୀ କହିଛନ୍ତି, "ମୋର ବାପା ମୋର ସବୁଠାରୁ ବଡ଼ ସମର୍ଥକ, କିନ୍ତୁ ତାଙ୍କ ପରେ ସଚିନ ସାର ଅନେକ କିଛି ଜାଣନ୍ତି। ମୁଁ ଓ ଅର୍ଜୁନ (ସଚିନଙ୍କ ପୁଅ) ୮ କିମ୍ବା ୯ ବର୍ଷ ବୟସରୁ ବନ୍ଧୁ। ସାର ମଧ୍ୟ ସେତେବେଳେ ଥାଆନ୍ତି। ସେ ମୋତେ ଦେଖିଛନ୍ତି।"

ପୃଥ୍ୱୀ ପ୍ରକାଶ କରିଛନ୍ତି ଯେ ମାତ୍ର ଦୁଇ ମାସ ପୂର୍ବେ ସଚିନ ଇଣ୍ଟରନ୍ୟାସନାଲ ମାଷ୍ଟର୍ସ ଲିଗ ପାଇଁ ଏମଆଇଜିରେ ଅଭ୍ୟାସ କରୁଥିବା ବେଳେ ସେ ମଧ୍ୟ ସେଠାରେ ଥାଆନ୍ତି। "ଏପରି ସମୟରେ ଜଣେ ମେଣ୍ଟର ଦରକାର, ଯିଏ ପ୍ରେରଣାର ଏକ ସାହାସ ଦେଇପାରେ," ବୋଲି ସେ କହିଛନ୍ତି।

ସଚିନ ତାଙ୍କୁ ନିରନ୍ତର ପରାମର୍ଶ ଦେଉଛନ୍ତି ଏବଂ ତାଙ୍କ ଉପରେ ବିଶ୍ୱାସ ରଖିଛନ୍ତି। ପୃଥ୍ୱୀ କହିଛନ୍ତି, 'ସେ ଏବେ ମଧ୍ୟ ମୋ ଉପରେ ବିଶ୍ୱାସ ରଖନ୍ତି। ପୃଥ୍ୱୀ, ମୋର ବିଶ୍ୱାସ ଅଛି ଏବଂ ମୁଁ ବିଶ୍ୱାସ ରଖିବି।' ସେ ମୋତେ ଦେଖିଛନ୍ତି। ତାଙ୍କର ଭରସା ଅଛି। 'ଟ୍ରାକକୁ ଫେରି ଆସ। ସବୁ ସମ୍ଭବ।' ଏହି ବିଶ୍ୱାସ ମୋ ପାଇଁ ବହୁତ ମୂଲ୍ୟବାନ। ମୋ ବାପା ଓ କିଛି ବନ୍ଧୁଙ୍କ ପରି ସେ ମଧ୍ୟ ବିଶ୍ୱାସ କରନ୍ତି।

## ଅଲ-ନାସର କ୍ଲବ ସହିତ କ୍ରିଷ୍ଟିୟାନ ରୋନାଲ୍ଡୋଙ୍କ ରାଜିନାମା ଆଉ ୨ ବର୍ଷ ବଢ଼ିଲା

**ନୂଆଦିଲ୍ଲୀ**

ବିଶ୍ୱର ଦିଗଗଜ ଫୁଟବଲର୍ସଙ୍କ ମଧ୍ୟରେ ଅନ୍ୟତମ କ୍ରିଷ୍ଟିୟାନୋ ରୋନାଲ୍ଡୋ ୨୦୨୨ ମସିହାରେ ସାଉଦୀ ପ୍ରୋ ଲିଗରେ ଅଲ-ନାସର କ୍ଲବ ସହିତ ରାଜିନାମା କରିଥିଲେ। ଏହି ରାଜିନାମା ଜୁନ ୨୦୨୫ରେ ସମାପ୍ତ ହେଉଥିଲା। ଏବେ ସେ ଅଲ-ନାସର କ୍ଲବ ସହିତ ଡିଲକୁ ଆଉ ୨ ବର୍ଷ ଆଗକୁ ବଢାଇ ଏକ ବଡ଼ ଡିଲ୍ କରିଛନ୍ତି। ଏଣୁ ୟୁରୋପୀୟ ଫୁଟବଲକୁ ରୋନାଲ୍ଡଙ୍କ ପ୍ରତ୍ୟାବର୍ତ୍ତନର ଅଟକଳ ଉପରେ ଫୁଲଷ୍ଟପ ଲାଗିଯାଇଛି।

କ୍ରିଷ୍ଟିୟାନୋ ରୋନାଲ୍ଡୋ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସାଉଦୀ ପ୍ରୋ ଲିଗରେ ଅଲ-ନାସର କ୍ଲବ ସହ ତାଙ୍କ ରାଜିନାମା ଆଉ ଦୁଇ ବର୍ଷ ସମ୍ପ୍ରସାରଣ କରିଥିବା ସୂଚିତ କରିଛନ୍ତି। ସେ ଲେଖିଛନ୍ତି ଯେ 'ଏକ ନୂଆ ଅଧ୍ୟାୟ ଆରମ୍ଭ ହେଲା। ସେହି ନିଶା, ସେହି ସ୍ୱପ୍ନ। ଆସନ୍ତୁ ମିଳିମିଶି ଇତିହାସ ରଚିବା'। ଅନ୍ୟପଟେ ଅଲ-ନାସର କ୍ଲବ କହିଛି ଯେ ରୋନାଲ୍ଡୋଙ୍କ ସହିତ ରାଜିନାମା ୨୦୨୭ ପର୍ଯ୍ୟନ୍ତ ବଢାଇ ଦିଆଯାଇଛି।

# ଜେଏସ୍‌ଡବ୍ଲ୍ୟୁ ପେଣ୍ଟ୍ସ ପକ୍ଷରୁ ଆକ୍‌ଜୋ ନୋବେଲ୍ ଇଣ୍ଡିଆକୁ ଅଧିଗ୍ରହଣ କରିବା ପାଇଁ ରାଜିନାମା ସ୍ୱାକ୍ଷରିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜେଏସ୍‌ଡବ୍ଲୁ ପେଣ୍ଟସ୍ ପକ୍ଷରୁ ଆକ୍‌ଜୋ ନୋବେଲ୍ ଏନ୍‌ଭି ଓ ଏହାର ସହଯୋଗୀଙ୍କଠାରୁ ୮୯୮୬ କୋଟି ଟଙ୍କାର ସେୟାର କ୍ରୟ ରାଜିନାମା ଅଧୀନରେ ଆକ୍‌ଜୋ ନୋବେଲ୍ ଇଣ୍ଡିଆ ଲିମିଟେଡ୍ (ଏଏନ୍‌ଆଇଏଲ୍)ର ୭୪.୭୬% ଅଂଶଧନ ଅଧିଗ୍ରହଣ କରିବା ଲାଗି ରାଜିନାମା ସ୍ୱାକ୍ଷର କରାଯାଇଛି। ଏହି ପ୍ରସ୍ତାବିତ ଅଧିଗ୍ରହଣକୁ ଭାରତୀୟ ପ୍ରତିଯୋଗିତା କମିଶନଙ୍କ ଅନୁମୋଦନର ଆବଶ୍ୟକତା ରହିଛି ଏବଂ ଏଏନ୍‌ଆଇଏଲ୍‌ର ସାର୍ବଜନୀନ ଅଂଶଧନକାରୀଙ୍କୁ ବାଧ୍ୟତାମୂଳକ ଟେଣ୍ଡର ଅଫର ଆଣିବାକୁ ପଡ଼ିବ।

ଜେଏସ୍‌ଡବ୍ଲୁ ପେଣ୍ଟସ୍ ହେଉଛି ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ପେଣ୍ଟ୍ କମ୍ପାନି ଏବଂ ଏହା ଭାରତର ଅଗ୍ରଣୀ ବ୍ୟବସାୟିକ ପ୍ରତିଷ୍ଠାନ ୨୩ ବିଲିଅନ ଡଲାରର ଜେଏସଡବ୍ଲ୍ୟୁ ଗ୍ରୁପ୍‌ର ଏକ ଅଂଶ ଯାହା ଇସ୍ପାତ, ସିମେଣ୍ଟ, ଶକ୍ତି ଭିତ୍ତିଭୂମି, ଅଟୋମୋଟିଭ୍ ଓ ପେଣ୍ଟ୍ କ୍ଷେତ୍ରରେ କାରବାର କରୁଛି। ଏଏନ୍‌ଆଇଏଲ୍ ହେଉଛି ଭାରତର ଅଗ୍ରଣୀ ଡେକୋରେଟିଭ୍ ପେଣ୍ଟ୍ ଓ ଶିଳ୍ପ କୋଟିଂ କମ୍ପାନି ଯାହାର ମୁଖ୍ୟ କାର୍ଯ୍ୟାଳୟ ନେଦରଲ୍ୟାଣ୍ଡସରେ ରହିଛି।

ଏହି ରୂପାନ୍ତରୀତ ଅଧିଗ୍ରହଣ ଜେଏସ୍‌ଡବ୍ଲ୍ୟୁ ପେଣ୍ଟ୍ସକୁ ଏହି କ୍ଷେତ୍ରରେ ଏକ ଅଗ୍ରଣୀ କମ୍ପାନି ଭାବେ ଉପସ୍ଥାପନ କରିବ ଯାହା ଆଗାମୀ ବର୍ଷଗୁଡ଼ିକରେ ଆହୁରି ଆଗକୁ ବଢ଼ିବ।

ଜେଏସ୍‌ଡବ୍ଲୁ ପେଣ୍ଟ୍ସର ପରିଚାଳନା ନିର୍ଦ୍ଦେଶକ ପାର୍ଥ ଜିନ୍ଦଲ କହିଛନ୍ତି ଯେ, 'ପେଣ୍ଟ୍ ଓ କୋଟିଂ ହେଉଛି ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ କ୍ଷେତ୍ର ଏବଂ ଜେଏସ୍‌ଡବ୍ଲ୍ୟୁ ପେଣ୍ଟ୍ସ ହେଉଛି ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ପେଣ୍ଟ୍ କମ୍ପାନି। ଆକ୍‌ଜୋ ନୋବେଲ୍ ଇଣ୍ଡିଆ ହେଉଛି ଡ୍ୟୁଲକ୍ସ ଇଣ୍ଟରନ୍ୟାସନାଲ୍ ଓ ସିକେନ୍‌ସ ଭଳି ଅନେକ ବିଶ୍ୱସ୍ତରରେ ପ୍ରତିଷ୍ଠିତ ପେଣ୍ଟ୍ ଓ କୋଟିଂ ବ୍ରାଣ୍ଡର କମ୍ପାନି। ଆମେ ସେମାନଙ୍କୁ ଜେଏସଡବ୍ଲ୍ୟୁ ପରିବାରକୁ ସ୍ୱାଗତ କରୁଛୁ। ଆକ୍‌ଜୋ ନୋବେଲ୍ ଇଣ୍ଡିଆ ପରିବାର ସହିତ ଆମେ କର୍ମଚାରୀ, ଗ୍ରାହକ ଓ ସହଯୋଗୀଙ୍କୁ ସ୍ୱାଗତ କରିବା ସହ ଭବିଷ୍ୟତ ପାଇଁ ଏକ ପେଣ୍ଟ୍ କମ୍ପାନି ଗଠନ କରିବାର ଅଭିଳାଷ ରଖିଛୁ। ଡ୍ୟୁଲକ୍ସର ମ୍ୟାଜିକ୍ ଏବଂ ଜେଏସ୍‌ଡବ୍ଲ୍ୟୁ ପେଣ୍ଟ୍ସର ଭାବନା ସହିତ ଆମେ ଗ୍ରାହକଙ୍କୁ ଉଲ୍ଲସିତ କରିବା ଏବଂ ଆମ ଅଂଶୀଦାରଙ୍କ ପାଇଁ ଦୀର୍ଘସ୍ଥାୟୀ ମୂଲ୍ୟ ସୃଷ୍ଟି କରିବାକୁ ପ୍ରତିବଦ୍ଧ ରହିଛୁ।'

# ହାତୀ ଆକ୍ରମଣରେ ଜୁଆଙ୍ଗ ବ୍ୟକ୍ତିଙ୍କ ମୃତ୍ୟୁ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ବିମଳା ଫରେଷ୍ଟ ବିଟ କୁଳଙ୍ଗ ବଲାଙ୍ଗୀ ସାହିରେ ହାତୀ ଆକ୍ରମଣରେ ଜଣେ ଜୁଆଙ୍ଗ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଇସୁଆଁ ପଞ୍ଚାୟତ କୁଳଙ୍ଗ ବଲାଙ୍ଗୀ ସାହି ଗ୍ରାମର ଧନେଶ୍ୱର ଜୁଆଙ୍ଗ (୬୦)। ତେବେ ଧନେଶ୍ୱର ନିକଟସ୍ଥ ଜଙ୍ଗଲକୁ ଛେଳି ଓ ଗୋରୁ ଚରାଇବାକୁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିବା ଜଣାପଡ଼ିଛି। ଖବର ପାଇ ତେଲକୋଇ ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିଥିବା ସୂଚନା ରହିଛି। ମିଳିଥିବା ସୂଚନା ଅନୁଯାୟୀ, ଧନେଶ୍ୱର ଶୁକ୍ରବାର ନିକଟସ୍ଥ ଝାରବେଡା ସଂରକ୍ଷିତ ଜଙ୍ଗଲର ଝିଙ୍କ ଦରି ଗ୍ରାମ୍ୟ ଜଙ୍ଗଲକୁ ଛେଳି ଓ ଗୋରୁ ଚରାଇବାକୁ ଯାଇଥିବା ବେଳେ ସେଠାରେ ତାଙ୍କୁ ଏକ ଗୋଠ ଛଡ଼ା ଦନ୍ତା ହାତୀ ଆକ୍ରମଣ କରିଥିଲା। ହାତୀ ଶୁଣ୍ଢରେ ଧରି କଚାଡ଼ିବା ପରେ ପିଠି ଓ ଛାତିରେ ମାଡ଼ି ଅତି ବିଭତ୍ସ ଭାବେ ହତ୍ୟା କରିଥିଲା। ସ୍ଥାନୀୟ ଲୋକେ ଚିତ୍କାର ଶୁଣି ଘଟଣା ସ୍ଥଳରେ ପହଞ୍ଚିବା ପରେ ହାତୀଙ୍କୁ ଘଉଡାଇବା ସହିତ ଧନେଶ୍ୱରଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ଧନେଶ୍ୱରଙ୍କ ମୃତ୍ୟୁ ହୋଇ ସାରିଥିଲା। ଖବର ପାଇ ବନ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଥିବା ଜଣାପଡ଼ିଛି। ଅନ୍ୟପଟେ ଏହି ଘଟଣା ପରେ ରକ୍ତମୁଖା ଦନ୍ତା ଉକ୍ତ ଝାରବେଡା ଜଙ୍ଗଲ ମଧ୍ୟକୁ ଚାଲି ଯାଇଥିବା ବନ ବିଭାଗ ପକ୍ଷରୁ କୁହା ଯାଇଛି।

# ସ୍ୱଚ୍ଛ ଶୁଦ୍ଧ ପାଣି ପାଇଁ ଟ୍ୟୁବ୍‌ୱେଲ୍ ଯୋଗାଉଛି ଜେଏସ୍‌ଡବ୍ଲୁ ଆକାଂକ୍ଷା ଲେଡିଜ୍ କ୍ଲବ୍

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଜେଏସ୍‌ଡବ୍ଲୁ ପେରିଫେରି-ଆଲ୍‌ର ଅଭାବୀ ଲୋକଙ୍କୁ ନିଜ ପାଣ୍ଠି ସହିତ ସକ୍ରିୟ ଭାବରେ ସହଯୋଗ ଏବଂ ସମର୍ଥନ କରୁଛନ୍ତି ଆକାଂକ୍ଷା ଲେଡିଜ୍ କ୍ଲବର ସଭାପତି ନୀଲମ୍ ସିଂ। ପରିଦର୍ଶନ କରି ଲୋକ ମାନଙ୍କର ଆବଶ୍ୟକତା ବୁଝି ଅନୁଭବ କରି ସେମାନେ ବିଭିନ୍ନ କଲ୍ୟାଣ ମୂଳକ କାର୍ଯ୍ୟ କରୁଛନ୍ତି। ଚଳିତ ବର୍ଷ ଲୋକମାନଙ୍କର ଆବଶ୍ୟକତାକୁ ଅନୁଭବ କରି ଠେଲକୁଲି,




ଧୁବେନଛାପଲ, ଧୁରୁଆପଡ଼ା, ପିଡ଼ିଏଫ୍ କଲୋନୀରେ ସ୍ୱଚ୍ଛ ଶୁଦ୍ଧ ପାଣି ପାଇଁ ଟ୍ୟୁବ୍‌ୱେଲ୍ ଯୋଗାଉଛି ଜେଏସ୍‌ଡବ୍ଲୁ ଆକାଂକ୍ଷା ଲେଡିଜ୍ କ୍ଲବ୍। ଖାଲି ସେତିକି ନୁହେଁ ଆର୍ଟକୁ ପ୍ରୋତ୍ସାହିତ କରିବା, ଶାଢି ବୁଣାକାର ମାନଙ୍କୁ ମେସିନ୍ ବନ୍ଧା ଫ୍ରେମ୍ ଯୋଗାଇବା, ଠେଲକୁଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୱାଟର ପ୍ୟୁରିଫାୟର କମ କୁଲର, ଛାତ୍ରମାନଙ୍କୁ ଷ୍ଟେନଲେସ୍ ଷ୍ଟିଲ୍ ୱାଟର ବୋତଲ, ଏବଂ ରୋଷେଇ ଘରର ବାସନ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ସହିତ ଆହୁରି ଅନେକ କିଛି। ନିକଟରେ ୨୦ ଯୋଡ଼ା ସାମୂହିକ ବିବାହ ଟାଉନସିପ୍ ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପଡ଼ିଆରେ ଆୟୋଜନ କରାଯାଇଥିଲା।

# ମୟୂରଭଞ୍ଜ ଜିଲ୍ଲାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ : ସ୍ଥିତି ସୁଧାର ପାଇଁ ବିଜେଡିର ଦାବି

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଦିନକୁ ଦିନ ମୟୂରଭଞ୍ଜ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଚୋରି, ଛିନ୍‌ତାଇର ମାତ୍ରା ବୃଦ୍ଧି ପାଇଥିବା ବେଳେ ଦିନ ଦ୍ୱିପ୍ରହରରେ ଗୁଳିକାଣ୍ଡ ହେଉଛି। ସୋମବାର କୁଳିଅଣା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନମ୍ବର ୧୮ରେ ଗୁଳିକାଣ୍ଡ, ମଙ୍ଗଳବାର କଳିକପୁର ଠାରେ ଗୁଳିକାଣ୍ଡ ଏବଂ କୁଚେଇ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ବନ୍ଧୁକ ମୁନରେ ଲୁଟ୍ ପରି ଘଟଣା ଘଟିଛି। ଯାହାକି ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ସୁଧାର କରିବାରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବିଫଳ ହୋଇଛନ୍ତି। ଜିଲ୍ଲାରେ ଆଇନ ଶୃଙ୍ଖଳା ସଂକ୍ରାନ୍ତରେ ବିଜେଡିର ଏକ ପ୍ରତିନିଧି ଦଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ବର୍ଷେ ହେଲାଣି ଜିଲ୍ଲାବ୍ୟାପୀ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡି ପଡିଛି। ନିୟମିତ ଭାବେ ଜିଲ୍ଲାରେ ଚୋରି, ଛିନତାଇ, ଡକାୟତି ଓ ଗଣ୍ଡଗୋଳ, ଗୁଳିକାଣ୍ଡ ମାମଲା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାର ନଗ୍ନ ଚିତ୍ର ପ୍ରଦର୍ଶନ କରୁଥିବା ବେଳେ ଜନସାଧାରଣଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି। ତେଣୁ ମୟୂରଭଞ୍ଜ ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ସଦୃଢ କରିବା, ଆସାମୀ ମାନଙ୍କୁ ତୁରନ୍ତ ଗିରଫ କରିବା ଓ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଜିଲ୍ଲା ପ୍ରମୁଖ ସ୍ଥାନ ଓ ରାସ୍ତାରେ କଡ଼ାକଡ଼ି ପାଟ୍ରୋଲିଂ ବ୍ୟବସ୍ଥା ପାଇଁ ବିଜେଡି ଦାବି କରିଛି। ଏନେଇ ଆଗକୁ କୌଣସି ପଦକ୍ଷେପ ଗ୍ରହଣ ନକଲେ ବିଜେଡି ପକ୍ଷରୁ ଆନ୍ଦୋଳନ ନେଇ ଚେତାବନୀ ଦିଆଯାଇଛି। ପ୍ରତିନିଧି ଦଳରେ ବିଜେଡି (ପୂର୍ବ)ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, (ପଶ୍ଚିମ) ଜିଲ୍ଲା ସଭାପତି ଦେବାଶିଷ ମାର୍ଣ୍ଡି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସରୋଜ କୁମାର ବୋଷ, ପ୍ରଭାତ କୁମାର ନାୟକ, ପ୍ରଭାତ ମହାନ୍ତି, ଅନନ୍ତ ଦାସ, ଦୀପ୍ତିଲତା ମିଶ୍ର, ଲଲାଟେନ୍ଦୁ ବେହେରା, ଶ୍ରାବଣୀ ଦାସ, ପ୍ରଭାତୀ ପୃଷ୍ଟି, ଜିତା ସିଂ, ସୁଧୀର ବାରିକ, ପ୍ରତିନନ୍ଦା କାନୁନଗୋଙ୍କ ସମେତ ଅନ୍ୟାନ୍ୟ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମଣିପାଲ ହସ୍ପିଟାଲ ପକ୍ଷରୁ ପୁରୀରେ ଅତ୍ୟାଧୁନିକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ବିଶ୍ୱର ସବୁଠାରୁ ବଡ଼ ରଥଯାତ୍ରା ଅବସରରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଏକ ପ୍ରାଥମିକ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି। ପୁରୀ ବିଚ୍‌ରୋଡ୍‌ରେ ପୁରୀ ହୋଟେଲ ସାମ୍ନାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ପୁରୀରେ ଏକ ପ୍ରାଥମିକ ଚିକିତ୍ସା କେନ୍ଦ୍ର ସ୍ଥାପନ କରି ଉନ୍ନତମାନର ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଯାଇଛି। ଏହି କେନ୍ଦ୍ରକୁ ମଣିପାଲ ହସ୍ପିଟଲର ୟୁନିଟ୍ ହେଡ୍ (ସେଲ୍ ଓ ମାର୍କେଟିଂ) ବିଜୟ ରଙ୍ଗାରଥ ଉଦ୍‌ଘାଟନ କରିଥିଲେ।




ଏହି ସ୍ୱାସ୍ଥ୍ୟକେନ୍ଦ୍ର ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ (ବାହୁଡା ଯାତ୍ରା) କର୍ଯ୍ୟରତ ରହିବ। ବିଶ୍ୱ ପ୍ରସିଦ୍ଧ ଏହି ବିଶାଳ ରଥଯାତ୍ରା ଦର୍ଶନ କରିବା ପାଇଁ ଆସୁଥିବା ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକଙ୍କୁ ଆବଶ୍ୟକ ସମୟରେ ସଠିକ୍ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯାଇଛି। ଏଠାରେ ମଣିପାଲ ହସ୍ପିଟାଲର ଅଭିଜ୍ଞ ଡାକ୍ତରଙ୍କ ସମେତ ପ୍ରଶିକ୍ଷିତ ପାରାମେଡିକାଲ ଟିମ୍ କାର୍ଯ୍ୟରତ ଅଛନ୍ତି। ଯେଉଁମାନେ ଯେକୌଣସି ଆପାତକାଳୀନ ସମୟରେ ସମସ୍ତ ପ୍ରକାର ସ୍ୱାସ୍ଥ୍ୟସମସ୍ୟାକୁ ସଠିକ୍ ମୁକାବିଲା କରିବା ପାଇଁ ସକ୍ଷମ ଅଟନ୍ତି।

ଏହି ଅବସରରେ ମଣିପାଲ ହସ୍ପିଟାଲର ହସ୍ପିଟାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି, "ରଥଯାତ୍ରା ସମୟରେ ଭକ୍ତମାନଙ୍କ ପାଇଁ ପୁରୀରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଆମପାଇଁ ଏକ ଗୌରବର ବିଷୟ। ଏଭଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କରିବାର ଉଦ୍ଦେଶ୍ୟ ହେଲା ସ୍ୱାସ୍ଥ୍ୟସେବା କେବଳ ହସ୍ପିଟାଲର ସୀମା ମଧ୍ୟରେ ସୀମିତ ନରଖି ଦେଶ ବିଦେଶରୁ ପୁରୀକୁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କୁ ଆବଶ୍ୟକ ପଡ଼ିଲେ ସାହାଯ୍ୟ କରିବା।"

# ଟିପିସିଓଡିଏଲ୍ ପକ୍ଷରୁ ରଥଯାତ୍ରା ୨୦୨୫ ପାଇଁ ସୁରକ୍ଷିତ ଓ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ପୁରୀରେ ରଥଯାତ୍ରା ୨୦୨୫ ସମୟରେ ଏକ ସୁରକ୍ଷିତ ଓ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ବ୍ୟାପକ ସୁରକ୍ଷା ଓ ଭିତ୍ତିଭୂମି ପ୍ରସ୍ତୁତି ପଦକ୍ଷେପ ଗ୍ରହଣ କରିଛି। ଦିନରାତି ଚବିଶ ଘଣ୍ଟା ୮୦୦ କର୍ମଚାରୀଙ୍କୁ ମୁତୟନ କରି ଟିପିସିଓଡିଏଲ୍ ପକ୍ଷରୁ ରଥଯାତ୍ରା ୨୦୨୫ ପାଇଁ ଦୃଢ଼ ସୁରକ୍ଷା ଅଭିଯାନ ଗ୍ରହଣ କରାଯାଇଛି। ଏଥିରେ ଲିକେଜ୍ କରେଣ୍ଟ ପରୀକ୍ଷା, ଲୁହା ଖୁଣ୍ଟରେ ଇନସୁଲେସନ ପେଣ୍ଟିଂ ଏବଂ ଲୋକମାନଙ୍କ ସୁରକ୍ଷା ପାଇଁ ଡିଟି ଫେନ୍ସିଂ ଦେବା ଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯାଇଛି।

ଏହି ପବିତ୍ର ଯାତ୍ରା ସମୟରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରିବା ଲାଗି ପ୍ରତିଷେଧମୂଳକ ଓ ପୂର୍ବାନୁମାନ ଭିତ୍ତିକ ରକ୍ଷଣାବେକ୍ଷଣ ସହିତ ଫିଡର, ବିଦ୍ୟୁତ ଓ ବିତରଣ ଟ୍ରାନ୍ସଫରମରଗୁଡ଼ିକର ନେଟ୍‌ୱର୍କରେ ଉନ୍ନତି ଅଣାଯାଇଛି ଏବଂ ବିଦ୍ୟୁତ୍ ବିଭ୍ରାଟକୁ ଏଡ଼ାଇବା ଲାଗି ରିଲେ ପ୍ରୋଟେକ୍ସନ ସେଟିଂର ବ୍ୟାପକ ପରୀକ୍ଷଣ କରାଯାଇଛି।

ରଥଯାତ୍ରା ୨୦୨୫ରେ ଜନ ସଚେତନତା ବଢ଼ାଇବା ଏବଂ ସୁରକ୍ଷାକୁ ସୁନିଶ୍ଚିତ କରିବା ଲାଗି ଟିପିସିଓଡିଏଲ୍ ପକ୍ଷରୁ ପୁରୀରେ ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିପାଇଁ ୧ ଲକ୍ଷ ସୁରକ୍ଷା ସମ୍ପର୍କିତ ଲିଫଲେଟ୍ ବଂଟନ କରାଯାଇଥିବା ବେଳେ ସହର ସାରା ନିରନ୍ତର ସାର୍ବଜନୀନ ଘୋଷଣା ଏବଂ ପ୍ରମୁଖ ସ୍ଥାନଗୁଡ଼ିକରେ ସୁରକ୍ଷା ପୋଷ୍ଟର ଓ ବ୍ୟାନର ଲଗାଯାଇଛି। ପଥପ୍ରାନ୍ତ ନାଟକ ଜରିଆରେ ଲୋକମାନଙ୍କୁ ଯୋଡ଼ିବା ପାଇଁ ପଲିଶ୍ରୀ ମେଳାରେ ନୁକଡ଼ ନାଟକର ଯୋଜନା କରାଯାଇଛି। ଭିଡ଼ ସମୟରେ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ପାଇଁ ବଡ଼ ଦାଣ୍ଡରେ ଖୋଲା ତାରଗୁଡ଼ିକୁ ନିବୁଜ କରାଯାଇଥିବା ବେଳେ ସାମୟିକ ବାଡ଼ ଦିଆଯାଇଛି। ଟିପିସିଓଡିଏଲ୍ ପକ୍ଷରୁ ପୁରୀରେ ତିନିଟି ଓ ନିଜ କାର୍ଯ୍ୟକ୍ଷେତ୍ରରେ ଜରୁରୀକାଳୀନ ସ୍ଥିତି ପାଇଁ ଗୋଟିଏ ସମେତ ଚାରିଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଡିସପେନ୍‌ସେରି (ଏମ୍‌ଏଚ୍‌ଡି) ମୁତୟନ କରାଯାଇଛି। ପ୍ରତି ଏମ୍‌ଏଚ୍‌ଡିରେ ପରାମର୍ଶ କୋଠରି, ପରୀକ୍ଷା ଶଯ୍ୟା ଓ ଏକ ଡିସ୍‌ପେନ୍‌ସେରି କାଉଣ୍ଟର୍ ସହିତ ଯୋଗ୍ୟତାପ୍ରାପ୍ତ ଡାକ୍ତର, ନର୍ସ ଓ ଫାର୍ମାସିଷ୍ଟ ରହିଛନ୍ତି। ଏହି ଭବ୍ୟ ଅଧ୍ୟାତ୍ମିକ ସମାରୋହରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ଓ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରି ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ କଲ୍ୟାଣ ସୁନିଶ୍ଚିତ କରିବାକୁ ଟିପିସିଓଡିଏଲ୍ ପ୍ରତିବଦ୍ଧ ରହିଛି।







ଭୁବନେଶ୍ୱର : ଇସ୍କନ ପକ୍ଷରୁ ମହାପ୍ରଭୁଙ୍କ ରଥଯାତ୍ରାରେ ଭକ୍ତମାନଙ୍କ ବିପୁଳ ସମାଗମ। (ଫଟୋ : ସମ୍ବାଦ କଳିକା)

## ଫାଣ୍ଡିପୋଲିସ ର କାର୍ଯ୍ୟଧାରାକୁ ନେଇ ଅସନ୍ତୋଷ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**

କଟକ ଜିଲ୍ଲା କିଶୋରନଗର ଥାନା ଅଧିନସ୍ଥ ମାହାଳହାଟ ଫାଣ୍ଡିରେ ପୋଲିସର କାର୍ଯ୍ୟଧାରା କୁନେଇ ଚିନ୍ତାରେ ଜନସାଧାରଣ। ଏହି ଫାଣ୍ଡି ଅଧିନସ୍ଥ ବାବୁଜଙ୍ଗ, ଉତ୍ତରକୂଳ, ମଣିଜଙ୍ଗ ଓ ମହମ୍ମଦପୁର ଗ୍ରାମ ପଞ୍ଚାୟତରେ ଦିନ କୁ ଦିନ ଚୋରା ମଦ, ଚୋରା ଗଞ୍ଜେଇ, ଡକାୟତି ଓ ଦାଦାବଟି ସମସ୍ୟା ବଢିବାରେ ଲାଗିଥିଲା ବେଳେ ଚୁପ୍ ବସିଛି ମାହାଳହାଟ ପୋଲିସ୍। ରାଜ୍ୟ ସରକାର ଆମ ପୋଲିସ ର ଡିଣ୍ଡିମ ପିଟୁଥିବା ବେଳେ ଏଠି ସଧାରଣ ଲୋକ ନିଜର ଅଭିଯୋଗ ନେଇ ଫାଣ୍ଡିରେ ପହଞ୍ଚିଲା ବେଳେ କିଶୋରନଗର ଥାନାରେ ଅଭିଯୋଗ ଦିଅ ବୋଲି କହୁଛି ପୋଲିସ । ଥାନାର ଦୂରତା ଫାଣ୍ଡି ଠାରୁ ୨୫ କିଲୋମିଟର ଦୂର ଥିବା ବେଳେ ଯାହାକୁ ନେଇ ସାଧାରଣ ରେ ପ୍ରଶ୍ନ ଉଠିଛି, ଯଦି ଏହି ଫାଣ୍ଡିରେ ଏଭଳି ଚାଲୁରହେ, ତେବେ ଆଗାମି ଦିନରେ ଆଇନ ଶୃଙ୍ଖଳା ପରିସ୍ଥିତିସୃଷ୍ଟି ହେବା ସହିତ, ଏହି ୪ ଗୋଟି ପଞ୍ଚାୟତର ଜନସାଧାରଣ ନ୍ୟାୟ ପାଇବାରେ ବଞ୍ଚିତ ହେବେ। ବିଭିନ୍ନ ସାମାଜିକ ସଂଗଠନ ଓ ବୁଦ୍ଧିଜୀବୀ ମହଲରେ ଏଭଳି କାର୍ଯ୍ୟ ପାଇଁ ଚିନ୍ତା ପ୍ରକଟ କରାଯିବା ସହିତ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଜିନ୍ଦଲନଗରରେ ଭବ୍ୟ ରଥଯାତ୍ରା ପାଳିତ : ସାମିଲ ହେଲେ ହଜାର ହଜାର ଶ୍ରଦ୍ଧାଳୁ

**ଅନୁଗୁଳ, ନ୍ୟୁଜ୍‌ବ୍ୟୁରୋ**

ଦେବଭୂମି ଜିନ୍ଦଲନଗରରେ ପବିତ୍ର ଘୋଷଯାତ୍ରା ଉତ୍ସାହ ଓ ଆବେଗପୂର୍ଣ୍ଣ ବାତାବରଣ ମଧ୍ୟରେ ଆରମ୍ଭ ହୋଇଛି। ଏହି ଘୋଷଯାତ୍ରା ଦେଖିବାକୁ ଆଖପାଖ ଗ୍ରାମାଞ୍ଚଳ ଏବଂ ଅନୁଗୁଳରୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ତାଳଧ୍ୱଜ, ଦର୍ପଦଳନ ଏବଂ ନନ୍ଦିଘୋଷର ଭବ୍ୟ ସୁସଜ୍ଜିତ ରଥରେ ଯଥାକ୍ରମେ ମହାପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ମହାବାହୁ ଶ୍ରୀଜଗନ୍ନାଥ ଆସିନ ହୋଇ ଗୁଣ୍ଡିଚା ମନ୍ଦିର ଅଭିମୁଖେ ବାହାରିଥିଲେ।

ତୃତୀୟ ଥର ପାଇଁ କୁରୁକ୍ଷେତ୍ରରୁ ପ୍ରତିନିଧିତ୍ୱ କରୁଥିବା ସାଂସଦ ତଥା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସପି)ର ଅଧକ୍ଷ ନବୀନ ଜିନ୍ଦଲ, ତାଙ୍କ ଧର୍ମ ପତ୍ନୀ ତଥା ଜିନ୍ଦଲ ଫାଉଣ୍ଡେସନର ଚେୟାରମ୍ୟାନ୍ ଶାଲୁ ଜିନ୍ଦଲ ଏବଂ ତାଙ୍କ ମାତା ଓ.ପି. ଜିନ୍ଦଲ ଗ୍ରୁପର ସମ୍ମାନିତ ଅଧକ୍ଷା ତଥା ହରିୟାଣାର ହିସାର ବିଧାୟିକା ସାବିତ୍ରୀ ଜିନ୍ଦଲ ପ୍ରମୁଖ ରଥଯାତ୍ରାରେ ପ୍ରଧାନ ସେବକ ଭାବେ ଦାୟିତ୍ୱ ତୁଲାଇଥିଲେ। ନବୀନ ଜିନ୍ଦଲ ପହଣ୍ଡି କାର୍ଯ୍ୟକ୍ରମରେ ଭାଗ ନେବା ସହ ରଥରେ ସମର୍ଜନୀ ଧରି ଛେରା ପହଁରା କରିଥିଲେ।



ଏ ଅବସରରେ ନବୀନ ଜିନ୍ଦଲ କହିଥିଲେ, 'ମୁଁ ସର୍ବଶକ୍ତିମାନଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ, ସେ ଆମ ସମସ୍ତଙ୍କୁ ତାଙ୍କର ଦିବ୍ୟ ଆଶୀର୍ବାଦ ପ୍ରଦାନ କରନ୍ତୁ। ଏହା ଏଭଳି ଏକ ପର୍ବ ଯେଉଁଠାରେ ସମସ୍ତେ ସମାନ - ଧନୀ ଏବଂ ଗରିବଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ଆମେ ରଥ ଟାଣିବା ପାଇଁ ଏକାଠି ହୋଇ ବିଶ୍ୱର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଗ୍ରହଣ କରୁଥାଉଁ। ଜିନ୍ଦଲ ପରିବାର ପକ୍ଷରୁ, ମୁଁ ସମସ୍ତଙ୍କୁ ଏକ ଆନନ୍ଦଦାୟକ ଏବଂ ଆଶୀର୍ବାଦପୂର୍ଣ୍ଣ ରଥଯାତ୍ରା କାମନା କରୁଛି।'

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ, ଶ୍ରୀ ଜିନ୍ଦଲ ପୁରୀରେ ଭକ୍ତମାନଙ୍କ ପାଇଁ ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଚାଲିଥିବା ଗରମ ରନ୍ଧା ଖାଦ୍ୟ ଏବଂ ଥଣ୍ଡା ପାନୀୟ ଜଳ ସେବା ବିଷୟରେ ଉଲ୍ଲେଖ କରିଥିଲେ, ଯାହା ସୁନାବେଶ ପର୍ଯ୍ୟନ୍ତ ଜାରି ରହିବ। ଶ୍ରୀ ଜିନ୍ଦଲ କହିଥିଲେ, 'ଆମେ ୧୧ ବର୍ଷ ଧରି ଲଗାତାର ଜଗନ୍ନାଥ ଧାମ ପୁରୀରେ ଭକ୍ତଙ୍କ ସେବା କରିବାର ସୁଯୋଗ ପାଇଥିବାରୁ ସୌଭାଗ୍ୟବାନ ମନେ କରୁଛୁ।'

ରଥଟଣା ପୂର୍ବରୁ ସକାଳେ ମନ୍ଦିରରେ ନେତ୍ର ଲାଗି, ନବ ଯୌବନ ଦର୍ଶନ, ମଙ୍ଗଳ ଆରତୀ, ପହଣ୍ଡିବିଜେ ଆଦି ପାରମ୍ପରିକ ରୀତିନୀତି ଆୟୋଜିତ ହୋଇଥିଲା। ଜିନ୍ଦଲ ପରିବାରର ସଦସ୍ୟମାନେ ଦେବଭୂମିର ମୁଖ୍ୟ ସେବାୟତ ଶ୍ରୀକାନ୍ତ ଜୀଙ୍କ ତତ୍ତ୍ୱାବଧାନରେ ଭକ୍ତିଭାବ ସହ ସମସ୍ତ ନିତିକାନ୍ତି ତୁଲାଇଥିଲେ। ସବୁଠାରୁ ଆକର୍ଷଣର କେନ୍ଦ୍ର ଥିଲା କି ଦେବୀ ସୁଭଦ୍ରାଙ୍କ ପହଣ୍ଡି ଓ ରଥ ଟଣାରେ କେବଳ ମହିଳାମାନେ ନିୟୋଜିତ ହୋଇ ନୀତି ସମ୍ପର୍ଣ୍ଣ କରିଥିଲେ।

କମ୍ପାନୀର ଅନୁଗୁଳ ମୁଖ୍ୟ ପଙ୍କଜ ମଲହାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ୍, ସେମାନଙ୍କ ପରିବାର ସଦସ୍ୟ ଏବଂ ଅନ୍ୟ କର୍ମଚାରୀମାନେ ଭକ୍ତି ଭାବରେ ରଥଯାତ୍ରା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସେମାନେ ସାଧାରଣ ଜନତାଙ୍କ ସହ ମିଶି ରଥକୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣି ନେଇଥିଲେ। ରଥଯାତ୍ରାର ପ୍ରତ୍ୟକ୍ଷଦର୍ଶୀ ଧାରାବିବରଣୀ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ୟୁଟ୍ୟୁବ୍ ମାଧ୍ୟମରେ କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଥିଲା।

ଜିନ୍ଦଲନଗରର ଏହି ଭବ୍ୟ ରଥଯାତ୍ରା ସମାରୋହ ଆସନ୍ତା ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ଦିନ ଶ୍ରୀଜୀଉମାନେ ଦେବଭୂମିର ରତ୍ନ ସିଂହାସନକୁ ଫେରିବେ। ରଥଯାତ୍ରା ଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ପ୍ରତିଦିନ ଜିନ୍ଦଲ ନଗରରେ କର୍ମଚାରୀ ଏବଂ ଅନ୍ୟ ଶ୍ରଦ୍ଧାଳୁମାନଙ୍କୁ ଅନ୍ନ ପ୍ରସାଦ ବିତରଣ କରାଯିବ।

# ଏସପିଙ୍କ ଦ୍ୱାରସ୍ଥ ହେଲେ ମୋରଡା ବ୍ଲକର ଗଣମାଧ୍ୟମ ପ୍ରତିନିଧି

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୋରଡ଼ା ବ୍ଲକରେ କାର୍ଯ୍ୟରତ ଥିବା ସମସ୍ତ ଗଣମାଧ୍ୟମର ସାମ୍ବାଦିକଙ୍କୁ ମୋରଡ଼ା ଥାନା ଅଧିକାରୀ ସୁମିତ ସରେନ କାର୍ଯ୍ୟ କ୍ଷେତ୍ରରେ ଅସହଯୋଗ କରୁଥିବାରୁ ଗୁରୁବାର ଅତିରିକ୍ତ ଏସପି ଦୀପକ ଗୋଛାୟତ ଏବଂ ମୟୁରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲି ଙ୍କ ନିକଟରେ ମୋରଡ଼ା ବ୍ଲକ ସାମ୍ବାଦିକ ସଂଘ ଚିତ୍ରଡା ଏବଂ ମୋରଡ଼ା ପ୍ରେସ କ୍ଲବର ସମସ୍ତ ସଦସ୍ୟ ସାକ୍ଷାତ ଆଲୋଚନା କରିଥିଲେ. ତେବେ ସମୁହ ଭାବେ ଆଲୋଚନା ସମୟରେ ଅସନ୍ତୋଷ ପ୍ରକାଶ କରି ଏଥିରେ ସୁଧାର ଆଣିବାପାଇଁ ମୋରଡା ଥାନା ଅଧିକାରୀଙ୍କୁ ପରାମର୍ଶ ଦେବେ ବୋଲି ମୟୁରଭଞ୍ଜ ଏସପି କହିଛନ୍ତି. ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ କାର୍ଯ୍ୟକ୍ରମରେ ସାମିଲ ରଖି ଆଗକୁ ବଢିଲେ ସହଜରେ କାର୍ଯ୍ୟକ୍ରମର ଲକ୍ଷ ଓ ଉଦେସ୍ୟ ପ୍ରଚାର ପ୍ରସାର ହୋଇପାରିବ ବୋଲି କହିବା ସହ କାହିଁକି ଓ କେଉଁ କାରଣରୁ ଗଣମାଧ୍ୟମକୁ ଅସହଯୋଗ କରିଆସୁଥିଲେ ସେ ନେଇ ଆଲୋଚନା କରିବା ସହିତ ଉପରିସ୍ଥ ଅଧିକାରୀଙ୍କୁ ପଠାଇ ଆପୋଷ ଆଲୋଚନା ମାଧ୍ୟମରେ ଏହାର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ଆରକ୍ଷୀ ଅଧିକ୍ଷକ. ଏହି ଆଲୋଚନା ଓ ଏକ ଦାବୀ ପତ୍ର ପ୍ରଦାନ ସମୟ ରେ ଦୁଇ ସଙ୍ଗର ସଭାପତି ରଣଜିତ କୁମାର ସାହୁ, ଘାସିରାମ ବେହେରା, ଙ୍କ ସହିତ ବିଶ୍ୱବନ୍ଧନ ବେହେରା, ସ୍ମାରକ ମାଝୀ, ତୁଷାର କାନ୍ତ ବେହେରା, ଅବିନାଶ ମହାନ୍ତି, ଦୀପକ ବେହେରା, ରବୀନ୍ଦ୍ର ମହାନ୍ତ, ଚିତ୍ତରଞ୍ଜନ ବେହେରା, ବିଭୁ ବେହେରା ପ୍ରମୁଖଙ୍କ ସହିତ ସହିତ ବାରିପଦା ର ବହୁ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ।

## ଆଠଗଡ଼ କମ୍ୟୁନିଟି ହଲ୍ ଉଚ୍ଛେଦ ଘଟଣା

# ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

**କଟକ, ନ୍ୟୁଜ୍‌ବ୍ୟୁରୋ**

ବୁଲ୍‌ଡୋଜର୍ ଜଷ୍ଟିସ୍ ପ୍ରସଙ୍ଗରେ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶକୁ ଉଲଂଘନ କରି କମ୍ୟୁନିଟି ହଲ୍ ଭାଙ୍ଗିବା ଘଟଣାରେ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତତ୍କାଳିନ ତହସିଲଦାରଙ୍କ ଠାରୁ ୨ ଲକ୍ଷ ଟଙ୍କା ଆଦାୟ କରାଯିବ। ତହସିଲଦାରଙ୍କ ଦରମାରୁ ୨ ଲକ୍ଷ ଟଙ୍କା ଆଦାୟ କରାଯିବ ଏବଂ ବାକି ୮ ଲକ୍ଷ ଟଙ୍କା ରାଜ୍ୟ ସରକାର ୮ ମାସ ମଧ୍ୟରେ ପ୍ରଦାନ କରିବେ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। କେବଳ ସେତିକି ନୁହେଁ ଏହିପରି ଘଟଣା ଯେପରି ପୁନର୍ବାର ନଘଟେ ସେନେଇ ସମସ୍ତ ରାଜସ୍ୱ ଅଧିକାରୀଙ୍କୁ ସଚେତନ କରିବାକୁ ରାଜ୍ୟ ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ତତ୍କାଳୀନ ଆଠଗଡ଼ ତହସିଲଦାରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏସଂପର୍କିତ ମାମଲାର ଶୁଣାଣି କରି କୋର୍ଟ କହିଛନ୍ତି ଯେ, ବୁଲ୍‌ଡୋଜର ଜଷ୍ଟିସ ଏବେ ସମସ୍ୟା ସୃଷ୍ଟି କରିଛି। କାର୍ଯ୍ୟପାଳିକା ଆଇନର ଅନୁସରଣ ନକରି, ବୁଲଡୋଜର ବ୍ୟବହାର କରି ସାମ୍ବିଧାନିକ ନିୟମର ଉଲଂଘନ କରୁଛି। ପ୍ରଶାସନ ଯଦି ଏହାର ବିପରୀତ କାର୍ଯ୍ୟକରେ ତାହେଲ ଏହା ବଡ଼ ସମସ୍ୟା ସୃଷ୍ଟି କରିବ। ଉଚ୍ଛେଦ ସଂପର୍କରେ ସୁପ୍ରିମକୋର୍ଟଙ୍କ ମାର୍ଗଦର୍ଶିକା ରହିଛି। ତେବେ ଏହି ମାଗଦର୍ଶିକା ଜାରି କରିବା ପାଇଁ ମୁଖ୍ୟ ଶାସନସଚିବଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। କୁମାରପୁର ଶାସନ ଯୁବଗୋଷ୍ଠୀ କେନ୍ଦ୍ର ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ବିଚାର କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ଜଣାଯାଇଛି ଯେ, ଆଠଗଡ଼ ତହସିଲ୍‌ର ବାଳିପୁର ମୌଜାରେ ଆବେଦନକାରୀମାନେ ପାଞ୍ଚ ଡିସିମିଲ୍ ଜମିରେ ଏକ କମ୍ୟୁନିଟି ହଲ୍ ତିଆରି କରିଥିଲେ। ଉକ୍ତ ଜମିଟି ରକ୍ଷିତ ଅନାବାଦି ଥିଲା। ୧୯୮୫ ମସିହାରେ ଏହି ଘରର କିଛି ଅଂଶ ନିର୍ମାଣ କରାଯାଇଥିଲା। ୧୯୯୯ ବାତ୍ୟା ପରେ ଏହାର ମରାମତି କରାଯାଇଥିଲା। ୨୦୧୬-୧୮ ମସିହାରେ "ଆମ ଗାଁ-ଆମ ବିକାଶ' ଏବଂ ଏମ୍‌ଏଲ୍‌ଏ ଅନୁଦାନ ପାଣ୍ଠିରେ ଉକ୍ତ ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲା। ଏହି କମ୍ୟୁନିଟି ହଲ୍ ବିଭିନ୍ନ ସମୂହ କାର୍ଯ୍ୟରେ ବ୍ୟବହାର ହେଉଥିଲା। ଘର ନିର୍ମାଣ ବେଳେ ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ବିରୋଧ କରାଯାଇନଥିଲା। କିନ୍ତୁ ଅଚାନକ ୨୦୨୪ ଜୁଲାଇରେ ଏହି ଘରକୁ ନେଇ ଜବରଦଖଲ କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୪ ଅଗଷ୍ଟ ୧୬ ତାରିଖରେ ହାଇକୋର୍ଟ ଆବେଦନକାରୀଙ୍କୁ ବିଭାଗୀୟ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ସହ ମାମଲର ଅନ୍ତ ଘଟାଇଥିଲେ। ମାତ୍ର ସ୍ମାରକପତ୍ରକୁ ପ୍ରଶାସନ ପକ୍ଷରୁ ଖାରଜ କରି ଦିଆଯାଇଥିଲା। ଏହି ଅଦେଶ ବିରୋଧରେ ଆବେଦନକରୀମାନେ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହଇକୋର୍ଟ କୌଣସି କଠୋର କାର୍ଯ୍ୟନୁଷ୍ଠାନ ଗ୍ରହଣ ନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଏହି ଆଦେଶ ସତ୍ତ୍ୱେ ପ୍ରଶାସନ ୨୦୨୪, ଡିସେମ୍ବର ୫ରେ ପୁନର୍ବାର ଉଚ୍ଛେଦ ନୋଟିସ୍ କରିଥିଲା। ତେବେ ପୁନର୍ବାର ଆବେଦନକାରୀମାନେ ହାଇକୋର୍ଟକୁ ଆସିଥିଲେ। ହାଇକୋର୍ଟ ୨୦୨୪ ଡିସେମ୍ବର ୧୩ରେ ପୂର୍ବ ଅଦେଶ କାଏମ୍ ରଖିଥିଲେ। କୋର୍ଟଙ୍କ କଟକଣା ସତ୍ତ୍ୱେ ସେହି ଦିନ ଆଠଗଡ଼ ଉପଜିଲ୍ଲାପାଳ ପୁନର୍ବର ଉକ୍ତ ଗୃହ ଭାଙ୍ଗିବା ପାଇଁ ନୋଟିସ୍ ଜାରି କଲେ। ୧୪ ତାରିଖ ଦିନ ଘର ଭଙ୍ଗାଯିବ ବେଲି ସ୍ଥିର କରାଯାଇଥିଲା। ସ୍ଥାନୀୟ ତହସିଲଦାର ଉଚ୍ଛେଦ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିଥିଲେ। ୧୪ ତାରିଖ ସକାଳ ୧୦ଟା ବେଳେ ଆବେଦନକାରୀଙ୍କୁ ପକ୍ଷ ରଖିବାକୁ କୌଣସି ସୁଯୋଗ ନଦେଇ ଉକ୍ତ ଘରକୁ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଗଲା। ତହସିଲଦାରଙ୍କ ଏଭଳି କାର୍ଯ୍ୟକୁ ନେଇ ହଇକୋର୍ଟ କଡା ଭର୍ତ୍ସନା କରିଛନ୍ତି। ଅଦାଲତଙ୍କ କଟକଣା ସତ୍ତ୍ୱେ ପ୍ରଶାସନର ଏଭଳି କାର୍ଯ୍ୟ 'ବୁଲଡୋଜର ଜଷ୍ଟିସ୍' ବୋଲି ହାଇକୋର୍ଟ ମତ ଦେଇଛନ୍ତି।

# ସାମ୍ବାଦିକଙ୍କ ପ୍ରତି ଦୁର୍ବ୍ୟବହାରକୁ ଭକ୍ତଙ୍କ ନିନ୍ଦା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରଥଯାତ୍ରାରେ ରାଜ୍ୟ ସରକାର ସ୍ୱୀକୃତିପ୍ରାପ୍ତ ଓ କାର୍ଯ୍ୟରତ ସାମ୍ବାଦିକଙ୍କୁ ରଥଯାତ୍ରା ଖବର ସଂଗ୍ରହ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିବା ବେଳେ ପୁଲିସ ଆକ୍ରମଣରେ ୭ରୁ ଉର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି ଓ ଜଣେ ମହିଳା ସାମ୍ବାଦିକାଙ୍କ ହାତରେ ୨୦ ଷ୍ଟିଚ୍ ପଡିଛି। ଏପରି ଘଟଣାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ନିନ୍ଦା କରିଛନ୍ତି।

ଏ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହସ୍ତକ୍ଷେପ କରିବା ସହିତ ସିସି କ୍ୟାମେରା ଯାଞ୍ଚ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। କେଉଁ ଭିଆଇପିଙ୍କ ପାଇଁ ସରକାର ମହାପ୍ରଭୁଙ୍କର ରଥକୁ ଆଗକୁ ନ ନେଇ ଅପେକ୍ଷା କରାଇଛନ୍ତି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି ।

# ବହୁ ଚର୍ଚ୍ଚିତ ଦୀପୁ ଓ ଓମ୍ ହତ୍ୟା ମାମଲା : ଧଳସାମନ୍ତ ଭ୍ରାତାଙ୍କ ସମେତ ୮ ଦୋଷମୁକ୍ତ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକର ବହୁଚର୍ଚ୍ଚିତ ଦୀପୁ ଓ ଓମ ହତ୍ୟା ମାମଲାର ଦୀର୍ଘ ୧୨ ବର୍ଷ ପରେ ଅଦାଲତଙ୍କ ରାୟ ଆସିଛି। ଗତ ଜୁନ ୧୮ ତାରିଖରେ ଏହି ଚର୍ଚ୍ଚିତ ହତ୍ୟାକାଣ୍ଡ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ ଜିଲ୍ଲା ଓ ଦୌରାଜଜ୍। ଶୁକ୍ରବାର ମାମଲାର ରାୟ ପ୍ରକାଶ କରି ଧଳସାମନ୍ତ ଭ୍ରାତା ଓ ଅନ୍ୟ ୬ଜଣଙ୍କୁ ସାକ୍ଷୀ ପ୍ରମାଣ ଅଭାବରୁ ଜିଲ୍ଲା ଦୌରାଅଦାଲତ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରେ ମୁଖ୍ୟ ଅଭିଯୁକ୍ତ ରହିଥିବା କୁଖ୍ୟାତ ଗ୍ୟାଙ୍ଗଷ୍ଟର ଭ୍ରାତା ସୁଶୀଲ ଧଳସାମନ୍ତ ଓ ସୁଶାନ୍ତ ଧଳସାମନ୍ତଙ୍କୁ ହତ୍ୟା ମାମଲା (ଆଇପିସି ଦଫା ୩୦୨ରୁ ଦୋଷମୁକ୍ତ କରାଯାଇଥିଲେ ହେଁ ଘରେ ଅସ୍ତ୍ରଶସ୍ତ୍ର ରଖିଥିବା ମାମଲା (ଆଇପିସି ୨୫-ଏ)ରେ ୭ବର୍ଷ ଜେଲ ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ। ଧଳସାମନ୍ତ ଭ୍ରାତା ଜେଲ୍‌ରେ ଦୀର୍ଘ ୯ବର୍ଷରୁ ଅଧିକ ସମୟ ହେଲାଣି ରହିଥିବା ବେଳେ ସେମାନଙ୍କ ବିରୋଧରେ ଆଉ ଦୁଇ ତିନୋଟି ମାମଲା ବିଚାରାଧୀନ ରହିଛି। ଏଣୁ ଏବେ ସେମାନେ ଜେଲ୍‌ରୁ ମୁକୁଳିପାରିବେ ନାହିଁ ବୋଲି ଜଣାପଡ଼ିଛି। ଧଳସାମନ୍ତ ଭ୍ରାତାଙ୍କ ସମେତ ଆରିଫ ଖାଁ, ଦେବାଶିଷ ସାହୁ, ଦେବାଶିଷ କର, ଭରତ ବେହେରା, ଶୁଭେନ୍ଦୁ ଦାସ ଓ ଦେବଦତ୍ତ ଦାସ ମୋଟ ୮ଜଣ ଏହି ହତ୍ୟାକାଣ୍ଡ ମାମଲାରୁ ଦୋଷମୁକ୍ତ ହୋଇଛନ୍ତି। ପୂର୍ବରୁ ଏହି ମାମଲା ବିଚାରାଧୀନ ଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତ ଥିବା ଭଜନା ଓ ଭୋଲା ଭଗତର ମୃତ୍ୟୁ ହୋଇଯାଇଥିଲା। ସୂଚନାଯୋଗ୍ୟ ଗ୍ୟାଙ୍ଗଷ୍ଟର ସୁଶାନ୍ତ ଓ ସୁଶୀଲ ଧଳସାମନ୍ତଙ୍କ ଏକଦା ପ୍ରମୁଖ ସହଯୋଗୀ ଥିବା ଚାଉଳିଆଗଞ୍ଜ ଥଟ୍ଟାରି ସାହିର ଦୀପୁ ଓରଫ ମନୋଜ ମଲ୍ଲିକ ଓ ଓମ୍ ଓରଫ ଓମ୍‌ପ୍ରକାଶ ସ୍ୱାଇଁଙ୍କୁ ୨୦୧୩ ମସିହାରେ ଅପହରଣ କରି ଆଠଗଡ଼ ଖୁଣ୍ଟକଟା ଫାର୍ମ ହାଉସକୁ ନିଆଯାଇଥିଲା। ସେଠାରେ ସେମାନଙ୍କୁ ପିଟିପିଟି ହତ୍ୟା କରାଯିବା ପରେ ଝାଡ଼ଖଣ୍ଡରେ ପୋଡ଼ି ଦିଆଯାଇଥିବା ପୁଲିସ ତଦନ୍ତରୁ ଜଣାପଡ଼ିଥିଲା। ଦୀପୁ ଓ ଓମ୍‌ଙ୍କ ନିଖୋଜ ନେଇ ୨୦୧୬ ମସିହାରେ ଦୀପୁର ବାପା ଅଦ୍ୱୈତ ମଲ୍ଲିକ ଓ ଓମର ପତ୍ନୀ ମାନି ସ୍ୱାଇଁଙ୍କ ଏତଲା ଆଧାରରେ ଚାଉଳିଆଗଞ୍ଜ ପୁଲିସ ମାମଲା ରୁଜୁ କରିଥିଲା।





ପୁରୀ :ଶ୍ରୀଜୀଉମାନଙ୍କ ରଥ ସମ୍ମୁଖରେ କଳାକାରମାନଙ୍କ ମାହାରୀ ନୃତ୍ୟ ପରିବେଷଣ। (ଫଟୋ : ସମ୍ବାଦ କଳିକା)

## ନୀଳ ଜହର ଚାଷ ଉପରେ ନଜର ରଖିଛନ୍ତି ସରକାର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜେଇ ମୁକ୍ତ ହେବ ଓଡ଼ିଶା। ନୀଳ ଜହର ବ୍ୟବସାୟୀଙ୍କ ଉପରେ ହେବ ଆକ୍ସନ। ଏ ବର୍ଷ ସର୍ବାଧିକ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଆଗାମୀ ଦିନରେ ଏହାକୁ ଆହୁରି ବ୍ୟାପକ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କରିଛନ୍ତି। ଆଇନ ମନ୍ତ୍ରୀ ଆହୁରି ମଧ କହିଛନ୍ତି, ରାଜ୍ୟରେ ବିଭିନ୍ନ ଜନଜାତିର ଲୋକଙ୍କୁ ପ୍ରଲୋଭିତ କରାଇ ଅନେକ ସ୍ଥାନରେ ଚୋରା ବ୍ୟବସାୟୀମାନେ ବେଆଇନ ଭାବେ ଗଞ୍ଜେଇ ଚାଷ କରୁଛନ୍ତି। ଚଳିତ ବର୍ଷ ବିଭିନ୍ନ ସ୍ଥାନରୁ ସର୍ବାଧିକ ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି। ଆଗାମୀ ଦିନରେ ଗଞ୍ଜେଇ ଚାଷ ନଷ୍ଟ ଅଭିଯାନକୁ ଆହୁରି ବ୍ୟାପକ କରାଯିବ। ଜନଜାତି ଗରିବ ଲୋକଙ୍କୁ ମିଛ କହି ଯେଉଁମାନେ ଗଞ୍ଜେଇ ଚାଷ କରୁଛନ୍ତି ସରକାର ସେମାନଙ୍କ ଉପରେ ନଜର ରଖିଛନ୍ତି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

# ନାବାଳିକା ଦୁଷ୍କର୍ମ ମାମଲା : ଦକ୍ଷିଣାଞ୍ଚଳ ଆଇଜିଙ୍କୁ ଭେଟି ସିବିଆଇ ତଦନ୍ତ ଦାବି କଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜଣେ ନକଲି ଡାକ୍ତର ଏକ ନାବାଳିକାକୁ ଚାକିରିର ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିବା ମାମଲାରେ ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଦକ୍ଷିଣାଞ୍ଚଳ ଆଇଜିଙ୍କୁ ଭେଟି ଏହି ଘଟଣାରେ ସିବିଆଇ ତଦନ୍ତ ଦାବି କରିଛି।

ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ତଥା ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଓ ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଦକ୍ଷିଣାଞ୍ଚଳ ଆଇଜିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଏହି ସ୍ମାରକ ପତ୍ରରେ କୁହାଯାଇଛି ଯେ, ନକଲି ଡାକ୍ତର ଜଣକ ଗଞ୍ଜାମ ଜିଲ୍ଲାର ଭିନ୍ନ ଭିନ୍ନ ଜାଗାରେ କ୍ଲିନିକ ଚଳାଇ ଆସୁଛନ୍ତି । ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ନାବାଳିକାଙ୍କୁ ନର୍ସିଂ ଚାକିରି ଦେବା ପ୍ରଲୋଭନ ଦେଖାଇ ତାଙ୍କ କ୍ଲିନିକରେ ରଖି ନିଶା ଔଷଧ ଦେଇ ଦୁଷ୍କର୍ମ କରିଥିଲେ। ନାବାଳିକାଙ୍କ ପରିବାର ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ନକଲି ଡାକ୍ତରଙ୍କୁ ଗିରଫ କରାଯାଇଛି।

ବିଜେଡି ପ୍ରତିନିଧି ମଣ୍ଡଳୀରେପୂର୍ବତନ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ମେୟର ସଙ୍ଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ବିଧାୟକ ସୁବାସ ବେହେରା, ଜିଲ୍ଲାପରିଷଦ ଅଧକ୍ଷା ଅଳିସ୍ୱାଇଁ, ଉପାଧକ୍ଷା ରାଜେଶ୍ୱରୀ ଦୋରା, ସୁବାସ ଚନ୍ଦ୍ର ମହାରଣା, ରିତାସାହୁ, ଧାରାକୋଟବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ସିତ ପାଣିଗ୍ରାହୀ, ଦୁର୍ଗା ପ୍ରସାଦ ପଣ୍ଡା, ଜଗନ୍ନାଥ ସାବତ, ଅଜୟ ମହାରଣା, ସୁଲୋଚନା ଦେବୀ, ସୁଜାତା ପାତ୍ର, ମନୋଜ କୁମାର ମହାପାତ୍ର, ମୁକୁନ୍ଦ ଗୌଡ଼, ଟି. ତ୍ରିପତି ପାତ୍ର, ଭୀସ୍ମାଚାର୍ଯ୍ୟ ଚୌଧୁରୀ, ପ୍ରମୋଦ ମହାରଣା ଏବଂ ସମସ୍ତ କର୍ପୋରେଟର ସାମିଲ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶ୍ରୀକ୍ଷେତ୍ରରେ...

ରଥ ଟଣାରେ ବିଳମ୍ବ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ନିର୍ଦ୍ଧାରିତ ସମୟରେ ସବୁ ନୀତିକାନ୍ତି ଶେଷ ହୋଇଥିଲା। ଅପରାହ୍ନ ୪ଟା ସୁଦ୍ଧା ରଥଟଣା ଆରମ୍ଭ ହୋଇଥିଲା। କିନ୍ତୁ ବଳଭଦ୍ରଙ୍କ ରଥ ମୋଡ଼ ନେବାରୁ ସମୟ ଲାଗିଥିଲା। ସେହିପରି ଅନୁକୂଳ ପାଗ ଯୋଗୁଁ ରଥଯାତ୍ରାରେ ଦେଢ଼ ଗୁଣା ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଆଶା ଅନୁସାରେ ଏଥର ଅଧିକ ଲୋକ ହୋଇଥିଲେ । ବିଧି ରକ୍ଷା କରି ନନ୍ଦିଘୋଷ ରଥ ଟଣା ଯାଇଥିଲା ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଗଣମାଧ୍ୟମକୁ କହିଛନ୍ତି ଶନିବାର ପୁଣି ଥରେ ମହାପ୍ରଭୁଙ୍କ ରଥ ଗଡ଼ିବ। ସେ କହିଛନ୍ତି ସବୁ କିଛି ମହାପ୍ରଭୁଙ୍କ ଇଚ୍ଛାରେ ଚାଲିଛି ।

### ହସ୍ପିଟାଲ ବେଡରୁ ...

ଶୁଭେଚ୍ଛା ଜଣାଇଥିଲେ।

ସୂଚନାଯୋଗ୍ୟ, ନବୀନ ପଟ୍ଟନାୟକ ଗତ ୨୦ ତାରିଖ ଦିନ ମୁମ୍ବାଇ ଗସ୍ତ କରିଥିଲେ। ସେଠାରେ କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ତାଙ୍କର ସର୍ଭିକାଲ ଆର୍ଥ୍ରାଇଟିସର ଅସ୍ତ୍ରୋପଚାର କରାଯାଇଥିଲା। ଜୁନ ୨୨ରେ ତାଙ୍କର ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଥିଲା ଏବଂ ସେ ବର୍ତ୍ତମାନ ଆଇସିୟୁରୁ ଏକ ବ୍ୟକ୍ତିଗତ କକ୍ଷକୁ ସ୍ଥାନାନ୍ତରିତ ହୋଇଛନ୍ତି । ସେ ଏବେ ଟିଭିରେ ଜଗନ୍ନାଥଙ୍କ ରଥଯାତ୍ରା ଦେଖିଥିବାରୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବାର ସଂକେତ ମିଳୁଛି।

### ମୁଖ୍ୟମନ୍ତ୍ରୀଙ୍କ ହାତରୁ ...

କରାଯାଉଛି । ୨୦୧୫ ମସିହାରେ ଅପରିଷ୍କାର ପରିବେଶରେ ତିଆରି କରାଯାଉଥିବାର ଅଭିଯୋଗକୁ ବିଚାର କରି ଓଡ଼ିଶା ଉଚ୍ଚନ୍ୟାୟାଳୟର ରାୟ ପରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ତରଫରୁ ଟଙ୍କ ତୋରାଣି ବିକ୍ରି ବନ୍ଦ କରାଯାଇଥିଲା। ୧୫୧୨ ମସିହାରେ କବୀରଙ୍କ ପୁରୀ ଆଗମନ ସମୟରେ ଭକ୍ତମାନଙ୍କୁ ଟଙ୍କ ତୋରାଣି ବଣ୍ଟାଯିବା କବୀର ଚଉରା ମଠରେ ଲିପିବଦ୍ଧ ହୋଇଛି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଦିନ ସାରା ପୁରୀରେ ରହିଥିଲେ। ରଥଯାତ୍ରା ଅବସରରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ରଥଯାତ୍ରା ଅବସରରେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ କହିଛନ୍ତି, ପବିତ୍ର ରଥଯାତ୍ରା ଅବସରରେ ଓଡ଼ିଶାର ଭାଇ ଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଉଛି । ମହାପ୍ରଭୁ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣନ୍ତୁ । ଏହା ହିଁ ମୋର କାମନା ବୋଲି କହିଛନ୍ତି।

### ୬ ନକ୍ସଲଙ୍କ...

ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କ ମଧ୍ୟରେ ମାଡ଼ ଡିଭିଜନ ଏବଂ ଆମଦେଇ ଏରିଆ କମିଟିରେ ସକ୍ରିୟ ଥିବା ଚାରିଜଣ ମହିଳା ଏବଂ ଦୁଇଜଣ ପୁରୁଷଙ୍କ ସମେତ ମୋଟ ଛଅଜଣ ନକ୍ସଲ ଅନ୍ତର୍ଭୁକ୍ତ। ଆତ୍ମସମର୍ପଣ ପରେ ସମସ୍ତ ନକ୍ସଲବାଦୀଙ୍କୁ ପ୍ରୋତ୍ସାହନ ସ୍ୱରୂପ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ନକ୍ସଲ ନିରାକରଣ ନୀତି ଅନୁଯାୟୀ ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ।

### ପ୍ରବଳ ବର୍ଷା...

ଦୋହରାଇଛି।

ଲାଇନ ବିଭାଗ ସହ ସମନ୍ୱୟ, ଜରୁରିକାଳୀନ ମାନବ ସମ୍ବଳର ଉପଲବ୍ଧତା ଏବଂ ଅତ୍ୟାବଶ୍ୟକ ଉପକରଣର ପ୍ରସ୍ତୁତି କାର୍ଯ୍ୟ ଉପରେ ବିଭାଗ ନିରନ୍ତର ନଜର ରଖିଛି ଏବଂ ନାଗରିକମାନଙ୍କୁ ସତର୍କ ରହିବାକୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ପରାମର୍ଶ ଅନୁସରଣ କରିବାକୁ ଅନୁରୋଧ କରାଯାଇଛି।

### ପୁଣି ଯୁଦ୍ଧ ପ୍ରସ୍ତୁତ...

ଅନୁସାରେ, ଏଥର ଆତଙ୍କବାଦୀ ଶିବିରଗୁଡ଼ିକୁ ଉଚ୍ଚମାନର ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ କରାଯାଉଛି, ଯାହା ଦ୍ୱାରା ଭାରତର ପର୍ଯ୍ୟବେକ୍ଷଣ ସଂସ୍ଥାଗୁଡ଼ିକ ସେମାନଙ୍କ ପାଖରେ ପହଞ୍ଚିବା କଷ୍ଟକର ହୋଇପଡିବ। ଏହି ଶିବିରଗୁଡ଼ିକର ସୁରକ୍ଷା ଦାୟିତ୍ୱ ପାକିସ୍ତାନୀ ସେନାର ସ୍ୱତନ୍ତ୍ର ସୁରକ୍ଷା ଗାର୍ଡମାନଙ୍କୁ ଦିଆଯାଇଛି, ଯେଉଁମାନେ ଡ୍ରୋନ, ଥର୍ମାଲ ସେନ୍ସର, ନାଇଟ ଭିଜନ କ୍ୟାମେରା ଭଳି ଆଧୁନିକ ବୈଷୟିକ ଉପକରଣ ସାହାଯ୍ୟରେ ଏହି ଅଞ୍ଚଳଗୁଡ଼ିକ ଉପରେ ନଜର ରଖିବେ।

# ଏସ୍‌ବିଆଇ ପକ୍ଷରୁ ୫୩ ୟୁନିଟ୍ ରକ୍ତ ସଂଗ୍ରହ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ଷ୍ଟେଟବ୍ୟାଙ୍କ କେନ୍ଦ୍ରାପଡା ମୁଖ୍ୟ ଶାଖାର ଜନ୍ମଦିନ ଅବସରରେ ଶାଖା ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ପ୍ରମୋଦ କୁମାର ପ୍ରହରାଜ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବାବେଳେ ଶାଖାର ମୁଖ୍ୟ ପରିଚାଳକ ବିଶ୍ୱଜିତ୍ ରାଉତରାୟ, ଡିବିଏମ୍ ସୁପ୍ରିୟା ମଲ୍ଲିକ, ଆର୍‌ଏମ୍ ବିଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆୟୋଜିତ ଏହି ରକ୍ତଦାନ ଶିବିରରେ ଭାରତୀୟ ଷ୍ଟେଟବ୍ୟାଙ୍କର ଅଧିକାରୀ ଓ କର୍ମଚାରୀମାନେ ୫୩ ୟୁନିଟ୍‌ରୁ ଅଧିକ ରକ୍ତଦାନ କରିଥିଲେ। ଶାଖାର ଜଗନ୍ନାଥ ପଣ୍ଡା, ରାମେଶ୍ୱର ନାୟକଙ୍କ ସମେତ ସମସ୍ତ କର୍ମଚାରୀ ଓ ଅଧିକାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-CRW-MCS-EL-2-2025

କାର୍ଯ୍ୟର ନାମ : 24 ମାସ ସମୟାବଧି ପାଇଁ ମଞ୍ଚେଶ୍ୱରର ରେଳଡବା ମରାମତି କାରଖାନାରେ RMPU ପ୍ରକାରର AC କୋଚ୍‌ଗୁଡ଼ିକରେ କଣ୍ଟ୍ରୋଲ ପ୍ୟାନେଲ୍ ସହିତ RMPUs (ରୁଫ୍ ମାଉଣ୍ଟେଡ୍ AC ପ୍ୟାକେଜ୍ ୟୁନିଟ୍) ପାଇଁ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।

ବିଜ୍ଞାପିତ ମୂଲ୍ୟ (₹) : 14,60,25,359.52, EMD (₹): 8,80,100.00, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.30.06.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.07.2025 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ,
PR-288/Q/25-26 ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-DEEP-CLEAN-25-26-10

କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱରରେ ରେଳ BG କୋଚଗୁଡ଼ିକର ଭଲ ଭାବରେ ସଫା କରିବା ।

ବିଜ୍ଞାପିତ ମୂଲ୍ୟ (₹): 44,00,280.84, EMD (₹): 88,000.00, ଶେଷ ହେବା ଅବଧି : 12 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.04.07.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.18.07.2025 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର (POH-II),
PR-287/Q/25-26 ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

ଭୁବନେଶ୍ୱର
୨୮ ଜୁନ୍,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27



ପୁରୀ : ରଥ ଉପରକୁ ବିଜେ କରୁଛନ୍ତି ପ୍ରଭୁ ଶ୍ରୀ ମଦନ ମୋହନ ଓ ରାମକୃଷ୍ଣ।



ଗଜପତି ମହାରାଜା ଦିବ୍ୟସିଂହ ଦେବ ରଥ ଛେରା ପହଁରା କରୁଛନ୍ତି।



ରଥ ଉପରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ଅବସରରେ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ।



ଶ୍ରୀଜୀଉଙ୍କ ପବିତ୍ର ଘୋଷଯାତ୍ରା ଅବସରରେ ବଡ଼ଦାଣ୍ଡରେ ଭକ୍ତିମୟ ପରିବେଶ।



ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ନେଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।



ରଥଯାତ୍ରାର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ।

# ଶ୍ରୀବାଣୀକ୍ଷେତ୍ରରେ ଘୋଷଯାତ୍ରା





**ଭୁବନେଶ୍ୱର, ୨୭।୦୬**
**ନ୍ୟୁଜ୍ ବ୍ୟୁରୋ**

ପ୍ରତିବର୍ଷ ପରି କିସ୍ ଶ୍ରୀବାଣୀକ୍ଷେତ୍ରରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ମହାସମାରୋହରେ ସଂପନ୍ନ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ମଙ୍ଗଳ ଆରତି, ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା ଓ ରଥ ପ୍ରତିଷ୍ଠା ଆଦି ନୀତିକାନ୍ତି ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁସାରେ ସଂପନ୍ନ ହେବା ପରେ କିଟ୍ ମନ୍ଦିର ଟ୍ରଷ୍ଟ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୩ଟାରେ ଛେରା ପହଁରା ନୀତି ସଂପନ୍ନ ହୋଇଥିଲା। ଅପରାହ୍ନ ୪ଟା ସମୟରେ ଭକ୍ତମାନେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥକୁ ନବନିର୍ମିତ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣିଥିଲେ। ଘଣ୍ଟଘଣ୍ଟା, ମୃଦଙ୍ଗ, ଖୋଳ କରତାଳ ନିନାଦ ସହ ଜୟ ଜଗନ୍ନାଥ ଧ୍ୱନିରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା। ଶ୍ରୀବାଣୀକ୍ଷେତ୍ର ରଥ ଯାତ୍ରାର ଏକ ବିଶେଷତ୍ୱ ହେଉଛି ଏଠାରେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି। ପାଗ ଅନୁକୂଳ ଥିବାରୁ ଘୋଷଯାତ୍ରା ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ସମାଗମ ହୋଇଥିଲା। ସୁସଜ୍ଜିତ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ଟାଣିବା ସହ ଭକ୍ତମାନେ ଦୈବୀକୃପା ଲାଭ କରିଥିଲେ। ସୂଚନାଯୋଗ୍ୟ, ପୁରୀ ଜଗନ୍ନାଥ ମନ୍ଦିରର ପରମ୍ପରାକୁ ଆଧାର କରି କିସ୍ ଶ୍ରୀବାଣୀ କ୍ଷେତ୍ରରେ ମହାପ୍ରଭୁଙ୍କ ସମସ୍ତ ନୀତି ଅନୁସାରେ ପୂଜା ହୋଇଥାଏ। ରଥଯାତ୍ରାରେ ମଧ୍ୟ ପୁରୀ ରଥଯାତ୍ରାର ସମସ୍ତ ନିୟମକୁ ଅନୁସରଣ କରାଯାଇ ଏଠାରେ ଆୟୋଜନ କରାଯାଇଥାଏ। ରଥ ନିର୍ମାଣ ପାଇଁ ପୁରୀରୁ ସ୍ୱତନ୍ତ୍ର ବିଶ୍ୱକର୍ମା, ମହାରଣା ଓ ଚିତ୍ରକର ନିଯୁକ୍ତ ହୋଇଥାନ୍ତି। ଶ୍ରୀବାଣୀ କ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣଠାରୁ ଆରମ୍ଭ କରି ଏଠାରେ ସମସ୍ତ ପୂଜାର୍ଚ୍ଚନା ଓ ରଥଯାତ୍ରା ପୁରୀ ଗଜପତି ମହାରାଜ ଶ୍ରୀଦିବ୍ୟସିଂହ ଦେବଙ୍କ ପରାମର୍ଶ ଅନୁସାରେ ସଂପନ୍ନ କରାଯାଇଥାଏ। ଶ୍ରୀକ୍ଷେତ୍ର ଘୋଷଯାତ୍ରାର ଅବିକଳ ଢାଞ୍ଚାରେ ଏଠାରେ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପାଇଁ ଯଥାକ୍ରମେ ୧୬, ୧୪ ଓ ୧୨ ଚକ ବିଶିଷ୍ଟ ତିନୋଟି ରଥ ନିର୍ମାଣ କରାଯାଇଥାଏ। ନବଦିନ ବ୍ୟାପୀ ପ୍ରତି ସନ୍ଧ୍ୟାରେ ମହାପ୍ରଭୁଙ୍କ ନିକଟରେ ଭଜନ ସମାରୋହ ଅନୁଷ୍ଠିତ ହେବା ସହ ମୀନାବଜାରର ବ୍ୟବସ୍ଥା କରାଯାଇଛି। ଏହି ନଅ ଦିନ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିରରେ ଆଖପାଖ ଅଞ୍ଚଳରୁ ଭକ୍ତଙ୍କ ଗହଳି ଲାଗି ରହିଥାଏ।



ଭୁବନେଶ୍ୱର : ଶହୀଦନଗର ସାଂସ୍କୃତିକ ସମିତି ଆନୁକୂଲ୍ୟରେ ଶ୍ରୀ ବିଷ୍ଣୁ ମନ୍ଦିରରୁ ମା'ଖଣ୍ଡୁଆଳୀ ମନ୍ଦିର ଅଭିମୁଖେ ଚାଲିଥିବା ଶ୍ରୀଜୀଉମାନଙ୍କ ରଥ ଯାତ୍ରା। (ଫଟୋ : ସମ୍ବାଦ କଳିକା)

# ୨୯ରୁ ରତ୍ନଭଣ୍ଡାର ମରାମତି

**ପୁରୀ, ୨୭।୦୬:ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୯ ତାରିଖରୁ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାମ ଆରମ୍ଭ କରିବ ଏଏସ୍ଆଇ। ପ୍ରତିଦିନ ସକାଳ ୮ରୁ ରାତି ୧୦ ଯାଏଁ କାମ କରି ବାକି କାର୍ଯ୍ୟକୁ ଆସନ୍ତା ମାସ ୬ ତାରିଖ ସୁଦ୍ଧା ଶେଷ କରାଯିବ। ଏହି ସମୟରେ ବଡ଼ଦେଉଳ, ଗର୍ଭଗୃହ, ନାଟମଣ୍ଡପ, ଜଗମୋହନ, ଭୋଗମଣ୍ଡପର ମଧ୍ୟ ବୈଷୟିକ ଯାଞ୍ଚ ହେବ। ଏଏସ୍ଆଇର ଅଧିକାରୀ, କୋର୍ କମିଟି ସଦସ୍ୟଙ୍କ ସମେତ ବିଭିନ୍ନ ସଂସ୍ଥାର ବୈଷୟିକ ଦଳ ଏହି ଯାଞ୍ଚରେ ସାମିଲ ହେବେ। ମରାମତି ମଧ୍ୟ ଏହି ସମୟରେ ସରିବ। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟରେ ବସିଥିବା ଜରୁରି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକରେ ରତ୍ନଭଣ୍ଡାର ଖୋଲିବା ପାଇଁ ସମ୍ପୃକ୍ତ ସେବକ, ମରାମତି ଦାୟିତ୍ୱରେ ଥିବା ଏଏସ୍ଆଇ ଅଧିକାରୀ, ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ଏଏସ୍ଆଇର ଜଣେ ଅଧିକାରୀ କହିଛନ୍ତି, ରଥଯାତ୍ରା ସମୟରେ ରତ୍ନଭଣ୍ଡାର ମରାମତି ହେବ। ବିଶେଷ ଭାବେ ବାହାର ରତ୍ନଭଣ୍ଡାରରେ ରହିଥିବା ବାକି କାମ ଶେଷ ହେବ। ବାହାର ଭଣ୍ଡାରରେ ଅନେକ ପଥର ପରିବର୍ତ୍ତନ ହେବ। ଷ୍ଟେନ୍‌ଲେସ୍ ଷ୍ଟିଲ ବିମ୍ ଲାଗିବ। ଚଟାଣରେ ପଥର ପଡ଼ିବ। ସରକାରଙ୍କ ପକ୍ଷରୁ ଜାରି ମାର୍ଗଦର୍ଶିକା ପାଳନ ହେବ। ଦୁଇଟି ସିଫ୍ଟରେ କର୍ମଚାରୀ କାମ କରିବେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସ୍ଥପତି ଏବଂ ୱେଲଡରମାନେ କାମ କରିବେ। ସେହିପରି ଗର୍ଭଗୃହ, ଜଗମୋହନ, ନାଟମଣ୍ଡପ ଯାଞ୍ଚ ସହ ଆବଶ୍ୟକ ମରାମତି ପ୍ରତିବର୍ଷ ଭଳି ହେବ। ଏଥିପାଇଁ ୨୮ ତାରିଖରେ ଭାରା ବନ୍ଧା ଯିବ। ୨୯ରେ ବୈଷୟିକ ଟିମ୍ ଓ ଦିଲ୍ଲୀରୁ ଆସିବାକୁ ଥିବା ଏଏସ୍ଆଇର ନିର୍ଦ୍ଦେଶକଙ୍କ ସମେତ ଅନ୍ୟ ସଂସ୍ଥାର ବିଶେଷଜ୍ଞମାନେ ମିଳିତ ଭାବେ ଭାରା ଉପରେ ଚଢ଼ି ଏହି ସ୍ଥାନଗୁଡ଼ିକ ତଦାରଖ କରିବେ। ଆବଶ୍ୟକ ସ୍ଥଳେ ମରାମତି ଓ ସଂରକ୍ଷଣ କାମ ହେବ।

# ରଥଯାତ୍ରାରେ ସାମ୍ବାଦିକଙ୍କୁ ପୋଲିସର ମାଡ଼ ଘଟଣାକୁ ବିଜେଡିର ଦୃଢ଼ ନିନ୍ଦା

**ଭୁବନେଶ୍ୱର, ୨୭।୦୬:ନ୍ୟୁଜ୍ ବ୍ୟୁରୋ**

ପବିତ୍ର ରଥଯାତ୍ରାରେ ରାଜ୍ୟ ସରକାର କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ପୁରୀ ନିମନ୍ତ୍ରଣ କରିଥିବା ବେଳେ ପୋଲିସ ଦ୍ୱାରା ଆକ୍ରମଣ ଘଟଣାକୁ ବିଜେଡି ଦୃଢ଼ ନିନ୍ଦା କରୁଛି।

ଶୁକ୍ରବାର ଏକ ପ୍ରେସ୍ ବିବୃତ୍ତିରେ ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ, କାର୍ଯ୍ୟରତ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ଭୁବନେଶ୍ୱରର ଜୟଦେବ ଭବନ ନିକଟରୁ ଏକ ସ୍ୱତନ୍ତ୍ର ବସ୍‌ରେ ପୁରୀ ନେଇଥିଲେ। ସେଠାରେ ପହଞ୍ଚିଲା ପରେ କର୍ଡନ ପାସ୍ ଓ ପରିଚୟପତ୍ର ଦେଖାଇଲେ ମଧ୍ୟ



ପୋଲିସ ସେମାନଙ୍କୁ ଖବର ସଂଗ୍ରହ କରିବାକୁ ଦେଇନଥିଲା। ଓଲଟି ପୋଲିସର ଦୁର୍ବ୍ୟବହାର ଓ ମାଡ଼ରେ ଅନେକ ବରିଷ୍ଠ ସାମ୍ବାଦିକ ଗୁରୁତର ଆହତ ହୋଇଥିଲେ। ବରିଷ୍ଠ ସାମ୍ବାଦିକ ରମେଶ ମହାନ୍ତି ଗୁରୁତର ଆହତ ହୋଇଥିଲା ବେଳେ ପ୍ରଭୁ କଲ୍ୟାଣ ମହାପାତ୍ର, ହଳଧର ଧୀର, ବିବେକାନନ୍ଦ ଜେନା, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସନତ ମିଶ୍ର, ହରପ୍ରସାଦ ଦାସ, ସୁଜିତ ବିଶୋଇ, ଗଜେନ୍ଦ୍ର ବେହେରା, କିଶୋର ମଙ୍ଗରାଜ ପ୍ରମୁଖ ଅନେକ ସାମ୍ବାଦିକ ପୋଲିସ ଓ ଜନତାଙ୍କ ଠେଲାପେଲା ମଧ୍ୟରେ ଚିପି ହୋଇଯାଇ ଅଣନିଶ୍ୱାସ ହୋଇଯାଇଥିଲେ। ପୋଲିସର ଦୁର୍ବବ୍ୟବହାରରେ ସାମ୍ବାଦିକମାନେ କ୍ଷୁବ୍ଧ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପାଇଁ ନିବେଦନ କରିଥିଲେ ମଧ୍ୟ କାର୍ଯ୍ୟସ୍ଥଳରେ ଥିବା ପୋଲିସବାବୁମାନେ କିଛି ଶୁଣିନଥିଲେ। ଠେଲାପେଲା ମଧ୍ୟରେ ଅନେକ ପଡ଼ିଯାଇଥିଲେ। ମହିଳା ସାମ୍ବାଦିକା ବିଜୟତ୍ରୀ ତ୍ରିପାଠୀଙ୍କ ହାତରେ ବଡ଼ କ୍ଷତ ହୋଇଥିଲା। ସେ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ ପାଇଥିଲେ। ଏମାନଙ୍କ ଛଡ଼ା ବହୁ ସାମ୍ବାଦିକ ମଧ୍ୟ ପୋଲିସ ମାଡ଼ରେ ଆହତ ହୋଇ ନିଜ ଦାୟିତ୍ୱ ସମ୍ପାଦନ କରିପାରି ନାହାନ୍ତି। ଶ୍ରୀ ମହାନ୍ତି ଆହୁରି ମଧ୍ୟ କହିଛନ୍ତି ଯେ, ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ଉପରେ ଏଭଳି ପୋଲିସର ଅମାନବୀୟ ଆଚରଣକୁ ବିଜେଡି ଦୃଢ଼ ନିନ୍ଦା କରୁଛି। ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ପବିତ୍ର ରଥଯାତ୍ରାରେ ବିଭ୍ରାଟ ପାଇଁ ଦାୟୀ ଅଧିକାରୀମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।


## ପ୍ରକାଶ ପାଇବାକୁ ଯାଉଛି...

## 'କଥାକଳିକା'ର ଜୁଲାଇ-୨୦୨୫ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ମନୋଜ କୁମାର ଜେନା।
**ସମକାଳର କଥା :** ଅମରେଶ ବିଶ୍ୱାଳ, ଆଭାସ କୁମାର ବରାଳ, ସୌରୀନ୍ଦ୍ରି ସାହୁ, ରୁମଝୁମ ନାୟକ, ଜାକିର ଖାନ୍।
**ଅନ୍ୟ ଭାଷାର କଥା :** ନଗେନ୍ଦ୍ର ପଟ୍ଟନାୟକ।
**ଯୁବ ମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ, ରାଜେଶ ପୁଜାରୀ, କାଳନ୍ଦୀ ଭଞ୍ଜ, ସସ୍ମିତା ମହାପାତ୍ର, ସନ୍ତୋଷ ମିଶ୍ର, ମୋନିକା ସରକାର, ପ୍ରଭାତୀ ଜେନା, ନମିତା ଦାଶ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# ନୌବାଣିଜ୍ୟରେ ବଢ଼ିବ ଓଡ଼ିଶାର ଅଂଶ, ସ୍ଥାପନ ହେବ ଆଉ ୮ କ୍ଷୁଦ୍ର ବନ୍ଦର

**ଭୁବନେଶ୍ୱର, ୨୭।୦୬**
**ନ୍ୟୁଜ୍ ବ୍ୟୁରୋ**

ଘରୋଇ ବଜାରର ନୌବାଣିଜ୍ୟରେ ଏକ ପ୍ରମୁଖ ଅଂଶୀଦାର ହେବା ଦିଗରେ ଓଡ଼ିଶା ଦ୍ରୁତ ଗତିରେ ଅଗ୍ରସର ହେଉଛି। ଦେଶର ସାମୁଦ୍ରିକ ପଥରେ ହେଉଥିବା ମାଲ୍ ପରିବହନରେ ରାଜ୍ୟର ଅଂଶ ଏବେ ୧୩% ରହିଛି। ଏହାକୁ ୩୩%କୁ ବଢ଼ାଯିବ। ୨୦୪୭ ସୁଦ୍ଧା ବାର୍ଷିକ ୫୦୦ ନିୟୁତ ଟନ୍ କାର୍ଗୋ ପରିଚାଳନା ଲାଗି ପ୍ରମୁଖ ବନ୍ଦରର ସମ୍ପ୍ରସାରଣ ଏବଂ ୮ଟି ନୂତନ ଅଣ ପ୍ରମୁଖ ବନ୍ଦର ସ୍ଥାପନ ହେବ। ସେହିଭଳି ଜେଟି ସହ ଆନୁଷଙ୍ଗିକ ଭିତ୍ତିଭୂମି ଦୃଢ଼ୀକରଣ ମଧ୍ୟ କରାଯିବ ବୋଲି ଭିଜନ ଡକ୍ୟୁମେଣ୍ଟ ୨୦୩୬ ଏବଂ ୨୦୪୭ରେ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏବେ ରାଜ୍ୟର ବନ୍ଦରଗୁଡ଼ିକ ମିଳିତ ଭାବେ ୧୯୦ ନିୟୁତ ଟନ୍ ମାଲ ପରିଚାଳନା କରିଛନ୍ତି। ଯାହା ୨୦୪୭ ବେଳକୁ ୫୦୦ରୁ ୬୦୦ ନିୟୁତ ଟନ୍‌କୁ ବଢ଼ିବ। ଏହି ଲକ୍ଷ୍ୟ ପୂରଣ ଲାଗି ସ୍ୱୟଂ ସମ୍ପୂର୍ଣ୍ଣ ବନ୍ଦର ଭିତ୍ତିଭୂମିରେ ନିବେଶ ସହ ସମ୍ପ୍ରସାରଣ, ଅତ୍ୟାଧୁନିକ ଟେକ୍ନୋଲୋଜି ବ୍ୟବହାର, ତଥ୍ୟଭିତ୍ତିକ କାର୍ଯ୍ୟାନ୍ୱୟନକୁ ଦୃଢ଼ କରିବା, ବୈଷୟିକ ସହଯୋଗକୁ ପ୍ରୋତ୍ସାହନ, ବାଧାମୁକ୍ତ ତଥ୍ୟ ବିନିମୟ, ବିଶ୍ଲେଷଣ ସହଯୋଗିତା ଏବଂ ସାମଗ୍ରିକ ଭାବେ କାର୍ଯ୍ୟ ପରିଚାଳନାର ଉପାଦେୟତା ବୃଦ୍ଧି ଉପରେ ବିଶେଷ ଧ୍ୟାନ ରଖିବେ ରାଜ୍ୟ ସରକାର। ପାରାଦୀପ, ଧାମରା ଏବଂ ଗୋପାଳପୁର ବନ୍ଦରର ସମ୍ପ୍ରସାରଣ ବାଦ୍ ଅସ୍ତରଙ୍ଗ, ସୁବର୍ଣ୍ଣରେଖା, ଇଞ୍ଚୁଡି, ବାହୁଦା ଭଳି ସ୍ଥାନଗୁଡ଼ିକରେ ନୂଆ ବନ୍ଦର ବିକଶିତ ହେଉଛି। ନୌପରିବହନ ଅଭିବୃଦ୍ଧି ଲାଗି ରାଜ୍ୟ ମଧ୍ୟରେ ଜଳପଥ ବିକାଶ ଦ୍ୱାରା ସାମଗ୍ରୀ ପରିବହନ ତ୍ୱରାନ୍ୱିତ ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ ରାଜ୍ୟରେ ୬ ଜାତୀୟ ଜଳପଥ (ଏନ୍‌ଡବ୍ଲ୍ୟୁ) ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ଡେଭଲପର, ପରିବହନକାରୀ, ୟୁଜରଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରି ଏନ୍‌ଡବ୍ଲ୍ୟୁ-୫ ଏବଂ ଏନ୍‌ଡବ୍ଲ୍ୟୁ ୬୪ ବିକାଶ କରାଯିବ। ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ଜଳପଥର ସମ୍ପୂର୍ଣ୍ଣ ସମ୍ଭାବନାକୁ ପରଖିବେ



ରାଜ୍ୟ ସରକାର। ୨୦୪୭ ସୁଦ୍ଧା ଏକ ତୃତୀୟାଂଶ ମାଲ୍ ପରିବହନ ଲକ୍ଷ୍ୟ ନେଇ ଉପକୂଳବର୍ତ୍ତୀ ଆର୍ଥିକ କ୍ଷେତ୍ର (ସିଇଜେଡ୍) ପାଇଁ ନୌବାଣିଜ୍ୟ ଉପକୂଳ ଆଞ୍ଚଳିକ ଯୋଜନା (ଏମ୍‌ସିଆରପି) ମାଧ୍ୟମରେ ବନ୍ଦର ଆଧାରିତ ବିକାଶକୁ ସକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ଅଣ ପ୍ରମୁଖ ବନ୍ଦରଗୁଡ଼ିକର କ୍ଷମତା ୨ ନିୟୁତ ଟନ୍‌କୁ ବଢ଼ାଯିବ। ୨୦୪୭ ସୁଦ୍ଧା ୫ ଲକ୍ଷ କୋଟିର ଜାହାଜ ନିର୍ମାଣ ଏବଂ ମରାମତି ଶିଳ୍ପକୁ ପ୍ରୋତ୍ସାହନ ଦିଆଯିବ। ବିଶ୍ୱବିଦ୍ୟାଳୟରେ ଉତ୍ସର୍ଗୀକୃତ ସାମୁଦ୍ରିକ ଅଧ୍ୟୟନ ବିଭାଗ ଗବେଷଣା, ନବସୃଜନ ଏବଂ ସହଭାଗିତା ଭିତ୍ତିରେ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ଏବେ ସୁବର୍ଣ୍ଣରେଖା ଏବଂ ଅସ୍ତରଙ୍ଗ ବନ୍ଦରର କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ସୂଚନା ମୁତାବକ, ପାରାଦୀପ ବନ୍ଦର ଏବେ ୧୫୦ ନିୟୁତ ଟନ୍‌ରୁ ଊର୍ଦ୍ଧ୍ୱ ମାଲ୍ ପରିବହନ କରିବାକୁ ସକ୍ଷମ ହୋଇଛି। ସେହିଭଳି ଧାମରା ୪୩ ନିୟୁତ ଟନ୍ ମାଲ୍ ପରିଚାଳନା କରିଛି। ୨୦୨୩-୨୪ରେ ରାଜ୍ୟର ବନ୍ଦରଗୁଡ଼ିକ ମିଳିତ ଭାବେ ୧୯୦ ନିୟୁତ ଟନ୍ ମାଲ୍ ପରିଚାଳନା କରିଥିଲେ। ଓଡ଼ିଶା ଦେଶର ପୂର୍ବଭାଗ, ଆସିଆନ ଏବଂ ଇଣ୍ଡୋ-ପାସିଫିକ ଟ୍ରେଡ୍ ରୁଟ୍‌ରେ ଥିବାରୁ ସାମୁଦ୍ରିକ ପରିବହନ କ୍ଷେତ୍ର ଅଭିବୃଦ୍ଧି ରାଜ୍ୟ ଲାଗି ନୂଆ ସୁଯୋଗ ସୃଷ୍ଟି କରିବ। ପାରାଦୀପ ବନ୍ଦର ଏବେ ଏ କ୍ଷେତ୍ରରେ ଏକ ପ୍ରମୁଖ ବନ୍ଦର ଭାବେ ବିକଶିତ ହୋଇସାରିଛି। ପାରାଦୀପ-ହରିଦାସପୁର, ତାଳଚେର-ଅନୁଗୋଳ-କଳିଙ୍ଗନଗର ଶିଳ୍ପାଞ୍ଚଳର ବିକାଶ ବନ୍ଦର ଭିତ୍ତିକ ମାଲ୍ ପରିବହନକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। ଆଦାନି ଭଳି ପ୍ରମୁଖ ବନ୍ଦର କମ୍ପାନିଗୁଡ଼ିକ ରାଜ୍ୟରେ ନିବେଶ କରିଥିବାରୁ ଅଟୋମେଶନ ଏବଂ ଏଲ୍‌ଏନ୍‌ଜି କ୍ଷେତ୍ର ତ୍ୱରାନ୍ୱିତ ହୋଇଛି। ରାଜ୍ୟ ସରକାରଙ୍କ ଯୋଜନା ରାଜ୍ୟ ନୌବାଣିଜ୍ୟ ଦୃଢ଼ୀକରଣରେ ସହାୟକ ହେବ ବୋଲି ଆଶା କରାଯାଉଛି।